ସ୍ୱାଗତଂ ଓଡ଼ିଶା
ଡୁମାଣୀ ଖବର
Dumani Khabar (Odia Daily)
R.N.I. Regd. No. ODIODI/2020/78914
P.O. Regd. No. : BN/290/23-25
Visit us: www.dumanikhabar.in • e-paper.dumanikhabar.in
DUMANI TV
Follow us:

ବର୍ଷ-୬ | ସଂଖ୍ୟା-୪୨ | ସୋମବାର | ୦୫ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-42 | Monday | 05 May 2025 | Bhubaneswar | Pages-8 | Rs. 2.00

# ପାକିସ୍ତାନ ସହ ବିବାଦ ମଧ୍ୟରେ ପିଏମ୍ ମୋଦିଙ୍କୁ ଭେଟିଲେ ବାୟୁସେନା ମୁଖ୍ୟ



ନୂଆଦିଲ୍ଲୀ, ୪।୫ (ହି.ସ): ପହଲଗାମରେ ଆତଙ୍କୀ ହମଲା ପରେ ପାକିସ୍ତାନ ସହ ଭାରତର ବିବାଦ ଜାରି ରହିଛି। ଏହା ଭିତରେ ବାୟୁସେନା ମୁଖ୍ୟ ଏୟାରଚିଫ୍ ମାର୍ଶଲ ଅମର ପ୍ରୀତ ସିଂହ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାକ୍ଷାତ କରିଛନ୍ତି। ଏହା ପୂର୍ବରୁ ନୌସେନା ମୁଖ୍ୟ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାକ୍ଷାତ କରିଥିଲେ। ନୌସେନା ମୁଖ୍ୟ ଆଡମିରାଲ ଦିନେଶ ତ୍ରିପାଠି ଶନିବାର ଲୋକକଲ୍ୟାଣ ମାର୍ଗ ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପିଏମ୍ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ସେଭଳି କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ସେନା ମୁଖ୍ୟଙ୍କ ସହ ବୈଠକ କରିଥିଲେ। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ସାମିଲ ଥିଲେ। ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବାୟୁସେନା ମୁଖ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବୈଠକ କରିଥିଲେ। ସେ ଏହାଛଡା ଆଉ ଅଧିକ କୌଣସି ସୂଚନା ଦେଇନଥିଲେ। ୨୨ ଅପ୍ରେଲରେ ପହଲଗାମରେ ଆତଙ୍କୀ ହମଲା ପରେ କ୍ୟାବିନେଟ୍ କମିଟି ଅନ୍ ସିକ୍ୟୁରିଟି (ସିସିଏସ)ଙ୍କ ମଧ୍ୟ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଏହାପରେ ସରକାର ସେନାକୁ ଆକ୍ସନ ନେବାକୁ ସବୁ କ୍ଷମତା ଦେଇଛନ୍ତି। ଗୁଇନ୍ଦା ଏଜେନ୍ସି ରିପୋର୍ଟରେ ପୂର୍ବରୁ କୁହାଯାଇଥିଲା ଯେ, ୧୯ ଅପ୍ରେଲ ନିକଟରେ ଆତଙ୍କୀ ହମଲା କରିବାର ଯୋଜନା ଥିଲା। • ପୃଷ୍ଠା ୭ ଦେଖନ୍ତୁ...

‘ବିଶ୍ୱସ୍ତରରେ ଭାରତର ସ୍ୱଦେଶୀ କ୍ରୀଡାର ଉତ୍ଥାନ’ - ୱେଭ୍ସ ୨୦୨୫ରେ ଭାରତର କ୍ରୀଡା ଐତିହ୍ୟକୁ ପାଳନ ଏବଂ ଜଗତୀକରଣ କରିବା ପାଇଁ ଆହ୍ୱାନ

# ‘ସ୍ୱଦେଶୀ ଖେଳ କେବଳ ଶାରୀରିକ ପ୍ରତିଯୋଗିତା ନୁହେଁ, ବରଂ ଆମ ସମ୍ପ୍ରଦାୟ, ପରମ୍ପରା ଏବଂ ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ’



ମୁମ୍ବାଇ, ୪।୫ (ପିଆଇବି): ଶନିବାର ମୁମ୍ବାଇର ୱେଭ୍ସରେ ଅନୁଷ୍ଠିତ ଏକ ଉତ୍ସାହୀ ଏବଂ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ପ୍ୟାନେଲ୍ ଆଲୋଚନାରେ, ସ୍ୱଦେଶୀ କ୍ରୀଡାର ସମୃଦ୍ଧ ଐତିହ୍ୟ ଏବଂ ଭାରତୀୟ କ୍ଷେତ୍ରରୁ ବିଶ୍ୱସ୍ତରୀୟ କ୍ଷେତ୍ରକୁ ସେମାନଙ୍କର ବୃଦ୍ଧି ପାଉଥିବା ଯାତ୍ରା ଉପରେ ଆଲୋକପାତ କରାଯାଇଥିଲା। ସ୍ୱଦେଶୀ କ୍ରୀଡ଼ା: ଭାରତରୁ ବିଶ୍ୱ ମଞ୍ଚ ପର୍ଯ୍ୟନ୍ତ ଶୀର୍ଷକ ଏହି ଅଧିବେଶନରେ ପ୍ରଭାବଶାଳୀ ନୀତି ନିର୍ଦ୍ଧାରକ, ପ୍ରସିଦ୍ଧ କ୍ରୀଡ଼ାବିତ, କ୍ରୀଡ଼ା ଉଦ୍ୟୋଗୀ ଏବଂ ଚିନ୍ତାନାୟକମାନେ ଏକ ସମାନ ଦୃଷ୍ଟିକୋଣ : ଭାରତର ସ୍ୱଦେଶୀ କ୍ରୀଡ଼ାକୁ ଅନ୍ତର୍ଜାତୀୟ ସ୍ୱୀକୃତି ଏବଂ ସଫଳତା ପାଇଁ ପ୍ରେରିତ କରିବା ପ୍ରସଙ୍ଗ ନେଇ ଏକତ୍ରିତ ହୋଇଥିଲେ। ମୁଖ୍ୟବକ୍ତବ୍ୟ ପ୍ରଦାନ କରି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତରେ ସ୍ୱଦେଶୀ କ୍ରୀଡାର ଗଭୀର ସାଂସ୍କୃତିକ ଆଧାର ଉପରେ ଆଗ୍ରହର ସହିତ ଆଲୋକପାତ କରିଥିଲେ। ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଶକ୍ତି କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ପାଇଁ କୃତଜ୍ଞତା ପ୍ରକାଶ କରି ସେ କହିଥିଲେ ଯେ ଏହି ଖେଳଗୁଡ଼ିକ କେବଳ ଶାରୀରିକ ପ୍ରତିଯୋଗିତା ନୁହେଁ: ଏଗୁଡ଼ିକ ଆମ ସମ୍ପ୍ରଦାୟ, ଆମର ପରମ୍ପରା ଏବଂ ଆମର ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଶ୍ରୀ ମାଝୀ ଆହୁରି ଆଲୋକପାତ କରିଥିଲେ ଯେ, ସକ୍ରିୟ ଆଦିବାସୀ ସମ୍ପ୍ରଦାୟର ବାସସ୍ଥାନ ଓଡ଼ିଶା ଏହି ପ୍ରାଚୀନ ଖେଳଗୁଡ଼ିକୁ ସଂରକ୍ଷଣ କରି ରଖିଛି ଏବଂ ଏକ କ୍ରୀଡା କେନ୍ଦ୍ର ଭାବରେ ଉଭା ହେଉଛି। ଆମେ ଗ୍ରାମୀଣ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ ପ୍ରତ୍ୟେକ ପ୍ରତିଭାଶାଳୀ ଖେଳାଳି ଯେପରି ତାଙ୍କର ଚମକ ଦେଖାଇବା ପାଇଁ ଏକ ପ୍ଲାଟଫର୍ମ ପାଇବେ ତାହା ନିଶ୍ଚିତ କରିବାକୁ ପ୍ରତିବଦ୍ଧ ବୋଲି ସେ କହିଥିଲେ। କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡସେ ଏହି ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ବିଷୟରେ ଏକ ଅର୍ଥପୂର୍ଣ୍ଣ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୱେଭ୍ସ୍‌ମ କୁହାର୍ଦ୍ଦିକ କୃତଜ୍ଞତା ଜଣାଇଥିଲେ। ଖେଲୋ ଇଣ୍ଡିଆ ପଦକ୍ଷେପ ତୃଣମୂଳ ସ୍ତରର ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟ କ୍ରୀଡାର ଭବିଷ୍ୟତ ଗଠନ କରିବାରେ ଏକ ପରିବର୍ତ୍ତନକାରୀ ଶକ୍ତି ପ୍ରମାଣିତ ହେଉଛି, ବୋଲି ସେ ମନ୍ତବ୍ୟ ଦେଇଥିଲେ। ସେ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ, କ୍ରୀଡା କେବଳ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ ନାହିଁ, ବରଂ ସମ୍ପର୍କକୁ ମଜବୁତ କରେ ଏବଂ ଏକତାକୁ ପ୍ରୋତ୍ସାହିତ କରେ - ଯାହା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସାରକୁ ପ୍ରତିଫଳିତ କରେ। ପ୍ରୋ କବାଡି ଲିଗର ଲିଗ୍ କମିଶନର ଅନୁପମ ଗୋସ୍ୱାମୀ ଏକ କ୍ରୀଡା ବଜାର ଭାବରେ ଭାରତର ବିଶାଳ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଆମକୁ ସ୍ୱଦେଶୀ କ୍ରୀଡାକୁ ପ୍ରୋତ୍ସାହିତ କରି ଏହି ସୁଯୋଗକୁ ସଦୁପଯୋଗ କରିବାକୁ ପଡିବ, ଯାହାର ଭାବନାତ୍ମକ ଏବଂ ସାଂସ୍କୃତିକ ମୂଲ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ସେ ଆହୁରି ମଧ୍ୟ କହିଥିଲେ। ଇରାନର ଜଣେ ପ୍ରତିଷ୍ଠିତ ପିକେଏଲ୍ କ୍ରୀଡାବିତ ଫାଜେଲ ଅତ୍ରାଚଲି, କବାଡି ଜୀବନକୁ କିପରି ପରିବର୍ତ୍ତନ କରିଛି ତାହା କହିଥିଲେ। ପିକେଏଲକୁ ଧନ୍ୟବାଦ, କବାଡି ଏକ ବୃତ୍ତିଗତ ଖେଳ ପାଲଟିଛି, ଯାହା ଖେଳାଳିମାନଙ୍କୁ ପ୍ରସିଦ୍ଧି ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ କରୁଛି ବୋଲି କହିବା ସହିତ ଫାଜେଲ ଆନନ୍ଦ ପ୍ରକାଶ କରିଥିଲେ। ଇଂଲିସ୍ କ୍ରିକେଟ୍ ବୋର୍ଡର ନିୟାମକ ଅଧ୍ୟକ୍ଷ ନିକ୍ କାଉର୍ଡ ଜଗତୀକରଣ ଏବଂ ଆଧୁନିକ ବିତରଣ ଚ୍ୟାନେଲର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବ୍ୟାପୀ ପାରମ୍ପରିକ କ୍ରୀଡାକୁ ଲୋକପ୍ରିୟ କରିବା ପାଇଁ, ଆମକୁ ଇ-କ୍ରୀଡା ସମେତ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକୁ ଗ୍ରହଣ କରିବାକୁ ପଡିବ ବୋଲି ସେ ସ୍ପଷ୍ଟ କରିଥିଲେ। ଖୋ-ଖୋ ମହାସଂଘର ସଭାପତି ସୁଧାଂଶୁ ମିତ୍ତଲ ପ୍ରକାଶ କରିଛନ୍ତି ଯେ, ଖୋ-ଖୋ ବର୍ତ୍ତମାନ ୫୫ଟି ଦେଶରେ ଖେଳାଯାଉଛି, ବର୍ଷ ଶେଷ ସୁଦ୍ଧା ୯୦ରୁ ଅଧିକ ଦେଶରେ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଛି। ଆମର ସ୍ୱଦେଶୀ ଖେଳଗୁଡ଼ିକ ଅନନ୍ୟ-ଏଥିପାଇଁ ଅଧିକ ରଣନୀତି, ସହନଶକ୍ତି ଏବଂ ମନୋବଳର ଆବଶ୍ୟକତା ରହିଛି। ଏଗୁଡ଼ିକର ବିଶ୍ୱବ୍ୟାପୀ ଆକର୍ଷଣ ରହିଛି। କିନ୍ତୁ ଏଗୁଡ଼ିକୁ ସରକାରୀ ସମର୍ଥନ, ବ୍ରାଣ୍ଡିଂ ଏବଂ କୂଟନୈତିକ • ପୃଷ୍ଠା ୭ ଦେଖନ୍ତୁ...

# ୧୦୦୮ଟି ସଂସ୍କୃତ ସମ୍ଭାଷଣ ଶିବିରର ଉଦଯାପନୀ ଉତ୍ସବରେ ଯୋଗ ଦେଲେ ଅମିତ ଶାହ



ନୂଆଦିଲ୍ଲୀ, ୪।୫ (ପିଆଇବି): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ରବିବାର ନୂଆଦିଲ୍ଲୀରେ ୧୦୦୮ଟି ସଂସ୍କୃତ ସମ୍ଭାଷଣ ଶିବିରର ଭବ୍ୟ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନିଜର ଅଭିଭାଷଣରେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ୧୦୦୮ଟି ସଂସ୍କୃତ ସମ୍ଭାଷଣ ଶିବିର ଆୟୋଜନ କରିବାରେ ସଂସ୍କୃତ ଭାରତୀର ଉଲ୍ଲେଖନୀୟ ଏବଂ ସାହସିକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଔପନିବେଶିକ ଶାସନର ପୂର୍ବରୁ ସଂସ୍କୃତର ଅବନତି ଆରମ୍ଭ ହୋଇଥିଲା ଏବଂ ଏହାର ପୁନରୁଦ୍ଧାର ପାଇଁ ସମୟ ଏବଂ ନିରନ୍ତର ପ୍ରୟାସ ଆବଶ୍ୟକ ହେବ। ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସଂସ୍କୃତର ପୁନରୁତ୍ଥାନ ପାଇଁ ସାରା ଦେଶରେ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସରକାର, ଜନସାଧାରଣ ଏବଂ ସାମୂହିକ ମାନସିକତା ସମସ୍ତେ ସଂସ୍କୃତର ପୁନରୁଦ୍ଧାର ଏବଂ ପ୍ରଚାର ପାଇଁ ଦୃଢ ଭାବରେ ଉତ୍ସର୍ଗୀକୃତ ଏବଂ ପ୍ରତିଶ୍ରୁତିବଦ୍ଧ। ଅମିତ ଶାହ କହିଥିଲେ ଯେ ୧୯୮୧ ମସିହାରୁ ସଂସ୍କୃତ ଭାରତୀ ସଂସ୍କୃତରେ ଉପଲବ୍ଧ ବ୍ୟାପକ ଜ୍ଞାନକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ସଂସ୍କୃତ କହିବା ଏବଂ ଶିଖିବା ପାଇଁ ତାଲିମ ଦେବା ଏବଂ ସକ୍ଷମ କରିବା ପାଇଁ କାର୍ଯ୍ୟ କରିଆସୁଛି। ସେ ଉଲ୍ଲେଖ କରିଥିଲେ ଯେ ବିଶ୍ୱର ଅନେକ ପ୍ରସିଦ୍ଧ ବିଦ୍ୱାନ ସଂସ୍କୃତକୁ ସର୍ବାଧିକ ବିଜ୍ଞାନ ସମ୍ମତ ଭାଷା ଭାବେ • ପୃଷ୍ଠା ୭ ଦେଖନ୍ତୁ...

# ୪ ଦିନ କାଳବୈଶାଖୀ ପ୍ରକୋପ ଅଧିକ, ୮ରୁ ୧୪ ଯାଏ ବଢିବ ତାତି

ଭୁବନେଶ୍ୱର, ୪।୫ (ଡିକେ ନ୍ୟୁଜ୍): ପାରଳାଖେମୁଣ୍ଡି, ବୌଦ୍ଧ ଓ ଭୁବନେଶ୍ୱର ସମେତ ଅନେକ ସ୍ଥାନରେ ଶନିବାର କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା, ପବନ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗି ପଡ଼ିଥିବା ବେଳେ ବିଦ୍ୟୁତ ସଂଯୋଗ ବ୍ୟାହତ ହୋଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ହେଲା, କାଳବୈଶାଖୀ ପ୍ରକୋପ ଆହୁରି ୪ଦିନ ଯାଏ ରହିବ। ରାଜ୍ୟର ଅନେକ ସ୍ଥାନରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା, ପବନ, କୁଆପଥର ମାଡ଼ ଆଶଙ୍କା ରହିଛି। ଏହାର ପ୍ରଭାବରେ ତାପମାତ୍ରା ବଢିବନି। ୮ ତାରିଖଠାରୁ ରାଜ୍ୟରେ ତାତି ବଢିବା ସମ୍ଭାବନା ଅଛି। ଆସନ୍ତା ୮ରୁ ୧୪ ତାରିଖ ଭିତରେ ପୁଣି ତାପମାତ୍ରା ୧ରୁ ୩ ଡିଗ୍ରୀ ସେଲସିୟସ୍ ବଢିପାରେ। ଅଳ୍ପ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଲେଉଟିପାରେ। ଶନିବାର ଦିନବେଳା ପାରଳାଖେମୁଣ୍ଡିରେ ୧୬.୬ ମିଲିମିଟର ବର୍ଷା ହୋଇଥିବା ବେଳେ ସନ୍ଧ୍ୟାରେ ବୌଦ୍ଧ, ଭୁବନେଶ୍ୱର ଓ କଟକରେ ଘଡ଼ଘଡ଼ି ସହ ବର୍ଷା, ପବନ ହୋଇଥିଲା। ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ହେଲା, ସୋମବାର ଅନେକ ସ୍ଥାନରେ ଅପରାହ୍ନ କିମ୍ବା ସନ୍ଧ୍ୟାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମଧ୍ୟାହ୍ନରୁ ସନ୍ଧ୍ୟା ସମୟରେ ବିଜୁଳି ଘଡ଼ଘଡ଼ି ଓ କୁଆପଥର ସହ ପ୍ରବଳ ବର୍ଷା ଏବଂ ୫୦-୬୦ କିମି ବେଗରେ ପବନ ବୋହିବାର ଆଶଙ୍କା ଅଛି। ଏସବୁ ଜିଲ୍ଲା ପାଇଁ କମଳା ରଙ୍ଗର ଚେତାବନୀ ଜାରି କରାଯାଇଛି। ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୁଳ, ଢେଙ୍କାନାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ପ୍ରଭାବରେ ୫୦-୬୦ କିମି ବେଗରେ ପବନ, ବିଜୁଳି ଘଡ଼ଘଡ଼ି ହୋଇପାରେ। କଳାହାଣ୍ଡି, କନ୍ଧମାଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁରରେ ବିଜୁଳି, ଘଡ଼ଘଡ଼ି ସହ ୪୦-୫୦ କିମି ପବନ ଆଶଙ୍କା ଅଛି। • ପୃଷ୍ଠା ୭ ଦେଖନ୍ତୁ...

## ମହଙ୍ଗା ପଡିଲା ଦ୍ୱନ୍ଦ୍ୱାତ୍ମକ ବୟାନ, ରାମକୃଷ୍ଣଙ୍କୁ କୈଫିୟତ ତଲବ

# ସାତ ଦିନରେ ସନ୍ତୋଷଜନକ ଉତ୍ତର ନଦେଲ କାର୍ଯ୍ୟାନୁଷ୍ଠାନ ଚେତାବନୀ

ପୁରୀ, ୩।୫ (ଡିକେ ନ୍ୟୁଜ): ଦ୍ୱନ୍ଦ୍ୱାତ୍ମକ ବୟାନ ଦେଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଗଣିତ ଭକ୍ତ ଶ୍ରଦ୍ଧାଳୁଙ୍କ ମନରେ ବିଭ୍ରାନ୍ତି ସୃଷ୍ଟି କରିବା ସହିତ ଶ୍ରୀମନ୍ଦିର ଗରିମାକୁ କ୍ଷୁର୍ଣ୍ଣ କରିଥିବା ଅଭିଯୋଗରେ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ କୈଫିୟତ ତଲବ କରିଛି ଶ୍ରୀମନ୍ଦିର ପ୍ରଶାସନ। ନୋଟିସ ପାଇବାର ୭ ଦିନ ମଧ୍ୟରେ କୈଫିୟତ ଦାଖଲ କରିବାକୁ ସମୟ ଦିଆଯାଇଛି। ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ସନ୍ତୋଷଜନକ ଉତ୍ତର ନମିଳିଲେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁଯାୟୀ ଦୃଢ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ପକ୍ଷରୁ ଜାରି କରାଯାଇଥିବା ନୋଟିସରେ କୁହାଯାଇଛି। ପଶ୍ଚିମବଙ୍ଗ ଦୀଘାରେ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ଯୋଗଦାନ କରି ଶ୍ରୀମନ୍ଦିର ଚତୁର୍ଦ୍ଧାମୂର୍ତ୍ତିଙ୍କର ନବକଳେବର ବଳକା ଦାରୁରେ ନିର୍ମିତ ମୂର୍ତ୍ତି ସେହି ଦୀଘା ମନ୍ଦିରକୁ ପ୍ରଦାନ କରିଥିବା ସେ ବଙ୍ଗୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇଥିବା ଅଭିଯୋଗ ହୋଇଥିଲା। ପରେ ଓଡିଶା ଗଣମାଧ୍ୟମରେ ରାମକୃଷ୍ଣ ଏହାକୁ ଖଣ୍ଡନ କରିବା ସହିତ ଅନ୍ୟ ନିମ୍ବ କାଠରେ ବିଗ୍ରହ ନିର୍ମାଣ କରି ନେଇ ନିଜେ ତାହାକୁ ପ୍ରତିଷ୍ଠା କରିଥିବା କହିଥିଲେ। ନବକଳେବରରେ ସଂଗୃହୀତ ଦାରୁ ମଧ୍ୟରୁ ବଳକା ଦାରୁ ଶ୍ରୀମନ୍ଦିର ଦାରୁଘରରେ ସଂରକ୍ଷିତ ରହିବାର ବିଧି ରହିଥିବାବେଳେ ଆବଶ୍ୟକ ସମୟରେ କେବଳ ଶ୍ରୀଜିଉମାନଙ୍କ ବ୍ୟବହାରରେ ବିନିଯୋଗର ପରମ୍ପରା ରହିଛି। ଜଣେ ଅଭିଜ୍ଞ ତଥା ବରିଷ୍ଠ ଦଇତାପତି ଭାବେ ସେନେଇ ଅବଗତ ଥାଇ ମଧ୍ୟ ଶ୍ରୀଦାସ ମହାପାତ୍ର ଏଭଳି ବୟାନ ଦେବା ଫଳରେ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି ହୋଇଥିବା ନୋଟିସରେ କୁହାଯାଇଛି। ଦଇତାପତି ଶ୍ରୀଦାସମହାପାତ୍ରଙ୍କ ଦ୍ୱନ୍ଦ୍ୱାତ୍ମକ ବୟାନ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଲୋଡ଼ନ ସୃଷ୍ଟି କରିବା ସହ ସେମାନଙ୍କ ଧାର୍ମିକ ଭାବନାରେ ଗଭୀର ଆଘାତ ଦେଇଥିଲା। ଏଥିସହ ଶ୍ରୀମନ୍ଦିରର ଗରିମା ଓ ଐତିହ୍ୟକୁ କ୍ଷୁର୍ଣ୍ଣ କରିଥିବା ନୋଟିସରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ପଶ୍ଚିମବଙ୍ଗ ଦୀଘାଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାକୁ ନେଇ ବିବାଦ ଜୋର ଧରିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା। ଶନିବାର ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତୁହାକୁ ତୁହା ବୈଠକ କରାଯାଇଥିଲା। ଦେଉଳକରଣ, ତଢ଼ାଉକରଣ, ପାଟଯୋଶୀ ମହାପାତ୍ରଙ୍କ ସହ ଆଲୋଚନା କରାଯାଇଥିଲା। ବାଡଗ୍ରାହୀମାନଙ୍କ ସହ ମଧ୍ୟ ବୈଠକ ହୋଇଥିଲା। ଦିଘାରେ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିର ଧାମ ନୁହେଁ। ତେଣୁ ଧାମକୁ ବାଦ ଦେବା ପାଇଁ ରାଜ୍ୟ ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ଲିଖିତ ଭାବେ ଜଣାଇବା ଦରକାର। ଗୋଟିଏ ସ୍ଥାନରେ ପଥର ମୂର୍ତ୍ତି ଓ କାଠ ମୂର୍ତ୍ତି ପୂଜିତ ହେବା ଶାସ୍ତ୍ର ବିରୋଧୀ। ଶ୍ରୀମନ୍ଦିରରେ ଗଚ୍ଛିତ ଥିବା ଦାରୁ ସୁରକ୍ଷିତ ରହିଥିବା ବେଳେ ସେହି ଦାରୁରୁ ଦୀଘାରେ ପ୍ରତିଷ୍ଠିତ ବିଗ୍ରହ ହୋଇନଥିବା ନେଇ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ମତ ଦେଇଥିଲେ। ଯେଉଁ ଦଇତାପତି ସେବାୟତମାନେ ଦୀଘାରେ ପ୍ରତିଷ୍ଠା କାର୍ଯ୍ୟରେ ଯୋଗ ଦେଇଛନ୍ତି ସେମାନେ ଭୁଲ କରିଛନ୍ତି। ସେହି ଦଇତାପତିମାନଙ୍କୁ ଡାକି ପଚରାଉଚରା କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଏନେଇ ତିନି ବିଶ୍ୱକର୍ମା ମହାରଣାଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା। ବଳକା ରହିଥିବା କାଠରେ ବିଗ୍ରହ ନିର୍ମାଣ ସମ୍ଭବ ନୁହେଁ ବୋଲି ସେମାନେ ମତ • ପୃଷ୍ଠା ୭ ଦେଖନ୍ତୁ...







# ଘାଟିରୁ ଖସିଲା ସେନା ଟ୍ରକ୍: ୩ ଯବାନ ଶହୀଦ



ଶ୍ରୀନଗର, ୪।୫ (ହି.ସ): ଜମ୍ମୁ-କଶ୍ମୀରର ରାମବନ ଜିଲ୍ଲାର ବ୍ୟାଟେରି ଚଷ୍ମା ନିକଟରେ ଏକ ସେନା ଟ୍ରକ୍ ଘାଟିରୁ ପ୍ରାୟ ୨୦୦-୩୦୦ ମିଟର ତଳକୁ ଖସି ପଡ଼ିଛି। ଫଳରେ ୩ ଯବାନ ଶହୀଦ ହୋଇଛନ୍ତି। ପୋଲିସ, ଏସଡିଆର୍‌ଏଫ୍, ସେନା ଏବଂ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଏହି ଟ୍ରକ୍ଟି ଜମ୍ମୁରୁ ଶ୍ରୀନଗର ଯାଉଥିଲା ଏବଂ ମୃତକମାନଙ୍କୁ ରାମବନ ଜିଲା ହସ୍ପିଟାଲକୁ ଅଣାଯାଉଛି। ଦୁର୍ଘଟଣାର କାରଣ ଖୋଜା ଚାଲିଛି। ଅଧିକାରୀମାନେ କହିଛନ୍ତି ଯେ, ଦୁର୍ଘଟଣାଟି ରବିବାର ପୂର୍ବାହ୍ନରେ ଜାତୀୟ ରାଜପଥ-୪୪ର ବ୍ୟାଟେରି ଚଷ୍ମା ନିକଟରେ ଘଟିଥିଲା। ଏହି ସେନା ଟ୍ରକଟି ଜମ୍ମୁରୁ ଶ୍ରୀନଗର ଯାଉଥିବା ଏକ କନଭୟର ଅଂଶ ଥିଲା। ଏହି ସମୟ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ତୁରନ୍ତ, ଏସଡିଆର୍‌ଏଫ୍, ପୋଲିସ, ସେନା ଏବଂ ସ୍ଥାନୀୟ ସ୍ୱେଚ୍ଛାସେବକମାନଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅଧିକାରୀଙ୍କ ଅନୁଯାୟୀ, ଦୁର୍ଘଟଣା ଏତେ ଦୁଃଖଦ ଥିଲା ଯେ ଦୁର୍ଘଟଣା ପରେ ଗାଡ଼ିଟି ଲୁହା ଗଦାରେ • ପୃଷ୍ଠା ୭ ଦେଖନ୍ତୁ...



# ଭାରତ ପାକ୍ ସହ ବ୍ୟବସାୟିକ ସମ୍ପର୍କ ଛିନ୍ନ



**ନୂଆଦିଲ୍ଲୀ,(ହି.ସ):** ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ବିରୋଧରେ ଭାରତ ଆଉ ଏକ ଶକ୍ତ ପଦକ୍ଷେପ ଘୋଷଣା କରିଛି। ବାଣିଜ୍ୟ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ, ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ପାକିସ୍ତାନରୁ ଆସୁଥିବା କିମ୍ବା ରପ୍ତାନି ହେଉଥିବା ସମସ୍ତ ସାମଗ୍ରୀର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଆମଦାନି କିମ୍ବା ପରିବହନ ଉପରେ କଟକଣା ରହିବ। ଜାତୀୟ ନିରାପତ୍ତା ଓ ସାର୍ବଜନୀନ ନୀତିକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା କରାଯାଇଛି। ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟର ଅନ୍ୟ ଏକ ଆଦେଶରେ କୁହାଯାଇଛି ଯେ, ପାକିସ୍ତାନର ପତାକା ଧାରଣ କରୁଥିବା ଜାହାଜକୁ କୌଣସି ଭାରତୀୟ ବନ୍ଦରକୁ ଯିବାକୁ ଅନୁମତି ଦିଆଯିବ ନାହିଁ। ଭାରତୀୟ ସମ୍ପତ୍ତି, କାର୍ଗୋ ଓ ସଂଯୁକ୍ତ ଭିତ୍ତିଭୂମିର ସୁରକ୍ଷା ସୁନିଶ୍ଚିତ କରିବା, ଜନସ୍ୱାର୍ଥ ଓ ଭାରତୀୟ ଜାହାଜ ଚଳାଚଳର ସ୍ୱାର୍ଥ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଭାରତ-ପାକ୍ ଉତ୍ତେଜନା ବଢୁଥିବା ବେଳେ ଦୁଇ ଦେଶ ମଧ୍ୟରେ ସୀମା ଅଟାରୀ-ୱାଘା ଦେଇ ବାଣିଜ୍ୟ ବନ୍ଦ କରିବାକୁ ନୂଆଦିଲ୍ଲୀ ପୂର୍ବରୁ ଘୋଷଣା କରିସାରିଥିଲା। ପାକିସ୍ତାନ ମଧ୍ୟ ଭାରତ ସହ ସମସ୍ତ ବାଣିଜ୍ୟ ବନ୍ଦ କରିଦେଇଛି। ୨୦୧୯ରେ ପୁଲୱାମା ଆକ୍ରମଣରେ ୪୦ରୁ ଅଧିକ ଯବାନ ସହିଦ ହେବା ପରେ ଭାରତ ପାକିସ୍ତାନଠାରୁ ସର୍ବାଧିକ ଅନୁଗୃହୀତ ରାଷ୍ଟ୍ର (ଏମ୍‌ଏଫ୍‌ଏନ୍) ମାନ୍ୟତା ପ୍ରତ୍ୟାହାର କରିବା ପରେ ଦୁଇ ଦେଶ ମଧ୍ୟରେ ପ୍ରତ୍ୟକ୍ଷ ବାଣିଜ୍ୟ ଦ୍ରୁତ ଗତିରେ ହ୍ରାସ ପାଇଥିଲା। ଅଟାରୀ-ୱାଘା ସୀମାରେ ୨୦୨୩-୨୪ରେ ୩,୮୮୬.୫୩ କୋଟି ଟଙ୍କାର ବାଣିଜ୍ୟ ହୋଇଥିଲା। ଭାରତର ଏହି ପଦକ୍ଷେପ ପାକିସ୍ତାନର କ୍ଷୁଦ୍ର ବ୍ୟବସାୟୀ ଓ ଉତ୍ପାଦନକାରୀଙ୍କ ଉପରେ ଗଭୀର ଅର୍ଥନୈତିକ ପ୍ରଭାବ ପକାଇବ ବୋଲି କୁହାଯାଉଛି। ଗତ କିଛି ବର୍ଷ ମଧ୍ୟରେ ପାକିସ୍ତାନରୁ ଭାରତର ଆମଦାନି ନଗଣ୍ୟ ଥିବା ବେଳେ ବାଣିଜ୍ୟ କଟକଣାକୁ ଏଡ଼ାଇବା ପାଇଁ କିଛି ସାମଗ୍ରୀ ଦୁବାଇ, ସିଙ୍ଗାପୁର ଓ କଲମ୍ବୋ ବନ୍ଦର ଦେଇ ପରିବହନ କରାଯାଉଥିଲା। ତେବେ ଔଷଧ ଯୋଗାଣ ପାଇଁ ପାକିସ୍ତାନ ଭାରତ ଉପରେ ନିର୍ଭରଶୀଳ। ଭାରତ ସମସ୍ତ ପ୍ରକାର ବାଣିଜ୍ୟ ବନ୍ଦ କରିଦେଇଥିବାରୁ ଆତଙ୍କିତ ପାକିସ୍ତାନ ନିଜର ଔଷଧ ଆବଶ୍ୟକତା ପୂରଣ ପାଇଁ ବିକଳ୍ପ ବାଟ ଖୋଜିବା ଆରମ୍ଭ କରିଛି। ପାକିସ୍ତାନ ଶନିବାର ୪୫୦ କିଲୋମିଟର ଦୂରତାବିଶିଷ୍ଟ ଭୂପୃଷ୍ଠରୁ ଭୂପୃଷ୍ଠକୁ କ୍ଷେପଣ କରାଯାଇ ପାରୁଥିବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରିଛି। ଅବ୍ଦାଲି ୱିପନ୍ ସିଷ୍ଟମ୍ ନାମରେ ପରିଚିତ ଏହି କ୍ଷେପଣାସ୍ତ୍ର 'ଏକ୍ସରସାଇଜ୍ ଇଣ୍ଡସ୍' ନାମକ ସାମରିକ ଅଭ୍ୟାସର ଏକ ଅଂଶ ଭାବରେ ପରୀକ୍ଷଣ କରାଯାଇଛି। ପାକିସ୍ତାନର ଆଣବିକ କ୍ଷମତାସମ୍ପନ୍ନ କ୍ଷେପଣାସ୍ତ୍ର ପରିଚାଳନା କରୁଥିବା ଆର୍ମି ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡ (ଏଏସ୍‌ଏଫ୍‌ସି) ଅଧୀନରେ ସୋନମିଆନି ରେଞ୍ଜରେ ଏହି ପରୀକ୍ଷଣ କରାଯାଇଛି। ଏକ ବିବୃତିରେ ପାକିସ୍ତାନୀ ସେନା କହିଛି, ଯେକୌଣସି ଆକ୍ରମଣରୁ ଜାତୀୟ ନିରାପତ୍ତାକୁ ସୁରକ୍ଷିତ ରଖିବା ପାଇଁ ସୈନ୍ୟଙ୍କ ଅପରେସନାଲ ପ୍ରସ୍ତୁତି ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ପରୀକ୍ଷଣ କରାଯାଇଛି। ପାକିସ୍ତାନ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିବ ବୋଲି ଭାରତ ଅନୁମାନ କରୁଥିଲା। ଭାରତ ପାକିସ୍ତାନର ଏଭଳି ପଦକ୍ଷେପକୁ ବେପରୁଆ ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟ ଭାବେ ବିବେଚନା କରୁଛି। ଭାରତର ସାମରିକ ପ୍ରତିଶୋଧ ଭୟରେ ଆତଙ୍କିତ ପାକିସ୍ତାନ ଆରବ ସାଗରରେ ନୌସେନା ଅଭ୍ୟାସକୁ ଜୋରଦାର କରିବା ସହ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଓ ଅନ୍ତର୍ଜାତୀୟ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଇତିମଧ୍ୟରେ ପାକିସ୍ତାନ ବାୟୁସେନା ଏକାସାଙ୍ଗରେ ତିନିଟି ଅଭ୍ୟାସ କରୁଛି ଯେଉଁଥିରେ ଏଫ୍-୧୬, ଜେ-୧୦ ଏବଂ ଜେଏଫ୍-୧୭ ସମେତ ସମସ୍ତ ପ୍ରମୁଖ ଲଢୁଆ ବିମାନ ସାମିଲ ଅଛି। ଏଥିସହିତ ସୀମାରେ ଆଗୁଆ ସ୍ଥାନରେ ଏୟାର ଡିଫେନ୍ସ ଓ ଆର୍ଟିଲାରି ୟୁନିଟ୍ ମୁତୟନ କରାଯାଇଛି। ରାଜସ୍ଥାନର ବାରମେରର ଲଙ୍ଗେୱାଲା ସେକ୍ଟର ନିକଟରେ ଅତ୍ୟାଧୁନିକ ରାଡାର ସିଷ୍ଟମ୍ ଲଗାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସେନାକୁ ସମ୍ପୂର୍ଣ୍ଣ ଅପରେସନାଲ୍ ସ୍ୱାଧୀନତା ଦେବା ପରଠାରୁ ପାକିସ୍ତାନ ହାଇ ଆଲର୍ଟରେ ରହିଛି।

## ନାଉଗାଁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର ନବୀକରଣ




**ନାଉଗାଁ,(ଡିକେ ନ୍ୟୁଜ୍):** ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ନାଉଗାଁ ଶାଖାକୁ ନବୀକରଣ କରାଯାଇଥିବା ବେଳେ ଏହାକୁ ଶନିବାର ଉଦ୍‌ଘାଟନ କରାଯାଇଛି। ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ସୈଲେଶ କୁମାର ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶାଖାକୁ ଉଦ୍‌ଘାଟନ କରିବା ସହ ବ୍ୟାଙ୍କ ନବୀକରଣ ହେବା ଦ୍ୱାରା ବ୍ୟାଙ୍କର ଉପଭୋକ୍ତାମାନେ ଉନ୍ନତ ସେବା ପାଇ ପାରିବେ ବୋଲି ମତବ୍ୟକ୍ତ କରିଥିଲା। ତାଙ୍କ ସହିତ ପାରାଦୀପର ଆଞ୍ଚଳିକ ପରିଚାଳକ ଦେବାଶିଷ ରଥ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶାଖା ପରିଚାଳକ ପ୍ରଣୟ କୁମାର ସାମଲ ପରିଚାଳନା କରୁଥିବା ବେଳେ ସହଯୋଗୀ ପ୍ରଭାତ କୁମାର ସେଠୀ, ରମାକାନ୍ତ ସ୍ୱାଇଁ, ଶିବ ଶଙ୍କର ପାହିଲ, ଅନନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ବେନେଲି, କିୱେ, ମୋଟୋ ଭଲ୍ଟ ପକ୍ଷରୁ ଭୁବନେଶ୍ୱରରେ ନୂଆ ଡିଲରସିପ ଉଦ୍‌ଘାଟିତ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ବେନେଲି, କୀୱେ, ମୋଟୋ ଭଲ୍ଟ ଇଣ୍ଡିଆ, ଉନ୍ନତ ଉପଲବ୍ଧତା ଓ ପ୍ରିମିୟମ ଗ୍ରାହକ ସେବା ପ୍ରଦାନ କରିବା ପାଇଁ ଏହାର ଭୁବନେଶ୍ୱର ଡିଲରସିପକୁ ଏକ ନୂଆ ରଣନୈତିକ ସହଯୋଗୀ- ଶ୍ରୀ ମୋଟର୍ସକୁ ପୁନଃଆବଣ୍ଟିତ କରିଥିବା ସମ୍ପର୍କରେ ଘୋଷଣା କରିଛି। ନୂଆ କରି ଲଞ୍ଚ ହୋଇଥିବା ଏହି ଡିଲରସିପ ଭୁବନେଶ୍ୱର ଖାରବେଳ ନଗର ଶୁଭମ ମାର୍କେଟ ନିକଟରେ ଖୋର୍ଦ୍ଧା ଜନପଥ ରୋଡ ରାମ ମନ୍ଦିର ଛକରେ ଅବସ୍ଥିତ ରହିଛି ଏବଂ ଖାରବେଳ ନଗରରେ ଏହାର ସର୍ଭିସ ସେଣ୍ଟର ରହିଛି। ଶ୍ରୀ ମୋଟର୍ସର ଡିଲର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଭିଷେକ ଦାସ ଏହି ସହଭାଗିତାକୁ ଏକ ଗ୍ରାହକ-ପ୍ରଥମ ଦୃଷ୍ଟିକୋଣ ଆଣିଛନ୍ତି, ଯାହା ବେନେଲି, କୀୱେ, ମୋଟୋ ଭଲ୍ଟର ବିଶ୍ୱସ୍ତରୀୟ ବିକ୍ରି ଓ ସେବା ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟ ସହ ଜଡିତ ରହିଛି। ଏହି ସହଭାଗିତା ସମ୍ପର୍କରେ ବେନେଲି, କୀୱେ, ମୋଟୋ ଭଲ୍ଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିକାଶ ଝାବଖ କହିଛନ୍ତି, "ଆମେ ଆମର ନୂଆ ପାର୍ଟନର, ଶ୍ରୀ ମୋଟର୍ସ ମାଧ୍ୟମରେ ଭୁବନେଶ୍ୱରରେ ଆମର ଗ୍ରାହକଙ୍କ ପାଇଁ ବେନେଲି, କୀୱେ , ମୋଟୋ ଭଲ୍ଟର ଅନୁଭୂତି ଆଣିବା ପାଇଁ ଉତ୍ସାହିତ ଅଛୁ। ଏହି ପଦକ୍ଷେପ ସହିତ ଆମେ ଓଡିଶାବ୍ୟାପୀ ଉତ୍କୃଷ୍ଟ ଉପଲବ୍ଧତା, ସର୍ବୋତ୍ତମ ଶ୍ରେଣୀର ସେବା ଓ ପ୍ରିମିୟମ ମୋଟରସାଇକେଲ ମାଲିକାନା ଅନୁଭୂତି ଦିଗରେ ଆମର ପ୍ରତିବଦ୍ଧତାକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛୁ।" ସେହିଭଳି ଶ୍ରୀ ମୋଟର୍ସର ଡିଲର ପ୍ରିନ୍ସିପାଲ ଅଭିଷେକ ଦାସ କହିଛନ୍ତି, "ଆମେ ଭୁବନେଶ୍ୱରରେ ବେନେଲି, କୀୱେ, ମୋଟୋ ମୋରିନି, ଜୋନ୍‌ଟିସ ଓ କ୍ୟୁଜେ ମୋଟର ବ୍ରାଣ୍ଡଗୁଡିକର ପ୍ରତିନିଧିତ୍ୱ କରି ଗର୍ବିତ ଅନୁଭବ କରୁଛୁ। କେନ୍ଦ୍ରୀୟ ସ୍ଥଳରେ ଅବସ୍ଥିତ ଆମର ଶୋ'ରୁମ ସହ ଏକ ସୁସଜ୍ଜିତ ସର୍ଭିସ ସେଣ୍ଟରକୁ ପ୍ରତ୍ୟେକ ମୋଟରସାଇକେଲ ଉତ୍ସାହୀଙ୍କୁ ସର୍ବାଧିକ ସୁବିଧା ଓ ଏକ ଆନନ୍ଦଦାୟକ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଡିଲରସିପରେ ଏକ ବିସ୍ତୃତ ରେଞ୍ଜର ବ୍ରାଣ୍ଡେଡ ଆକ୍‌ସେସରିଜ ଓ ମର୍ଚ୍ଚାଣ୍ଡାଇଜ ରହିବ ଯାହା ଏହାକୁ ଦୁଇଚକିଆ ଯାନ ପସନ୍ଦ କରୁଥିବା ଚାଳକଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ଗନ୍ତବ୍ୟସ୍ଥଳୀରେ ପରିଣତ କରିବ।" ନୂଆ କରି ଲଞ୍ଚ କରାଯାଇଥିବା ଏହି ଶୋ'ରୁମ ବେନେଲି ରେଞ୍ଜରେ ୫୦୦ସିସି ସେଗ୍‌ମେଣ୍ଟରେ ମଡେଲଗୁଡିକ ଅନ୍ତର୍ଭୁକ୍ତ ରହିଛି ଯାହାର ପ୍ରାରମ୍ଭିକ ମୂଲ୍ୟ ୬.୨୦ ଲକ୍ଷ ଟଙ୍କା ରହିଛି। ଏଥିରେ ଟିଆର୍‌କେ ୫୦୨ (ଗ୍ରାଣ୍ଡ ଟୁଅରର୍) ସାମିଲ ରହିଛି। କୀୱେ ରେଞ୍ଜରେ ୧୨୫ ସିସିରୁ ଆରମ୍ଭ କରି ୩୦୦ସିସି ପର୍ଯ୍ୟନ୍ତ ମଡେଲ ସାମିଲ ରହିଛି ଯାହାର ମୂଲ୍ୟ ୧.୨୦ ଲକ୍ଷ ଟଙ୍କାରୁ ୪.୨୯ ଲକ୍ଷ ଟଙ୍କା (ସମସ୍ତ ମୂଲ୍ୟ ଏକ୍ସ-ଶୋ'ରୁମ୍, ଇଣ୍ଡିଆର) ମଧ୍ୟରେ ରହିଛି। ଏଥିରେ ଏସ୍‌ଆର୍‌୧୨୫ (ରେଟ୍ରୋ କ୍ଲାସିକ), ଏସ୍‌ଆର୍‌୨୫୦ (ନିଓ-ରେଟ୍ରୋ), କେ-ଲାଇଟ ୨୫୦ଭି (ଅର୍ବାନ କ୍ରୁଜର), କେ୩୦୦ ଏସ୍‌ଏଫ (ଷ୍ଟ୍ରିଟ ନେକେଡ ସ୍ପୋର୍ଟ), କେ୩୦୦ ଆର୍ (ସୁପରସ୍ପୋର୍ଟ), ଭି୩୦୨ସି (ବବର୍), ସିକ୍ସଟିଜ୍ ୩୦୦ଆଇ (ରେଟ୍ରୋ ସ୍କୁଟର) ଓ ଭିଏସ୍ତେ ୩୦୦ (ମ୍ୟାକ୍ସି ସ୍କୁଟର) ସାମିଲ ରହିଛି। ମୋଟୋ ଭଲ୍ଟ ପ୍ରଡକ୍ଟ ରେଞ୍ଜରେ ମୋଟୋ ମୋରିନି-ଏକ୍ସ-କେପ ୬୫୦ଏକ୍ସ (ଆଡଭେଞ୍ଚର ଟୁଅରର) ଏକ୍ସ-କେପ୍ ୬୫୦ (ଟୁଅରିଂ), ସିମେଜୋ ରେଟ୍ରୋ ଷ୍ଟ୍ରିଟ, ସିମେଜୋ ସ୍କ୍ରାମ୍ବଲର, ଜୋନ୍‌ଟିସ-୩୫୦ଆର (ନେକେଡ ଷ୍ଟ୍ରିଟ), ୩୫୦ ଏକ୍ସ (ସ୍ପୋର୍ଟସ୍), ଜିକେ ୩୫୦ (କ୍ୟାଫେ ରେସର), ୩୫୦ ଟି (ଟୁଅରିଂ) ଓ ୩୫୦ ଟି ଏଡିଭି (ଆଡ୍‌ଭେଂଚର), କ୍ୟୁଜେ-ମୋଟର - ଏସ୍‌ଆର୍‌ସି ୨୫୦ (ନିଓ-ରେଟ୍ରୋ), ଏସ୍‌ଆର୍‌ଭି ୩୦୦ (ବବର୍), ଏସ୍‌ଆର୍‌କେ ୪୦୦ (ସ୍ପୋର୍ଟସ ନେକେଡ) ଓ ଏସ୍‌ଆର୍‌ସି ୫୦୦ (ରେଟ୍ରୋ-କ୍ଲାସିକ) ଆଦି ବ୍ରାଣ୍ଡ ସାମିଲ ରହିଛି ଯାହାର ମୂଲ୍ୟ ୧.୪୯ ଲକ୍ଷ ଟଙ୍କାରୁ ୬.୪୯ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ବେନେଲି ଓ ମୋଟୋ ଭଲ୍ଟ ମଡେଲ ରେଞ୍ଜ ପାଇଁ ସର୍ବନିମ୍ନ ବୁକିଙ୍ଗ ରାଶି ୧୦,୦୦୦ ଟଙ୍କା ରହିଛି ଏବଂ କୀୱେ ମଡେଲ ରେଞ୍ଜ ପାଇଁ ବୁକିଂ ରାଶି ୧୦୦୦ ଟଙ୍କାରୁ ଆରମ୍ଭ ହେଉଛି।

## ରାଜ୍ୟରେ ଜିଏସ୍‌ଟି ସଂଗ୍ରହ ୫% ବୃଦ୍ଧି




**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଚଳିତ ବର୍ଷ ଏପ୍ରିଲ୍‌ରେ ସର୍ବଭାରତୀୟ ସ୍ତରରେ ସର୍ବକାଳୀନ ସର୍ବାଧିକ ୨.୩୭ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ କରାଯାଇଛି। ଶେଷ ଥର ପାଇଁ ୨୦୨୪ ଏପ୍ରିଲ୍‌ରେ ୨.୧୦ ଲକ୍ଷ କୋଟି ଟଙ୍କାର ଜିଏସଟି ସଂଗ୍ରହ କରାଯାଇଥିଲା। ଏହି ମାସରେ ଓଡ଼ିଶାରେ ଜିଏସଟି ସଂଗ୍ରହ ପରିମାଣ ୬୧୭୪ କୋଟି ଟଙ୍କା ହୋଇଛି ଯାହା ୨୦୨୪ ଏପ୍ରିଲ୍‌ରେ ହୋଇଥିବା ୫୯୦୨ କୋଟି ଟଙ୍କା ତୁଳନାରେ ୫ ପ୍ରତିଶତ ଅଧିକ। ଅଲୋଚ୍ୟ ମାସରେ ଓଡ଼ିଶାର ଜିଏସଟି ସଂଗ୍ରହରେ ବୃଦ୍ଧି ଏକ ଅଙ୍କ ବିଶିଷ୍ଟ ସଂଖ୍ୟାରେ ସୀମିତ ରହିଛି। କିନ୍ତୁ ଗୁଜରାଟରେ ସଂଗ୍ରହ ୧୩ ପ୍ରତିଶତ, ମଧ୍ୟପ୍ରଦେଶରେ ୧୨ ପ୍ରତିଶତ, ପଶ୍ଚିମବଙ୍ଗରେ ୧୨ ପ୍ରତିଶତ, ହରିୟାଣାରେ ୧୬ ପ୍ରତିଶତ, ପଞ୍ଜାବରେ ୧୧ ପ୍ରତିଶତ, ବିହାରରେ ୧୫ ପ୍ରତିଶତ, ଉତ୍ତରପ୍ରଦେଶରେ ୧୧ ପ୍ରତିଶତ, ମହାରାଷ୍ଟ୍ରରେ ୧୧ ପ୍ରତିଶତ ଓ କର୍ଣ୍ଣାଟକରେ ୧୧ ପ୍ରତିଶତ ବଢ଼ିଛି। ଦୁଇଟି ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ତ୍ରିପୁରାରେ ଜିଏସଟି ସଂଗ୍ରହ କମ୍ ହୋଇଥିବା କେନ୍ଦ୍ର ସରକାରଙ୍କ ତରଫରୁ ଜାରି ହୋଇଥିବା ତଥ୍ୟରୁ ଜଣାପଡ଼ିଛି। ଦେଶରେ ଘରୋଇ କାରବାରରୁ ୧.୯୦ ଲକ୍ଷ କୋଟି ଟଙ୍କା ଓ ଆମଦାନି ସାମଗ୍ରୀରୁ ୪୬,୯୧୩ କୋଟି ଟଙ୍କାର ଜିଏସଟି ସଂଗ୍ରହ ହୋଇଛି।

## ଜାତୀୟ ମହିଳାଙ୍କ ବାଣିଜ୍ୟ ମେଳା ଫ୍ୟାସନ୍, ଉଦ୍ୟୋଗ, କାହାଣୀ ପ୍ରତି ସମର୍ପିତ




**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଇଡ଼କୋ ପ୍ରଦର୍ଶନୀ ପଡ଼ିଆରେ ଆଇଏନ୍‌ଡବ୍ଲ୍ୟୁଇସି ପକ୍ଷରୁ ଆୟୋଜିତ ଜାତୀୟ ମହିଳା ଉଦ୍ୟୋଗୀଙ୍କ ବାଣିଜ୍ୟ ମେଳା ୨.୦ର ଚତୁର୍ଥ ଦିନଟି ଫ୍ୟାସନ୍, ଉଦ୍ୟୋଗ ଓ କାହାଣୀ କହିବାର ଶକ୍ତି ପ୍ରତି ସମର୍ପିତ ଥିଲା। ଫରାହ ଖାନ୍ ଫାଇନ୍ ଜୁଏଲାରିର ପ୍ରତିଷ୍ଠାତା ଫରାହ ଖାନ୍, ବିଶିଷ୍ଟ ଡିଜାଇନର୍ ଯୋଡ଼ି ଶାନ୍ତନୁ ଓ ନିଖିଲଙ୍କ ଉପସ୍ଥିତି ମେଳାର ଆକର୍ଷଣକୁ ବେଶ୍ ବଢ଼ାଇ ଦେଇଥିଲା। ଓଡ଼ିଶାର ବିଭିନ୍ନ ହାତବୁଣା ବସ୍ତ୍ରକୁ ନେଇ ଅନୁଷ୍ଠିତ ଫ୍ୟାସନ୍ ସୋ' ରାଜ୍ୟର ସମୃଦ୍ଧ ହସ୍ତତନ୍ତକୁ ଅତି ଚମତ୍କାର ଢଙ୍ଗରେ ଉପସ୍ଥାପିତ କରିଥିଲା। ଏଥିରେ ମହିଳା ଉଦ୍ୟୋଗୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ଏକ ଅଧିବେଶନରେ ସମ୍ବାଦ ଓ କନକ ନିୟୁଜ୍‌ର ସମ୍ପାଦକ ତନୟା ପଟ୍ଟନାୟକଙ୍କ ସହ ଆଲୋଚନା କରି ଫରାହ କହିଥିଲେ ଯେ ଓଡ଼ିଶା ମୋର ପ୍ରିୟ ସ୍ଥାନ। ମୁଁ ଭୁବନେଶ୍ୱରକୁ ମଧ୍ୟ ବହୁତ ଭଲ ପାଏ। ପୁରୀ ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର, କଟକର ତାରକସି ସହ ଓଡ଼ିଶାର କୋଣ ଅନୁକୋଣରେ ନିଆରା କାରୁକାର୍ଯ୍ୟ ଭରି ରହିଛି। ଏହାର ପ୍ରଚ୍ଚର ପ୍ରସାର ଭଲ ଭାବେ କରାଗଲେ ଓଡ଼ିଶାର ସାରା ବିଶ୍ୱରେ ନିଜର କାରିଗରୀ ପାଇଁ ଅଧିକ ଗ୍ରହଣୀୟ ହୋଇପାରିବ। ସେ ଶିଶୁ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ଯୋଗ ଦେଇଥିଲେ। ମେଳାର ଚତୁର୍ଥ ଦିବସରେ ବିଶିଷ୍ଟ ଡିଜାଇନର୍ ଶାନ୍ତନୁ ଓ ନିଖିଲଙ୍କ ସହିତ ଏକ ଫାୟାରସାଇଡ୍ ଚ୍ୟାଟ୍‌ର ସଂଯୋଜନା କରିଥିଲେ ଏକାମ୍ର ବାଟିକାର ଅଧ୍ୟକ୍ଷା ମେଘନା ସିଂହଦେଓ। ସୁତା, ଜୁବିନା, ଟୁ ବ୍ରାଉନ୍ସ ଓ ଶେଫାଳି ତରଫରୁ ଫ୍ୟାସନ୍ ସୋ' ଆୟୋଜନ କରାଯାଇଥିଲା। ସିନେ ତାରକା ପ୍ରକୃତି ମିଶ୍ର, ଭୂମିକା ଦାସ ପ୍ରମୁଖ ସେଥିରେ ଯୋଗ ଦେଇଥିଲେ। ସେନିକ୍ କମ୍ୟୁନିକେସନ୍‌ର ପ୍ରତିଷ୍ଠାତା ଅନିନ୍ଦିତା ଗୁପ୍ତାଙ୍କ ଦ୍ୱାରା ବ୍ରାଣ୍ଡ୍ ସ୍ପଟ୍ଲାଇଟ୍: ଏଏନ୍‌ଏଚ୍ ବାଏ ଅନିନ୍ଦିତା ଅନୁଷ୍ଠିତ ହୋଇଥିଲା। ବାହ୍ୟ ଅଞ୍ଚଳରେ ଏକ ଫ୍ଲାସ୍ ମବ୍ ଆୟୋଜନ କରାଯାଇଥିଲା। ସ୍ଥାୟୀ ଜୀବନଜୀବିକା ପାଇଁ ଫ୍ୟାସନ୍ ଓ ମାର୍କେଟିଂର ବ୍ୟବହାର ଉପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତକଳା କମିସନର ତଥା ସଚିବ ପୁନମ ଗୁହା, ସୁତାର ସହ ପ୍ରତିଷ୍ଠାତା ତାନିୟା ବିଶ୍ୱାସ, ବେଦାନ୍ତର ସିଏସ୍‌ଆର୍ ମୁଖ୍ୟ ହରମିତ୍ ସେହରା ଯୋଗଦେଇଥିଲେ। ଆଇଏନ୍‌ଡବ୍ଲୁଇସିର ସହ ଆବାହକ ସ୍ୱାତୀ କେଜ୍ରିୱାଲ୍ ତାହାର ସଂଯୋଜନା କରିଥିଲେ। ଆଇକନିକ୍ ବ୍ରାଣ୍ଡ ଉପରେ ଅନୁଷ୍ଠିତ ଅଧିବେଶନରେ ନାଚ୍‌ହାବିଟ୍‌ର ସହ ପ୍ରତିଷ୍ଠାତା ସ୍ୱାଗତିକା ଦାସ, ଟୁବ୍ରାଉନ୍ସର ପ୍ରତିଷ୍ଠାତା ଉଦିତା ବଂଶଲ, ସୁତାର ସହ ପ୍ରତିଷ୍ଠାତା ସୁଜାତା ବିଶ୍ୱାସ ଯୋଗ ଦେଇଥିଲେ। ଓଡ଼ିଶା ବାଏ ତାନିଆର ପ୍ରତିଷ୍ଠାତା ତାନିଆ ଖୋସ୍ଲା ତାହାର ସଂଯୋଜନା କରିଥିଲେ। ଏହି ଅବସରରେ ସିନେ ତାରକା, ଲିପୁନ୍ ଚୌଧୁରୀ, ନେନା ଦାସ, ଦେବଯାନୀ ଏବଂ ଆଇଏନ୍‌ଡବ୍ଲୁଇସିର ଆବାହକ ପ୍ରୀତି ପଲ୍ଲବୀ ପଟ୍ଟନାୟକ, ସହ ଆବାହକ ସୁମା ଦେବୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଡୁମାଣୀ ଖବର

# ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

## ମଣିପୁରରୁ ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ : ତିନି ଗିରଫ

**ଇମ୍ଫାଲ,(ହି.ସ):** ମଣିପୁରରେ ସୁରକ୍ଷା ବଳ ଓ ପୋଲିସର ମିଳିତ କାର୍ଯ୍ୟାନୁଷ୍ଠାନରେ ମାଦକ ଦ୍ରବ୍ୟ ଜବତ କରାଯାଇଛି। ଏହି ଘଟଣାରେ ତିନିଜଣଙ୍କୁ ଗିରଫ କରାଯାଇଛି। ପୋଲିସ ମୁଖପାତ୍ର ରବିବାର କହିଛନ୍ତି ଯେ, ସୁରକ୍ଷାବଳ ଚୁରାଚାନ୍ଦପୁର ଜିଲ୍ଲାର ଗମଗପିମୁଅଲ ଗାଁର ବାସିନ୍ଦା ଥିୟାନମୁଆନ୍‌ୱିୟାମ ସାମତେଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଏକ ସାବୁନକେସରୁ ବ୍ରାଉନସୁଗାର ଜବତ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ଯାହାର ମୂଲ୍ୟ ୪୮.୭ କୋଟି ଟଙ୍କା ଅଟେ। ଏହି ମାମଲାରେ ମଣିପୁର ପୋଲିସ ଆଗକୁ ତଦନ୍ତ କରି ଅନ୍ୟ ଦୁଇଜଣଙ୍କୁ ଗିରଫ କରାଯାଇଛି।

## ଜିନୋମ୍ ସମ୍ପାଦିତ ଧାନର ଦୁଇଟି ନୂତନ କିସମ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କଲେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ




**ନୂଆଦିଲ୍ଲୀ,(ପିଆଇବି):** ନୂଆଦିଲ୍ଲୀର ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର)ରେ ଦେଶରେ ବିକଶିତ ବିଶ୍ୱର ପ୍ରଥମ ଦୁଇଟି ଜିନୋମ୍ ସମ୍ପାଦିତ ଧାନ କିସମର ଘୋଷଣା ପରେ କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ଗଣମାଧ୍ୟମକୁ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଥିଲେ ଯେ ଏହି ନୂତନ କିସମଗୁଡ଼ିକ ଦେଶରେ ଦ୍ୱିତୀୟ ସବୁଜ ବିପ୍ଳବ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଯଥାଶୀଘ୍ର ଚାଷୀମାନଙ୍କ ପାଖରେ ନୂତନ କିସମ ପହଞ୍ଚାଇବା ଉପରେ ଧ୍ୟାନ ପ୍ରଦାନ କରିବା ପାଇଁ ଶ୍ରୀ ଶିବରାଜ ସିଂହ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ସୂଚନା ଦେଇଛନ୍ତି ଯେ ବୈଜ୍ଞାନିକମାନେ ଦୁଇଟି ନୂତନ ଧାନ କିସମ ବିକଶିତ କରିଛନ୍ତି, ଯାହା ମଧ୍ୟରୁ ଗୋଟିଏ ହେଉଛି କମଳା (ଡିଆରଆର ଧାନ ୧୦୦): ଯାହାକୁ ଆଇସିଏଆର-ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର-ଆଇଆଇଆରଆର), ହାଇଦ୍ରାବାଦ ଜିନୋମ୍ ଏଡିଟିଂ ମାଧ୍ୟମରେ ସାମ୍ବା ମହସୁରୀ (ବିପିଟି ୫୨୦୪), ଏକ ଲୋକପ୍ରିୟ ସୂକ୍ଷ୍ମ ଦାନାଯୁକ୍ତ କିସମରେ ଶସ୍ୟ ସଂଖ୍ୟା ବୃଦ୍ଧି କରିବା ପାଇଁ ବିକଶିତ କରିଛନ୍ତି। ନୂତନ କିସମ କମଳାର ଅମଳ ଭଲ, ମରୁଡ଼ି ସହନଶୀଳତା, ନାଇଟ୍ରୋଜେନ ବ୍ୟବହାର ଦକ୍ଷତା ଏବଂ ଏହାର ମୂଳ କିସମ ସାମ୍ବା ମାହସୁରୀ (ବିପିଟି ୫୨୦୪) ଅପେକ୍ଷା ୨୦ ଦିନ ପୂର୍ବରୁ ପରିପକ୍ୱତା ହାସଲ କରେ। ସର୍ବଭାରତୀୟ ପରୀକ୍ଷଣରେ ଡିଆରଆର ଧନ ୧୦୦ (କମଳା)ର ହାରାହାରି ଉତ୍ପାଦନ ହେକ୍ଟର ପ୍ରତି ୫.୩ ଟନ୍ ଥିଲା। ଯାହା ସାମ୍ବା ମାହସୁରୀ (୪.୫ ଟନ୍) ଅପେକ୍ଷା ୧୯% ଅଧିକ ଥିଲା। ଦ୍ୱିତୀୟ ଧାନ କିସମ, ପୁସା ଡିଏସଟି ଚାଉଳ ୧ ବିଷୟରେ ଆଲୋଚନା କରି ଶ୍ରୀ ଶିବରାଜ ସିଂହ କହିଛନ୍ତି ଯେ ନୂଆଦିଲ୍ଲୀର ପୁସା ସଂସ୍ଥାନର ଆଇସିଏଆର ଲୋକପ୍ରିୟ ଧାନ କିସମ ଏମଟିୟୁ ୧୦୧୦ ରେ ମରୁଡ଼ି ପ୍ରତିରୋଧ ଏବଂ ଲୁଣ ସହନଶୀଳତା ପାଇଁ ଦାୟୀ 'ଡିଏସଟି' ଜିନ୍‌କୁ ସମ୍ପାଦନ କରି ଏକ ନୂତନ ପ୍ରକାର ଡିଏସଟି ଚାଉଳ ୧ ବିକଶିତ କରିଛି। ସେ କହିଛନ୍ତି ଯେ ଏମଟିୟୁ୧୦୧୦ ଚାଷୀଙ୍କ ମଧ୍ୟରେ ବହୁତ ଲୋକପ୍ରିୟ କାରଣ ଏଥିରେ ଲମ୍ବା ସୂକ୍ଷ୍ମ ଶସ୍ୟ ଅଛି, ଯାହା ଦକ୍ଷିଣ ଭାରତରେ ରବି ଋତୁର ଧାନ ଚାଷ ପାଇଁ ଅତ୍ୟନ୍ତ ଉପଯୁକ୍ତ। ଏହା ମରୁଡ଼ି ଏବଂ ଲବଣାକ୍ତତା ସମେତ ଅନେକ ଅଜୈବିକ ଚାପ ପ୍ରତି ସମ୍ବେଦନଶୀଳ। ଲୁଣିଆ ଏବଂ କ୍ଷାରୀୟ ମାଟିରେ ପୁସା ଡିଏସଟି ଧାନ ୧, ଏମଟିୟୁ ୧୦୧୦ ଅପେକ୍ଷା ୨୦% ଅଧିକ ଅମଳ ଦିଏ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ ସୂଚନା ଦେଇଛନ୍ତି ଯେ ଏହି କିସମ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ପୁଡୁଚେରୀ, କେରଳ, ଛତିଶଗଡ଼, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ପାଇଁ ବିକଶିତ କରାଯାଇଛି। ସେ କହିଥିଲେ ଯେ ସୁପାରିଶ କରାଯାଇଥିବା ପ୍ରାୟ ୫୦ ଲକ୍ଷ ହେକ୍ଟର ଅଞ୍ଚଳରେ ଏହି କିସମଗୁଡିକ ଚାଷ କଲେ ୪.୫ ଲକ୍ଷ ଟନ୍ ଅଧିକ ଧାନ ଉତ୍ପାଦନ ହେବ। ସବୁଜ ଗୃହ ଗ୍ୟାସ ନିର୍ଗମନ ୨୦ ପ୍ରତିଶତ ଅର୍ଥାତ୍ ୩୨୦୦ ଟନ୍ ହ୍ରାସ ପାଇବ। ଏହା ବ୍ୟତୀତ, ଅବଧି ୨୦ ଦିନ ହ୍ରାସ ପାଇବା ଯୋଗୁଁ, ତିନୋଟି ଜଳସେଚନ କମ୍ ଆବଶ୍ୟକ ହେବ, ଯାହା ଦ୍ୱାରା ମୋଟ ୭୫୦୦ ନିୟୁତ ଘନ ମିଟର ଜଳସେଚନ ଜଳ ସଞ୍ଚୟ ହେବ, ଯାହା ଅନ୍ୟ ଫସଲ ପାଇଁ ଉପଯୋଗୀ ହେବ। ଏହି କିସମଗୁଡ଼ିକର ଶୀଘ୍ର ପରିପକ୍ୱତା ହେତୁ, ପରବର୍ତ୍ତୀ ଫସଲର ବୁଣା ସମୟସୀମା ମଧ୍ୟରେ କରାଯାଇପାରିବ ଏବଂ ବହୁ-ଫସଲ ପ୍ରଣାଳୀ ଗ୍ରହଣ କରାଯାଇପାରିବ। ଶ୍ରୀ ଚୌହାନ କହିଥିଲେ ଯେ ମୋର ପୂର୍ଣ୍ଣ ବିଶ୍ୱାସ ଯେ ଏହି କିସମଗୁଡ଼ିକ ଦେଶରେ ଦ୍ୱିତୀୟ ସବୁଜ ବିପ୍ଳବ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ସାମ୍ବାଦିକ ସମ୍ମିଳନୀ ସମୟରେ, ଖାଦ୍ୟ ସୁରକ୍ଷାର ପ୍ରଶ୍ନରେ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ କହିଥିଲେ ଯେ ଯେକୌଣସି ସଙ୍କଟପୂର୍ଣ୍ଣ ପରିସ୍ଥିତି ପାଇଁ ଭାରତରେ ପର୍ଯ୍ୟାପ୍ତ ଖାଦ୍ୟଶସ୍ୟ ରହିଛି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ ଉତ୍ପାଦନ କ୍ଷମତା ବୃଦ୍ଧି ଲକ୍ଷ୍ୟ ନେଇ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ଏବଂ ନୂତନ କିସମଗୁଡ଼ିକ ଯଥାଶୀଘ୍ର ଚାଷୀଙ୍କ ପାଖରେ ପହଞ୍ଚିବା ପାଇଁ ସମସ୍ତ ପ୍ରୟାସ କରାଯାଉଛି।

# ମହିଳା ଉଦ୍ୟୋଗୀମାନେ ନିର୍ଭୀକ ଭାବେ ସ୍ୱପ୍ନ ଦେଖନ୍ତୁ, ସାହାସର ସହ ନିର୍ମାଣ କରନ୍ତୁ ଏବଂ ଗର୍ବର ସହ ନେତୃତ୍ୱ ନିଅନ୍ତୁ : ରାଜ୍ୟପାଳ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ମହିଳା ଉଦ୍ୟୋଗୀମାନେ ନିର୍ଭୀକ ଭାବେ ସ୍ୱପ୍ନ ଦେଖନ୍ତୁ, ସାହାସର ସହ ନିର୍ମାଣ କରନ୍ତୁ ଏବଂ ଗର୍ବର ସହ ନେତୃତ୍ୱ ନିଅନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ମଇ ୪ ତାରିଖ ଦିନ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ଜାତୀୟ ମହିଳା ଏଂଟରପ୍ରିନେଅରସିପ୍ କାଉନ୍‌ସିଲ ଆନୁକୂଲ୍ୟରେ ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ମହିଳା ବାଣିଜ୍ୟ ମେଳା – ୨୦୨୫ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବାଣିଜ୍ୟ ମେଳାରେ ଅଂଶ ଗ୍ରହଣକାରୀମାନଙ୍କର ଉତ୍ସାହ ଓ ସଫଳତାକୁ ପ୍ରଶଂସା କରି ରାଜ୍ୟପାଳ ନିଜ ଉଦ୍‌ବୋଧନରେ କହିଥିଲେ ଯେ, ଆତ୍ମ ମର୍ଯ୍ୟାଦା, ସୃଜନଶୀଳତା ଓ ସାହସର ସହ ମହିଳା ଉଦ୍ୟୋଗୀମାନେ ଭାରତର ବିକାଶ କାହାଣୀର ନୂତନ ଅଧ୍ୟାୟ ଲେଖୁଛନ୍ତି। ସେମାନଙ୍କୁ ଏ ଜାତିର ଗର୍ବ ଏବଂ ଭବିଷ୍ୟତ ପୀଢ଼ି ପାଇଁ ଆଲୋକବର୍ତିକା ଭାବେ ଅଭିହିତ କରି ଏକ ସମୃଦ୍ଧ ଏବଂ ସଶକ୍ତ ଭାରତର ଦୃଷ୍ଟିକୋଣ ସହିତ ଆଗକୁ ବଢ଼ିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ରାଜ୍ୟପାଳ ପୁଣି କହିଥିଲେଯେ, ମହିଳାମାନେ ସର୍ବଦା ସ୍ରଷ୍ଟା, ଯତ୍ନଶୀଳା ଏବଂ ସମାଜ ନିର୍ମାତା ହୋଇ ଆସିଛନ୍ତି। ଅଧୁନା, ସେମାନେ ବ୍ୟବସାୟ, ପ୍ରଯୁକ୍ତି ବିଦ୍ୟା, ବିକାଶ ଓ ସାମାଜିକ ନବସୃଜନ କ୍ଷେତ୍ରରେ ପରିବର୍ତନକାରୀର ଭୂମିକା ନିଭାଇଛନ୍ତି। ଏହି ମେଳା ଗୋଟିଏ ଛାତ ତଳେ ବିବିଧତାକୁ ପ୍ରତିନିଧିତ୍ୱ କରିବା ଉତ୍ସାହଜନକ। ଆପଣମାନେ କେବଳ ଉଦ୍ୟୋଗୀ ନୁହଁନ୍ତି, ବରଂ ରାଷ୍ଟ୍ର ନିର୍ମାଣ ଏବଂ ପ୍ରତ୍ୟେକ ସମାବେଶୀ, ସ୍ୱବଲମ୍ବୀ ଏବଂ ପ୍ରତିଶ୍ରୁତିବଦ୍ଧ ବିକଶିତ ଭାରତର ଆତ୍ମାକୁ ପ୍ରତିନିଧିତ୍ୱ କରୁଛନ୍ତି। ଯେତେବେଳେ ଜଣେ ମହିଳା ସଫଳ ହୁଅନ୍ତି ଏକ ପରିବାର ପ୍ରଗତି କରେ। ଯେତେବେଳେ ହଜାର ହଜାର ମହିଳା ଏକାଠି ହୁଅନ୍ତି ଦେଶ ପରିବର୍ତନ ହୁଏ ଏବଂ ଏହି ବାଣିଜ୍ୟ ମେଳା ସେହି ଗତିଶୀଳ ପରିବର୍ତନର ପ୍ରମାଣ ଭାବେ ଉଭା ହୋଇଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଥିଲେ। ଏତଦ୍‌ବ୍ୟତୀତ ମହିଳା ଉଦ୍ୟୋଗୀମାନେ ପୁଞ୍ଜି, ଦକ୍ଷତା ବିକାଶ ଏବଂ ବଜାର ପ୍ରବେଶ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏବଂ ସେମାନଙ୍କର ଉନ୍ନତି ପାଇଁ ସରକାରଙ୍କ ପ୍ରବର୍ତିତ ହୋଇଥିବା ବିଭିନ୍ନ ଯୋଜନା ଯଥା – ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଷ୍ଟାଣ୍ଡ-ଅପ୍ ଇଣ୍ଡିଆ ଯୋଜନା, ଦେନା ଶକ୍ତି ଯୋଜନା, ନୀତି ଆୟୋଗର ମହିଳା ଏଂଟରପ୍ରିନେଅରସିପ୍ ପ୍ଲାଟଫର୍ମ, ଲକ୍ଷ ପତି ଦିଦି ଯୋଜନା, ଏସ.ଏଚ.ଜି, ଡ୍ରୋନ୍ ଦିଦି ଯୋଜନା, ମିଶନ ଶକ୍ତି, ଷ୍ଟାର୍ଟ ଅପ୍ ଓଡିଶା ଏବଂ ବିବିଧ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମହିଳାମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ଏବଂ ଉଦ୍ୟୋଗୀ ଇକୋସିଷ୍ଟମ୍‌ରେ ସେମାନଙ୍କର ଅଂଶ ଗ୍ରହଣକୁ ଉତ୍ସାହିତ କରିବା ପାଇଁ ପ୍ରତିବଦ୍ଧତା ଦେଖାଇଛନ୍ତି ବୋଲି କହିଥିଲେ। ବିଶେଷ କରି ଗ୍ରାମୀଣ ଏବଂ ଜନଜାତି ଅଞ୍ଚଳ ମହିଳାମାନେ ଏହି ଆର୍ଥିକ ପୁନରୁଥାନର ଅଂଶ ହେବାକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରି ଏହା ବିକଶିତ ଓଡିଶା ଏବଂ ବିକଶିତ ଭାରତକୁ ଶକ୍ତି ପ୍ରଦାନ କରିବ ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହର ପ୍ରାରମ୍ଭରେ ଆଇ.ସି.ସି. ଓଡିଶା ଚାପ୍ଟରର ଅଧ୍ୟକ୍ଷ ରାଜୀବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କନ୍‌ଭେନର୍ ପ୍ରୀତି ପଲ୍ଲବୀ ପଟ୍ଟନାୟକ ଏବଂ କୋ-କନ୍‌ଭେନର୍ ସ୍ୱାତୀ କେଜ୍ରିୱାଲ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ କୋ-କନ୍‌ଭେନର୍ ସୁମା ଦେବୀ ଦାଶ୍ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମାନସିକ ଦୁର୍ଦ୍ଦଶା ଭୋଗୁଛନ୍ତି ନିୟୁ ପୋଖରନ୍ ବାସିନ୍ଦା

## ଦୀର୍ଘ ୨୫ବର୍ଷ ହେଲା ଘାଣ୍ଟି ହେଉଥିବା ଗାଡ଼କଣ ମୌଜାର ନିୟୁ ପୋଖରନ୍ ଭିଲେଜ୍ ଆବାସିକ କଲୋନୀ-ବାସିନ୍ଦାମାନଙ୍କର ଦୁଃଖ ଦୂର ହେବ କେବେ ?

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ୯ ନମ୍ବର ୱାର୍ଡ ଗାଡ଼କଣ ମୌଜାରେ ଅବସ୍ଥିତ ନିୟୁ ପୋଖରାନ୍ ଭିଲେଜ ଆବାସିକ କଲୋନୀରେ ପ୍ରାୟ ୩୦ପରିବାର ଦୀର୍ଘ ଦିନରୁ ସେଠାରେ ଜମି କ୍ରୟ କରି ଗୃହ ନିର୍ମାଣ କରି ରହିଆସୁଛନ୍ତି। ଉଲ୍ଲେଖଥାଉ କି, ଏହି ଜମି ୧୫ଜଣଙ୍କ ନାମରେ ମିଳିତ ଭାଗିଦାରୀରେ ରହିଥିଲା। ସେମାନେ ବିଡିଏ ଦ୍ୱାରା ଏହାକୁ ସବ୍ ପ୍ଲଟ୍ କରାଇ ଲେଆଉଟ୍ ପ୍ଲାନ ଅନୁଦାନ କରାଇଲେ ଓ ସେଠାରେ ସମସ୍ତ ଜମି ମାଲିକ ସ୍ୱାକ୍ଷର ଦେଲେ। ଲେ-ଆଉଟ୍ ପ୍ଲାନ ଅନୁସାରେ ଥିବା ରାସ୍ତା ଓ ଖୋଲା ସ୍ଥାନ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଓ ଏହା ଆଉ ଖରିଦ୍-ବିକ୍ରୀ କରାଯାଇ ପାରିବ ନାହିଁ ବୋଲି ବିଡିଏର ଚିଠିରେ ସ୍ପଷ୍ଟ ଉଲ୍ଲେଖ ଅଛି।

ଏହା ସତ୍ତ୍ୱେ ୨୦୦୩ ମସିହାରେ ଜଣେ ଭାଗୀଦାର ବସନ୍ତ ପାତ୍ର ଅନ୍ୟ ଖରିଦାରଙ୍କ ଠାରୁ ଏହି ଖୋଲାସ୍ଥାନ ଓ କିଛି ରାସ୍ତା ଜମି ଜାଲିଆତି କରି କବଲା କରାଇନେଲେ। ଏହା ବିରୋଧରେ କଲୋନୀର ଅନ୍ତେବାସୀମାନେ ଏକ ସିଭିଲ ସୁଟ୍ କଲେ। ୨୦୧୮ରେ ଜଜ୍‌ମେଣ୍ଟ ବାହାରିଲା ଓ ଏଥିରେ ଶ୍ରୀ ପାତ୍ରଙ୍କର କବଲାକୁ ରଦ୍ଦ କରିଦିଆଗଲା ଓ ସେ ଜମିରେ କିଛି ନିର୍ମାଣ କାର୍ଯ୍ୟ ନ କରିବାକୁ ଶ୍ରୀ ପାତ୍ରଙ୍କୁ ଏକ ସ୍ଥାୟୀ ଆଦେଶ ଦିଆଗଲା। ଏହାପରେ ଶ୍ରୀ ପାତ୍ର ଜିଲ୍ଲା ଜଜ୍‌କୋର୍ଟରେ ଆବେଦନ କଲେ, କିନ୍ତୁ ୨୦୧୯ରେ ତାଙ୍କର ମୃତ୍ୟୁ ହେଲା। ତାଙ୍କର ଉତ୍ତରାଧିକାରୀମାନେ ସେ କେସ୍ ଚଳାଇ ରଖିଲେ। ସେମାନେ ସେ କେସ୍‌କୁ ହାଇକୋର୍ଟକୁ ୨୦୨୩ରେ ନେଲେ। ସିଏମ୍‌ପି ନଂ-୭୬୧/୨୦୨୩ରେ ଉଚ୍ଚ ନ୍ୟାୟାଳୟରେ ସେ କେସ୍ ୨୦୨୩ରୁ ଧିର ମନ୍ଥର ଗତିରେ ଚାଲୁଅଛି। ଏହି ସମୟ ମଧ୍ୟରେ ସେମାନେ ଖୋଲାସ୍ଥାନର କିଛି ଅଂଶ ବିକ୍ରୀ ମଧ୍ୟ କରିଦେଲେଣି ଯଦିଓ କେହି ଅଧିକାର କରିପାରି ନାହାଁନ୍ତି।

ଦୀର୍ଘ ୧୮ବର୍ଷ ଅଦାଲତ ଦୌଡ଼ି ଦୌଡ଼ି କଲୋନୀ ବାସିନ୍ଦା ହତାସ୍ ହୋଇ ପଡ଼ିଲେଣି। ୨୫ବର୍ଷ ତଳେ ରାସ୍ତା ଓ ଖୋଲାସ୍ଥାନ ରହିଥିବାର ଦେଖି ଜମି କିଣିଥିବା କଲୋନୀ ବାସିନ୍ଦାମାନଙ୍କର ନ୍ୟାୟ ପାଇବାର ଆଶାକ୍ଷୀଣ ହୋଇଗଲାଣି, ତେଣୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ଏହି କଲୋନୀ ବାସିନ୍ଦାମାନଙ୍କୁ ନ୍ୟାୟ ଦେବାକୁ ବିନମ୍ର ନିବେଦନ।

# ୨୭ଟି ସହରରେ ନିଟ୍ ପରୀକ୍ଷା କେନ୍ଦ୍ର, ଓଡ଼ିଶାରୁ ୧ଲକ୍ଷ ପରୀକ୍ଷାର୍ଥୀ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ବା ଏନଟିଏ ଦ୍ୱାରା ପରିଚାଳିତ ନିଟ୍ ୟୁଜି ୨୦୨୫ ପରୀକ୍ଷା ଆଜି ଅନୁଷ୍ଠିତ ହେବ। ଅପରାହ୍ଣ ୨ଟାରୁ ଅପରାହ୍ ୫ଟା ପର୍ଯ୍ୟନ୍ତ ତିନି ଘଣ୍ଟା ଧରି ପେନ୍ ଓ ପେପରରେ ଏହି ପରୀକ୍ଷା ହେବ। ବିଦେଶର ୧୩ଟି ସହର ସମେତ ମୋଟ ୫୫୨ଟି ସହରରେ ୫୪୫୩ଟି ପରୀକ୍ଷା କେନ୍ଦ୍ର ହୋଇଛି। ଦେଶରେ ୨୩ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବାକୁ ଥିବା ବେଳେ ଓଡ଼ିଶାରୁ ପ୍ରାୟ ୧ ଲକ୍ଷ ଛାତ୍ରଛାତ୍ରୀ ରହିଛନ୍ତି । ଓଡ଼ିଶାର ୨୭ଟି ସହରରେ ପରୀକ୍ଷା କେନ୍ଦ୍ର କରାଯାଇଛି। ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ସହ ପ୍ଲାଉ୍ ବ୍ୟବସ୍ଥା ହୋଇଛି। ପରୀକ୍ଷାର୍ଥୀ କୌଣସି ମଧ୍ୟସ୍ଥି କିମ୍ବା ପରୀକ୍ଷାରେ ପାସ କରିଦେବାକୁ କହି ଠକାମିରେ ପରୀକ୍ଷାର୍ଥୀ ନପଡ଼ିବ ପାଇଁ ପରାମର୍ଶ ଦେଇଛି ଏନଟିଏ।

# ଦିଲ୍ଲୀରେ ଆୟୋଜିତ ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରୋଗ୍ରାମରେ ଓଡିଶାର ୧୩ ଅଫିସିଆଲଙ୍କ ଯୋଗଦାନ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଚଳିତ ମାସ ୨ ରୁ ୪ ମେ ପର୍ଯ୍ୟନ୍ତ ଜବାହାରଲାଲ ନେହେରୁ ଷ୍ଟାଡିଅମ, ନୂଆଦିଲ୍ଲୀରେ ୱାର୍ଲ୍ଡ ପାରା ଆଥଲେଟିକସ ଓ ପାରା ଅଲମ୍ପିକ କମିଟି ଅଫ୍ ଇଣ୍ଡିଆର ସଂଯୁକ୍ତ ବ୍ୟବସ୍ଥାପନାରେ ତୃତୀୟ ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରୋଗ୍ରାମ ଆୟୋଜିତ ହୋଇଥିଲା। ଏଥିରେ ଓଡିଶାରୁ ୧୩ ଜଣ ଟେକ୍ନିକାଲ ଅଫିସିଆଲ ଯୋଗଦେଇ ରାଜ୍ୟର ପ୍ରତିନିଧିତ୍ୱ କରିଥିଲେ। ଯୋଗଦେଇଥିବା ବ୍ୟକ୍ତିମାନେ ହେଲେ ଶୋଭାରାଣୀ ଡୋରା, ପତ୍ରପୁଷ୍ପ ମହାନ୍ତି (ଅଧାପିକା ଜିସିପି), ପୂଜା ବେହେରା (କନିଷ୍ଠ କ୍ରୀଡା ପ୍ରଶିକ୍ଷକ), ଗୋପାଳ ସୋନି, ଦେବାଶିଷ ଦାସ, ବିକାଶ ସ୍ୱାଇଁ, ଲକ୍ଷ୍ମୀଧର ମହାନ୍ତି (କ୍ରୀଡା ଶିକ୍ଷକ), ଲିପ୍ସା ମିଶ୍ର, ମାଳବକା ମିଶ୍ର, ରୋନାଲି ସାହୁ, ବିଷ୍ଣୁପ୍ରିୟା ସାହୁ, ପ୍ରିୟରଞ୍ଜନ ନାୟକ, ଦେବାମୃତ ସାହୁ। ଓଡିଶାର ପାରା କ୍ରୀଡାକୁ ତୃଣମୂଳ ସ୍ତରରେ ବିକାଶ କରିବା ଏବଂ ଉନ୍ନତି ପଥରେ ଆଗେଇ ନେବା ଲକ୍ଷ୍ୟରେ, ପାରା ସ୍ପୋର୍ଟ୍ସ ଆସୋସିଏସନ ଓଡିଶାର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ସମସ୍ତଙ୍କୁ ଶୁଭେଚ୍ଛା ଓ ବଧାଇ ଜଣାଇଛନ୍ତି। ଏହି ପ୍ରଶିକ୍ଷଣ ପ୍ରୋଗ୍ରାମ ମାଧ୍ୟମରେ ଅଫିସିଆଲମାନେ ଆଗାମୀ ୱାଲର୍ଡ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୫ ରେ ଦେଶକୁ ପ୍ରତିନିଧିତ୍ୱ କରି ଓଡିଶାର ଗର୍ବ ବଢ଼େଇବେ ବୋଲି ଆଶା କରାଯାଉଛି। ଏହି ସଫଳତା ଓଡିଶାର ପାରା କ୍ରୀଡାର ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛି।

# ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ନଗର ଉନ୍ନୟନ ବିଭାଗ ଦ୍ୱାରା କ୍ୟାମ୍ପ କୋର୍ଟ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ନାଗରିକ-କୈନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଆଜି ଭୁବନେଶ୍ୱରର ଉନ୍ନତି ଭବନରେ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ନାଗରିକ କେନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ସହ ଜଡିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତୃପକ୍ଷ ପ୍ରମୁଖ ସଚିବ ଆଜିର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ୮୦୦ ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ, ଦିନବ୍ୟାପୀ ଅଧିବେଶନରେ ମୋଟ ୨୦୦ ମାମଲା ଗ୍ରହଣ ଏବଂ ନିଷ୍ପାସନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ। ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ – ପୌର ପ୍ରଶାସନ ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବ ଏବଂ ଅତିରିକ୍ତ ସଚିବଙ୍କ ସମେତ – ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଅନନ୍ୟ ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ଯାହା ଉପଯୁକ୍ତ ପ୍ରକ୍ରିୟା କିମ୍ବା ଜନସ୍ୱାର୍ଥ ସହିତ ସଙ୍ଗତ ନୁହେଁ। କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି।

# କର୍ମର ଫଳ ପାଇବେ ମମତା : ସୁରେଶ ପୂଜାରୀ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ମମତା ବାନାର୍ଜୀ ଯେଉଁ କର୍ମ କରୁଛନ୍ତି, ଚକା ଆଖି ସବୁ ଦେଖୁଛି, ଦିନେ ତାର ଫଳ ମମତା ପାଇବେ ବୋଲି କହିଛନ୍ତି ସୁରେଶ ପୂଜାରୀ। ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ସେ କହିଛନ୍ତି ଯେ ମଝିରେ ରସଗୋଲା ଆମର ବୋଲି ମମତା ବାନାର୍ଜୀ ଦାବି କରୁଥିଲେ। ତାଙ୍କର ବୟସ କେତେ ମୁଁ ଜାଣିନାହିଁ, କିନ୍ତୁ ରସଗୋଲାର ବୟସ କେତେ ମମତା ଜାଣିନାହାନ୍ତି। ଶ୍ରୀକ୍ଷେତ୍ର ଓଡ଼ିଶାରେ ଅଛି, କାଲି ଦୀଘାରେ ଜଗନ୍ନାଥ ମନ୍ଦିରକୁ ବି ଶ୍ରୀକ୍ଷେତ୍ର ଭାବି ନେଇପାରନ୍ତି ମମତା ବାନାର୍ଜୀ। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏ ମହିୟସୀ ମହିଳା କିଛି ବି କରିପାରନ୍ତି, କିଛି ବି କହିପାରନ୍ତି। ମମତା ବାନାର୍ଜୀ ଯେଉଁ କର୍ମ କରୁଛନ୍ତି, ଚକା ଆଖି ସବୁ ଦେଖୁଛି, ଦିନେ ତାର ଫଳ ମମତା ପାଇବେ।

# ଖାନ୍ ନଗର ବ୍ରିଜ୍ ଦୁର୍ଘଟଣାର ତଦନ୍ତ କରିବ ୩ ଜଣିଆ ଟିମ୍

**ଭୁବନେଶ୍ୱର,(ଡିକେ ନ୍ୟୁଜ):** କଟକ ଖାନ୍ ନଗରରେ ବ୍ରିଜ୍ ନିର୍ମାଣ ଅଘଟଣରୁ ୩ ଜଣଙ୍କ ମୃତ୍ୟୁ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଅଘଟଣ ପଛରେ କାହାର ଭୁଲ ଅଛି, ତଦନ୍ତ ହେବ । ତ୍ରୁଟି ନ ଥିଲେ ଏତେ ବଡ଼ ଦୁର୍ଘଟଣା ଘଟି ନଥାନ୍ତା। ତଦନ୍ତ ପାଇଁ ୩ ଜଣିଆ ଟିମ୍ ଗଠନ ହୋଇଛି, ଏବଂ ୧୫ ଦିନରେ ଟିମ୍ ରିପୋର୍ଟ ଦେବ। କେଉଁ ପରିସ୍ଥିତିରେ ଏପରି ହେଲା, କାହାର ଭୁଲ ଅଛି ରିପୋର୍ଟ ଦେବ ଟିମ୍। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛି ବୋଲି କହିଛନ୍ତି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏହି କମିଟିରେ ପୂର୍ତ୍ତ ବିଭାଗ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଅଧ୍ୟକ୍ଷ ଥିବାବେଳେ ରୋଡସ୍-୨ର ମୁଖ୍ୟ ଯନ୍ତ୍ରୀ ଏବଂ କଟକର ଅତିରିକ୍ତ ଜିଲ୍ଲାପାଳ ସଦସ୍ୟ ରହିଛନ୍ତି। କଟକ ଖାନନଗର ନିକଟରେ ୬ ଲେନ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଏପରି ଘଟଣା କାହିଁକି ଏବଂ କେଉଁ ପରିସ୍ଥିତରେ ଘଟିଲା ସେ ସମ୍ପର୍କରେ ଗଠିତ ବୈଷୟିକ କମିଟି ସବୁ ଦିଗକୁ ଅନୁଧ୍ୟାନ ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। ନିର୍ମାଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା କିମ୍ବା ଅନ୍ୟ କେଉଁ କାରଣ ଯୋଗୁଁ ଏପରି ଘଟଣା ଘଟିଲା ସେ ସମ୍ପର୍କରେ କମିଟି ବିସ୍ତୃତ ରିପୋର୍ଟ ବିଭାଗକୁ ପ୍ରଦାନ କରିବ । ଯଦି ଏଥିରେ କାହାରି ସମ୍ପୃକ୍ତି ଜଣାପଡେ ପରବର୍ତୀ ସମୟରେ ଆଇନ ଅନୁସାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

# ଏସ୍‌ଏଚ୍‌ଜି ମହିଳା ନେବେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାୟିତ୍ୱ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଏଣିକି ଏସଏଚଜି ମହିଳା ନେବେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାୟିତ୍ୱ । ୨୦୭ ଟି ସିଙ୍ଗିଲ ମଲଟି ସୋଲାର ଏବଂ ମେଘା ପ୍ରକଳ୍ପ ମାଧ୍ୟମରେ ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଉଛୁ । ଚଳିତ ବର୍ଷ ୨୪ ହଜାର ନୂଆ ନଳକୂପ ଖୋଳିବା ପାଇଁ ଅନୁମୋଦନ ଦେଇଛୁ । ଏହି ସବୁ ପ୍ରକଳ୍ପ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କୁ ସୁନିଶ୍ଚିତ କରିବା ପାଇଁ ଆମେ ବିଭିନ୍ନ ଏସଏଚଜି ଗ୍ରୁପକୁ ଦାୟିତ୍ୱ ଦେବାକୁ ଯାଉଛୁ ବୋଲି ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାୟକ କହିଛନ୍ତି । ସେ କହିଛନ୍ତି ଯେ, ସେମାନଙ୍କୁ ଟ୍ରେନିଂ ଦିଆଯିବା ସହ କିଟ୍ ମଧ୍ୟ ରାଜ୍ୟ ସରକାର ଯୋଗାଇ ଦେବେ । ଏବଂ ପ୍ରତ୍ୟେକ ଗାଁରୁ ଜଣେ ଜଣେ ମାଆ ମାନେ ଦାୟିତ୍ୱରେ ରହି ବିଶୁଦ୍ଧ ପାଣି ଜଳ ଯୋଗାଣକୁ ସୁନିଶ୍ଚିତ କରିବେ । ମୁଁ ଲୋକଙ୍କୁ ଅନୁଗ୍ରହ କରୁଛି ଯେଉଁଠି ଫ୍ଲୋରାଇଡ଼ କିମ୍ବା ଆଇରନ ମିଶା ପାନୀୟ ଜଳ ଆସୁଛି ତାକୁ ଜଣାନ୍ତୁ ଆମେ ଟେଷ୍ଟିଙ୍ଗ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବୁ । ପ୍ରତ୍ୟେକ ଗାଁ ସ୍ତରରେ ପଞ୍ଚାୟତ ସ୍ତରରେ ଏସଏଚଜି ଗ୍ରୁପ ମାନଙ୍କୁ ପାନୀୟ ଜଳ ଟେଷ୍ଟିଙ୍ଗର ଟ୍ରେନିଂ ଦେଇକି ତାଙ୍କୁ କିଟ୍ ଦେବୁ । ଏବଂ ସେହି ସାମ୍ପୁଲକୁ ଟେଷ୍ଟ କରିବା ପାଇଁ ବ୍ଲକ ସ୍ତରରେ ଲ୍ୟାବ ଖୋଲିବେ ରାଜ୍ୟ ସରକାର ବୋଲି କହିଛନ୍ତି ରବି ନାୟକ।

# ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କର ଦଶମ ବାର୍ଷିକ ଉତ୍ସବ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ' ତରଫରୁ ଦୀର୍ଘ ୧୦ବର୍ଷ ଧରି ଦେଶ ନିର୍ମାଣରେ ଯୁବ ଓ ଛାତ୍ର ଭୂମିକା ସମ୍ପର୍କରେ ଆଲୋଚନା, ନିଶା ସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ, ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର ଓ ସଚେତନତା, ଜଳସେବା ଶିବିର, ମାନବାଧିକାର, ଭିନ୍ନକ୍ଷମ ଅଧିକାର ଓ ଶିଶୁ ସୁରକ୍ଷା ପ୍ରଭୃତି କାର୍ଯ୍ୟକ୍ରମ କରିଆସୁଛି। ଅନୁଷ୍ଠାନ ଏହାର ଦଶମ ବାର୍ଷିକ ଉତ୍ସବ ଭୁବନେଶ୍ୱରରେ ପାଳନ ହୋଇଯାଇଛି। ମୀର ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ମାନ୍ୟବର ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବରିଷ୍ଠ ରାଜନେତା ଓ ଓଡ଼ିଶା ପାଇକ ଆଖଡ଼ା ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ବି.କେ. ପବ୍ଲିକେସନ୍ ପ୍ରକାଶକ ବିଜୟ କୁମାର ମହାପାତ୍ର, ବିଶିଷ୍ଟ ରାଜନେତା ଜଗନ୍ନାଥ ପ୍ରଧାନ, ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସର ଡେପୁଟି କମାଣ୍ଡା, ଲଲିଟେନ୍ଦୁ ମହାନ୍ତି, ସାମାଜିକ କର୍ମୀ ନିବେଦିତା ଶତପଥୀ ପ୍ରମୁଖ ଯୋଗଦେଇ ଦେଶ ନିର୍ମାଣରେ ସାମାଜିକ ଅନୁଷ୍ଠାନର ଗୁରୁତ୍ୱ, ଯୁବ ସମାଜ-ପରିବର୍ତ୍ତନର ବାହକ ସମ୍ବନ୍ଧରେ ଆଲୋଚନା କରିଥିଲେ ।

**IN THE COURT OF THE CIVIL JUDGE, SENIOR DIVISION, JEYPORE, DIST-KORAPUT**

**I.C No. 01/2025**

Suparna Adhikari, aged 29 years, D/O.Late Satyanarayan Adhikari, Ward No-6, Arabinda Nagar, Parabeda, PO/PS:- Jeypore, Dist:-Koraput, Odisha **...Petitioner**

**Versus**

Padmini Adhikari, Aged 63 years, W/O.Late Satyanarayan Adhikari, Ward No-6, Arabinda Nagar, Parabeda, PO/PS:- Jeypore, Dist:-Koraput, Odisha **...Opposite Party**

**NOTICE TO PUBLIC IN GENERAL**

Whereas, the above named petitioner & O.P have filed this succession certificate petition claiming to be the successors of **Late Satyanarayana Adhikari** of Parabeda of Jeypore Town.

If any one of General Public is having any sort of objection, then he/she may appear before this Court in person or by a pleader duly instructed and able to answer all material questions relating to his/her objection and who shall be accompanied by some persons able to answer all such question(s) on the **12th** day of **May,** 2025 at 07.30/10.30 AM to answer the claim along with all the documents upon which he/she intends to rely in support of his/her objection.

In case, no objection is received from any person on the day as mentioned above, this petition will be heard and determined on merit.

Given under my hand and seal of the Court on this the 25th day of April, 2025.

**Civil Judge, Senior Division, Jeypore, Dist:-Koraput,**

# ଶ୍ୱାସକ୍ରିୟା ସ୍ୱାସ୍ଥ୍ୟରେ ଆଭ୍ୟନ୍ତରୀଣ ବାୟୁ ଗୁଣବତ୍ତା ଉପରେ ଧ୍ୟାନ ଦେବା ଜରୁରୀ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଗ୍ଲୋବାଲ ବର୍ଡନ ଅଫ ଡିଜିଜ୍ ରିପୋର୍ଟ ଅନୁଯାୟୀ, ଭାରତରେ ଆସ୍ଥମା ୩୦ ମିଲିୟନରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଛି, ଯାହା ବିଶ୍ୱବ୍ୟାପୀ ସମସ୍ତ ଆସ୍ଥମା-ସମ୍ପର୍କିତ ମୃତ୍ୟୁର ପ୍ରାୟ ୫୦% ପାଇଁ ଦାୟୀ ଅଟେ। ଘର ଭିତର ବାୟୁ ୧୦ ଗୁଣ ପର୍ଯ୍ୟନ୍ତ ଖରାପ ହୋଇପାରେ, ଯାହାକି ଡଷ୍ଟ ମାଇଟ, ପୋଲେନ, ପେଡ ଡାଣ୍ଡର ଓ ଭିଓସିଗୁଡିକ ଭଳି ଆଲର୍ଜେନରେ ପରିପୂର୍ଣ୍ଣ ଥାଏ। ଏଭଳି କଣିକାଗୁଡିକ ବନ୍ଦ ସ୍ଥାନଗୁଡିକରେ ବିକଶିତ ହୋଇଥାନ୍ତି ଯାହା ଆଲର୍ଜି ଓ ଶ୍ୱାସକ୍ରିୟାଜନିତ ଅସହଜତାକୁ ବୃଦ୍ଧି କରିଥାଏ। ବିଶ୍ୱ ଆସ୍ଥମା ଦିବସ ଅବସରରେ ଡାଇସନର ସିନିୟର ରିସର୍ଚ୍ଚ ଇଞ୍ଜିନିୟର ଡାଲିଲା ଏଲ୍ ଜୈନ, ଆମର ଘରଗୁଡିକରେ ବାୟୁ ଗୁଣବତାକୁ ଉନ୍ନତ କରିବା କିଭଳି କ୍ଷତିକାରକ ଆଲର୍ଜେନଗୁଡିକ ପ୍ରତି ଏକ୍ସପୋଜରକୁ ହ୍ରାସ କରିଥାଏ ଏବଂ ଆସ୍ଥମା ଓ ଆଲର୍ଜି ଥିବା ବ୍ୟକ୍ତିଙ୍କ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିଥାଏ ତାହା ସମ୍ପର୍କରେ ସୂଚନା ଦେଇଛନ୍ତି। ଆଲର୍ଜେନଗୁଡିକ ଆମର ଘର ଭିତରେ ରହିଥାନ୍ତି ଯାହା ନାକ ବନ୍ଦ ହେବା, ଛିଙ୍କ, ଆସ୍ଥମା ଓ ତ୍ୱଚାରେ ଜ୍ୱଳନ ଭଳି ସମସ୍ୟାକୁ ବୃଦ୍ଧି କରିପାରେ, ଯାହା ଶ୍ୱାସନଳୀ ଓ ତ୍ୱଚାରେ ଅସହଜତାର କାରଣ ହୋଇଥାଏ। ଡାଇସନ ଗ୍ଲୋବାଲ ଡଷ୍ଟ ଷ୍ଟଡି ୨୦୨୩ରେ ଜଣାପଡିଛି ଯେ, ୬୦% ଲୋକ ଘରର ଧୂଳିକୁ ଆସ୍ଥମା ଲକ୍ଷଣ ସହ ଯୋଡନ୍ତି ନାହିଁ। ଆଭ୍ୟନ୍ତରୀଣ ଆଲର୍ଜେନଗୁଡିକ ପ୍ରାୟତଃ ପୋଷାକ, ଜୋତା କିମ୍ବା ପାଳିତ ପଶୁଙ୍କ ମାଧ୍ୟମରେ ଆସି ଆମ ଘରେ ନିବାସ କରନ୍ତି। ଘରେ ପ୍ରବେଶ କରିବା ପରେ ଜୋତା ବାହାର କରିବା ଓ ପୋଷାକ ବଦଳାଇବା ଭଳି ସାଧାରଣ ପରିବର୍ତନଗୁଡିକ ଘରେ ଆଲର୍ଜେନର ପ୍ରବେଶକୁ ସୀମିତ କରିପାରେ। ଏହା ବ୍ୟତୀତ ଆଡ୍‌ଭାନ୍ସଡ ଫିଲ୍ଟରେଶନ ସିଷ୍ଟମ ସହ ସୁସଜ୍ଜିତ ଡିଭାଇସଗୁଡିକ ସହ ଭାକ୍ୟୁମ କରିବା ଯଥେଷ୍ଟ ଅଧିକ ପ୍ରଭାବଶାଳୀ ହୋଇଥାଏ। ଏଚ୍‌ଇପିଏ ଡାଇସନ ଭାକ୍ୟୁମ କ୍ଲିନରରେ ବ୍ୟବହାର କରାଯାଇଥିବା ଟେକ୍ନୋଲୋଜି ଭଳି ଫିଲ୍ଟରେଶନ ଟେକ୍ନୋଲୋଜିକୁ ୯୯.୯୯% ମାଇକ୍ରୋସ୍କୋପିକ କଣିକାଗୁଡିକୁ କ୍ୟାପ୍‌ଚର କରିବା ପାଇଁ ନିର୍ମାଣ କରାଯାଇଛି, ଯାହା ଫ୍ଲୋର, ଅପ୍‌ହୋଲ୍‌ଷ୍ଟେରୀ ଓ ମ୍ୟାଟ୍ରେସ୍‌ରୁ ଆଲର୍ଜେନଗୁଡିକୁ ବାହାର କରିବା ନିଶ୍ଚିତ କରିଥାଏ। ଏହାବ୍ୟତୀତ ଡଷ୍ଟିଙ୍ଗ ପାଇଁ ଓଦା କପଡାର ବ୍ୟବହାର କରନ୍ତୁ, ଫ୍ଲୋର ବ୍ୟତୀତ ସୋଫା, କୁଶନ ଓ ମ୍ୟାଟ୍ରେସଗୁଡିକୁ ଭାକ୍ୟୁମ କରନ୍ତୁ, ଆଲର୍ଜିରେ ସଂକ୍ରମିତ ବ୍ୟକ୍ତିମାନେ ଘରେ ନଥିବା ବେଳେ ଭାକ୍ୟୁମ କରନ୍ତୁ । ଡାଇସନ ଏୟାର ପ୍ୟୁରିଫାୟାରଗୁଡିକ ପ୍ରଭାବୀ ରୂପେ ବାୟୁବାହିତ କଣିକା ଓ ଆଲର୍ଜେନଗୁଡିକୁ କ୍ୟାପ୍‌ଚର କରିଥାଏ, ଯାହା ଏକ ସ୍ୱସ୍ଥ ଓ ସୁସ୍ଥ ଆଭ୍ୟନ୍ତରୀଣ ପରିବେଶ ସୃଷ୍ଟି କରିଥାଏ। ଏହା ଆଡଭାନ୍ସଡ ଫିଲ୍ଟରେଶନ ସିଷ୍ଟମରେ ସୁସଜ୍ଜିତ ରହିଛି ଯାହା ୦.୧ ମାଇକ୍ରୋନ ଭଳି କ୍ଷୁଦ୍ରତମ ଥିବା ୯୯.୯୯% ପର୍ଯ୍ୟନ୍ତ କଣିକାକୁ ବାହାର କରିଥାଏ। ଏହା ରୁମର ବାୟୁକୁ ବିଶୁଦ୍ଧ କରିଥାଏ ଯାହା ସମ୍ପୂର୍ଣ୍ଣ କଭରେଜ ସୁନିଶ୍ଚିତ କରିଥାଏ। ବିଲ୍ଟ-ଇନ ଇଣ୍ଟେଲିଜେଣ୍ଟ ସେନ୍ସରଗୁଡିକ ବାସ୍ତବ ସମୟରେ ବାୟୁ ଗୁଣବତାକୁ ତଦାରଖ କରିଥାନ୍ତି, ପ୍ରଦୂଷଣସ୍ତର ଉପରେ ଆଧାର କରି ସ୍ୱୟଞ୍ଚାଳିତ ଭାବେ କାର୍ଯ୍ୟଦକ୍ଷତାକୁ ନିୟନ୍ତ୍ରଣ କରିଥାଏ ଏବଂ ଆପ ମାଧ୍ୟମରେ ଉପଭୋକ୍ତାଙ୍କୁ ସୂଚିତ କରିଥାଏ। ଉଭୟ ବାୟୁବାହକ ଆଲର୍ଜେନ ଓ ଆଭ୍ୟନ୍ତରୀଣ ସଂକ୍ରମଣକୁ ସମ୍ବୋଧିତ କରି, ଏୟାର ପ୍ୟୁରିଫାୟାରଗୁଡିକ ଏକ ସୁରକ୍ଷିତ ସ୍ଥାନ ସୃଷ୍ଟି କରିଥାନ୍ତି ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି, ବିଶେଷ କରି ଆଲର୍ଜି ପ୍ରତି ସମ୍ବେଦନଶୀଳ ବ୍ୟକ୍ତିମାନେ ସହଜରେ ନିଶ୍ୱାସ ନେଇପାରିବେ। ଆଭ୍ୟନ୍ତରୀଣ ବାୟୁ ଗୁଣବତା ଶ୍ୱାସକ୍ରିୟା ସ୍ୱାସ୍ଥ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ସ୍ମାର୍ଟର କ୍ଲିନିଙ୍ଗ ଟୁଲ ଓ ଆଡ୍‌ଭାନ୍ସଡ ଏୟାର ପ୍ୟୁରିଫିକେଶନ ଭଳି ପଦକ୍ଷେପଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିପାରିବ।

## ସଂପାଦକୀୟ

# ସୁନାମଧନ୍ୟ ବିପ୍ଲବୀ : ଧରଣୀଧର ଭୂୟାଁ

ବିପ୍ଲବୀ ଧରଣୀଧର ଭୂୟାଁ ଓଡ଼ିଶାର ଜଣେ ସୁନାମଧନ୍ୟ ବିପ୍ଲବୀ ଥିଲେ। ୧୮୯୧ ମସିହାରେ କେନ୍ଦୁଝରର ତତ୍କାଳୀନ ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ ଯେଉଁ ପ୍ରଜାମେଳି ହୋଇଥିଲା, ତାହାର ନେତୃତ୍ୱ ନେଇଥିଲେ ବିପ୍ଲବୀ ଧରଣୀଧର। ଏହି ବିଦ୍ରୋହ କେନ୍ଦୁଝର ରାଜ୍ୟର ନିର୍ଦ୍ଦିଷ୍ଟ ସୀମା ଓ ସମ୍ପୃକ୍ତ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସୀମିତ ଥିଲେ ମଧ୍ୟ ସମଗ୍ର ଓଡ଼ିଶା ଏପରିକି ସାରା ଭାରତ ବର୍ଷରେ ଚହଳ ପକାଇଥିଲା। ତାଙ୍କର ସ୍ମୃତିରେ କେନ୍ଦୁଝରର ଧରଣୀଧର ମହାବିଦ୍ୟାଳୟର ନାମକରଣ ହୋଇଛି। ବିପ୍ଲବୀ ଧରଣୀଧର ୧୯୬୪ ମସିହା ମଇ ମାସ ୫ ତାରିଖରେ କେନ୍ଦୁଝର ଜିଲ୍ଲାର ଆଦିବାସୀ ପଲ୍ଲୀ କୁସୁମିତାରେ ଏକ ପାହାଡ଼ି ଭୂୟାଁ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଧରଣୀଧର ଖୁବ ମେଧାବୀ ଥିଲେ ଏବଂ ପାଠପଢ଼ାରେ ତାଙ୍କର ଖୁବ୍ ଆଗ୍ରହ ଥିଲା। ସେଥିଯୋଗୁଁ ଏକ ଦରିଦ୍ର ଆଦିବାସୀ ପରିବାରରେ ଜନ୍ମ ହୋଇ ମଧ୍ୟ ପାଠ ପଢ଼ିଥିଲେ।

୧୮୬୮ ମସିହାରେ ରାଜାଙ୍କ ଅତ୍ୟାଚାରକୁ ବିରୋଧ କରି ବିପ୍ଲବୀ ରତ୍ନା ନାୟକଙ୍କ ନେତୃତ୍ୱରେ ଭୂୟାଁ ସମ୍ପ୍ରଦାୟ ଯେଉଁ ମେଳି କରିଥିଲେ ତାକୁ ଇଂରେଜମାନଙ୍କ ସହାୟତାରେ ଖୁବ୍ ନିଷ୍ଠୁରତାର ସହ ଦମନ କରାଯାଇଥିଲା। ଏହି ଘଟଣା ଭୂୟାଁ ମାନଙ୍କୁ ଖୁବ୍ ଅସନ୍ତୁଷ୍ଟ କରିଥିଲା। ଏହା ସହ ରାଜା ଓ ରାଜା କର୍ମଚାରୀମାନଙ୍କ ଦିନକୁ ଦିନ ବଢୁଥିବା ଅତ୍ୟାଚାର ଓ ତା ସହିତ ପ୍ରଚଳିତ ବେଠି ପ୍ରଥା ଧରଣୀଧରଙ୍କ ମନକୁ ଖୁବ୍ ଆନ୍ଦୋଳିତ ଓ କ୍ଷୁବ୍ଧ କରିଥିଲା। ତେଣୁ ବିଦ୍ରୋହ ଭୀଷଣ ରୂପ ନେଇଥିଲା। ଏଥିନେଇ ଧରଣୀଧରଙ୍କୁ ବନ୍ଦୀ କରିନିଆଯାଇଥିଲା। ଧରଣୀଧରଙ୍କ ବନ୍ଦୀ ପରେ ବିଦ୍ରୋହୀମାନେ ଆଉ ଆନ୍ଦୋଳନ ଜାରି ରଖି ପାରିଲେ ନାହିଁ ଏବଂ ବିଦ୍ରୋହର ଅକଳ ଅବସାନ ଘଟିଲା। ଧରଣୀଧରଙ୍କୁ ୭ବର୍ଷ କାରବାରରେ ବନ୍ଦୀ କରାଯାଇଥିଲା। ୧୮୯୭ ମସିହାରେ କାରାଗାରରୁ ସେ ମୁକ୍ତି ପାଇଥିଲେ। ପୁରୀର ବାଙ୍କୀ ମୁହାଣରେ ସେ ଅନେକ ବର୍ଷ ତପସ୍ୟାରତ ରହିଥିଲେ। ୧୯୧୪ ମସିହା ମଇ ୧୬ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ।

**ଇନ୍ଦୁଭୂଷଣ ଭୂୟାଁ**
**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ଶ୍ରମ ଶକ୍ତି ଓ ଶ୍ରେଣୀ ସଂଘର୍ଷର ଅନନ୍ୟ ନାୟକ : କାର୍ଲ ମାର୍କସ୍



ଡ଼ଃ.ଅରୁନ୍ଧତୀ ଦେବୀ

ସମଗ୍ର ପୃଥିବୀରେ ଶ୍ରମ ଶକ୍ତି ଓ ଶ୍ରେଣୀ ସଂଘର୍ଷର ଅନନ୍ୟ ନାୟକ ଥିଲେ ସେ, ତାଙ୍କ ଲେଖନୀ ଓ ଚିନ୍ତନ ସବୁବେଳେ ଅବହେଳିତ ଓ ଶୋଷିତ ଶ୍ରେଣୀ ସଂଗ୍ରାମ ପାଇଁ ଉତ୍ସର୍ଗ ଥିଲା। ନିଜ ଜୀବନକୁ ଏହି ମେହେନତିଙ୍କ ସୁଖଦୁଃଖରେ ସାମିଲ ହେବା ପାଇଁ ତିଳ ତିଳ ଉତ୍ସର୍ଗ କରିଥିବା ଅଦିତ୍ୟ ମହାନାୟକ ହେଉଛନ୍ତି କାର୍ଲ ମାର୍କସ। କାର୍ଲ ହେନ୍‌ରିଖ ମାର୍କସ୍ ଜର୍ମାନ ଦାର୍ଶନିକ, ଅର୍ଥଶାସ୍ତ୍ରୀ ଏବଂ ବୈଜ୍ଞାନିକ ସମାଜବାଦର ପ୍ରଣେତା ଥିଲେ । ତାଙ୍କ ଦର୍ଶନ ଆଜି ବି ମାର୍କସ୍‌ବାଦ ରୂପରେ ଆମ ସମାଜରେ ବଞ୍ଚି ରହିଛି । ମାର୍କସ୍‌ବାଦ ଏଭଳି ଏକ ବିଜ୍ଞାନ ଥିବା ଯାହା ତତ୍‌କାଳୀନ ସମୟର ଘଟଣାଗୁଡ଼ିକୁ ବିଶ୍ଲେଷଣ କରି ଶ୍ରମିକ ଶ୍ରେଣୀ ଏବଂ ସାମ୍ୟବାଦ କାର୍ଯ୍ୟକଳାପକୁ ମାର୍ଗଦର୍ଶନ କରି ଆସିଥିଲା । ମାତ୍ର ୧୭ ବର୍ଷ ବୟସରେ ବନ୍ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ଲାଭ କରିବା ଲାଗି ଭର୍ତ୍ତି ହୋଇଥିବା କାର୍ଲ ମାର୍କସ୍ ପରେ ବର୍ଲିନ ଓ ଜେନ୍ ବିଶ୍ୱ ବିଦ୍ୟାଳୟରୁ ସାହିତ୍ୟ, ଇତିହାସ ଏବଂ ଦର୍ଶନରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ମାର୍କସ୍ ୧୮୪୮ରେ ଫ୍ରେଡ଼ରିକ୍ ଆଙ୍ଗଲସ୍‌ଙ୍କ ସହ ମିଶି କମ୍ୟୁନିଷ୍ଟ ମେନିଫେଷ୍ଟୋ ଲେଖିଥିଲେ । ଏହାକୁ ଶ୍ରମିକ ବର୍ଗଙ୍କ ନିମନ୍ତେ ସର୍ବପ୍ରଥମ ରାଜନୈତିକ ଘୋଷଣାପତ୍ର କୁହାଯାଇଥାଏ । ତାଙ୍କ ଦର୍ଶନ ଅବହେଳିତ ଶ୍ରମଜୀବୀଙ୍କ ଅଧିକାରକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ଏକତ୍ର ହେବା ଲାଗି ପ୍ରେରଣା ଯୋଗାଇଥିଲା । ପୁଞ୍ଜିପତିଙ୍କ ଦ୍ୱାରା ଶ୍ରମିକଙ୍କ ଶୋଷଣକୁ ସେ ବିରୋଧ କରୁଥିଲେ । ଉତ୍ପାଦନ ଏବଂ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଶ୍ରମିକଙ୍କ ଗୁରୁତ୍ୱ ରହିଛି ଏହି ଧାରଣା କାର୍ଲମାର୍କସ୍ ସୃଷ୍ଟି କରିପାରିଥିଲେ।

ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେବା ଯୋଗୁଁ ତାଙ୍କୁ ୧୮୪୫ରେ ଜର୍ମାନୀରୁ ବହିଷ୍କାର କରି ଦିଆଯାଇଥିଲା । ସେଠାରୁ ସେ ପ୍ୟାରିସ୍ ଚାଲିଯାଇଥିଲେ । ପରେ ବ୍ରୁସେଲସ୍ ଯାଇ କମ୍ୟୁନିଷ୍ଟ ଲିଗ୍ ଗଠନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜର୍ମାନୀର ସମାଜବାଦୀ ବିପ୍ଳବକୁ ସହାୟତା ଯୋଗାଇ ଦେଇଥିବାରୁ ସେଠାରୁ ମଧ୍ୟ ତାଙ୍କୁ ବହିଷ୍କାର କରି ଦିଆଯାଇଥିଲା । ଏହାପରେ ସେ ଲଣ୍ଡନ ଚାଲିଯାଇ ଜୀବନର ଶେଷ ପର୍ଯ୍ୟନ୍ତ ସେଠାରେ ରହିଥିଲେ । ସାରା ଦୁନିଆର ଦର୍ଶନ, ଇତିହାସ ଓ ନିଜ ଅନୁଭବକୁ ପାଥେୟ କରି କାର୍ଲମାର୍କସ ସମାଜର ଶ୍ରମିକବର୍ଗ ଓ ଶ୍ରମଜୀବୀଙ୍କୁ ମାର୍କସବାଦ୍‌ଙ୍କ ରୂପରେ ଏକ ଅମୋଘ ଅସ୍ତ୍ର ପ୍ରଦାନ କରିଥିଲେ । ତାଙ୍କ ଦର୍ଶନକୁ ତତ୍‌କାଳୀନ ସମୟରେ ବିରୋଧ କରାଯାଇଥିଲେ ମଧ୍ୟ ରୁଷ ଭଳି ରାଷ୍ଟ୍ର ଏବେ କାର୍ଲମାର୍କସ୍‌ଙ୍କ ଦର୍ଶନ ଆଧାରରେ ଚାଲି ଆସିଛି । କେବଳ ରୁଷ ନୁହେଁ ବିଶ୍ୱର ଅଧିକାଂଶ ରାଷ୍ଟ୍ର ମାର୍କସ ସମାଜବାଦୀ ନୀତିକୁ ଗ୍ରହଣ କରିଛନ୍ତି । ଏଠାରେ ଆମେ ବିଜ୍ଞ ପାଠକମାନଙ୍କୁ ସୂଚୀତ କରୁଛୁ ଯେ ସମଗ୍ର ପୃଥିବୀର ବିଭିନ୍ନ ଭାଷାରେ ଅନୁବାଦ ହୋଇ ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିବା ସହ ଅସଂଖ୍ୟ ପାଠକୀୟ ସ୍ୱୀକୃତି ପାଇଛି କାର୍ଲ ମାର୍କସଙ୍କ ପୁସ୍ତକ। ପୃଥିବୀର ସବୁଠାରୁ ବେଶି ବିକ୍ରି ହେଉଥିବା ପୁସ୍ତକ ଭାବେ ତାଙ୍କର ସୃଜନ ସାହିତ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ପାଇଛି । ଏଯାବତ୍ ଭାରତ ଓ ପୃଥିବୀର ବିଭିନ୍ନ ପାଠ୍ୟ ଶ୍ରେଣୀ କ୍ରମରେ କାର୍ଲ ମାର୍କସଙ୍କ ପୁସ୍ତକ ଓ ତାଙ୍କ ସମ୍ଭାଷଣ ସ୍ଥାନିତ ହୋଇଛି। ଅସଂଖ୍ୟ ଗବେଷକ ମଧ୍ୟ ତାଙ୍କ ଲେଖନୀ ଉପରେ ବର୍ଷ ବର୍ଷ ଧରି ଅନୁସନ୍ଧାନ ସାପେକ୍ଷ ଗବେଷଣା ଜାରି ରଖିଛନ୍ତି। ନିଜର ଶେଷ ଜୀବନକୁ ସେ ବସ୍ତୀ ଅଞ୍ଚଳର ପିଲା ଓ ଅବହେଳିତ ଶ୍ରମିକ ଶ୍ରେଣୀ ସମାଜ ପାଇଁ ନିଜ ଜୀବନ ସହ ସମସ୍ତ ରୋଜଗାର ବ୍ୟୟିତ କରିଥିଲେ। ଏହି ମହାନ ଦାର୍ଶନିକ ଜର୍ମାନୀର ପ୍ରୁସିଆ ଅନ୍ତର୍ଗତ ଟ୍ରିଅର୍ ଠାରେ ମଇ ୫ ତାରିଖ ୧୮୧୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ।

**ନିର୍ଦ୍ଦେଶିକା-ସମ୍ପାଦିକା,**
**ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,**
**ମୋ : ୯୯୩୭୧୭୨୮୧୦**

# ଜ୍ଞାନୀ ଜୈଲ ସିଂହ



ଅକ୍ଷୟ କୁମାର ରାଉତ

ସମୟର ସ୍ରୋତରେ ପ୍ରକୃତି କୋଳରେ କେତେ ସାଧୁ,ସନ୍ଥ, ପଣ୍ଡିତ, ବିଦ୍ୱାନ, କବି, ଲେଖକ, ନାଟ୍ୟକାର, ଦାର୍ଶନିକ, ବୈଜ୍ଞାନିକ, ଜନସେବକ ଓ ରାଜନେତା ଜନ୍ମ ନିଅନ୍ତି ସେମାନଙ୍କ ମଧ୍ୟରୁ ଜ୍ଞାନୀ ଜୈଲ ସିଂହ ଅନ୍ୟତମ। ୧୯୧୬ ମସିହା ମେ ମାସ ୫ ତାରିଖରେ ଫରିଦକୋର୍ଟ ସହରଠାରୁ ୧୦ କି.ମି. ଦୂରରେ ରେଲଲାଇନ କଡର ଛୋଟିଆ ଗାଁ ସନ୍ଧୱାନରେ ଏକ ଶିଖ୍ ପରିବାରରେ ଭାଇ କିଷାନ ସିଂହ ଓ ବିବିଇନ୍ଦ କାଉରଙ୍କ କୋଳମଣ୍ଡନ କରି ଚତୁର୍ଥ ସନ୍ତାନ ଭାବେ ଜନ୍ମ ନେଲେ ଜୈଲ ସିଂହ। ଅଳ୍ପ ଦିନରେ ମା ଛେଉଣ୍ଡ ହୋଇ ମାଉସୀ ବିବିଦୟା କଉରଙ୍କ ସ୍ନେହ ଶ୍ରଦ୍ଧାରେ ବଢିଲେ। ଜୈଲ ସିଂହ ୧୨ବର୍ଷ ପର୍ଯ୍ୟନ୍ତ ଜାଣି ପାରିନଥିଲେ ତାଙ୍କର ପ୍ରକୃତ ମା କିଏ। ବାପାମାଙ୍କ ଧର୍ମ ପରାୟଣତା ତାଙ୍କ ଉପରେ ପ୍ରଭାବ ପକାଇ ଥିଲା। ଅଭାବରୁ ସେ ବେଶି ପାଠ ପଢି ପାରିନଥିଲେ। ପାଂଚ ବର୍ଷ ବୟସରେ ସେ ଗୁରୁ ଗ୍ରନ୍ଥ ସାହେବ ପଢି ବୁଝି ପାରୁଥିଲେ ଓ ଅନ୍ୟମାନଙ୍କୁ ବୁଝାଉଥିଲେ। ଶିଖ୍ ଧର୍ମ ଉପରେ ଅଗାଧ ପାଣ୍ଡିତ୍ୟଲାଭ କରିଥିବାରୁ ତାଙ୍କୁ ଲୋକେ ଜ୍ଞାନୀ ଡାକିବାରୁ ସେ ଜ୍ଞାନୀ ଜୈଲ ସିଂହ ଭାବରେ ପରିଗଣିତ ହେଲେ। ଜ୍ଞାନୀ ନିଜ ଉଦ୍ୟମରେ ହିନ୍ଦୀ ଓ ଉର୍ଦ୍ଦୁ ଭାଷା ଶିକ୍ଷା କରି ସ୍ମୃତିଶାସ୍ତ୍ର, ଉପନିଷଦ, କୋରାନ, ଗୀତା, ଭାଗବତ ଓ ବାଇବେଲ ପଢି ବହୁ ଜ୍ଞାନ ଅର୍ଜନ କଲେ। ସେ ସକାଳ ଓ ସନ୍ଧ୍ୟାରେ କୀର୍ତନ୍ କରନ୍ତି, ଅନ୍ୟ ସମୟରେ ଘରେ ଇତିହାସ ଓ ଅନ୍ୟଗ୍ରନ୍ଥ ଅଧ୍ୟୟନ କରନ୍ତି। ୧୨ବର୍ଷ ବୟସରେ ଜ୍ଞାନୀ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ। ପିତା ଭାଇ କିଷାନ ସିଂହ ଗ୍ରନ୍ଥ ସାହେବରୁ ଗୋଟିଏ ପ୍ରାର୍ଥନା ପଢି ଈଶ୍ୱରଙ୍କ ସରଣାପନ୍ନ ହେଲେ। ତାପରେ ଜ୍ଞାନୀଙ୍କର ଦେହ ଭଲ ହୋଇଗଲା। ଜ୍ଞାନୀ କିର୍ତନ କରୁ କରୁ ଦେଶ ସେବାରେ ମନଦେଲେ। ତାଙ୍କ ଉପରେ ଭଗତ ସିଂ ଓ ସନ୍ଥ ଅମର ସିଂହ ତେଗଙ୍କର ପ୍ରଭାବ ପଡିଥିଲା। ସନ୍ଥ ଅମର ସିଂହ ତେଗ ତାଙ୍କୁ ବନ୍ଧୁକଟିଏ ଦେଇ ଆର୍ଶୀବାଦ କରି ଦେଶପାଇଁ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଲଢିବାକୁ ଶପଥ କରାଇଥିଲେ। ଏହି ସମୟରେ ସେ ବିବିପ୍ରଧାନ କାଉରଙ୍କୁ ସହଧର୍ମଣୀ ଭାବରେ ଗ୍ରହଣ କଲେ। ଥରେ ଫରିଦ୍ କୋର୍ଟଠାରେ ସବୁ ଧର୍ମ ତରଫରୁ ଗୋଟିଏ ତର୍କ ସଭାର ଆୟୋଜନ କରାଗଲା। ସେଠାରେ ଜ୍ଞାନୀଜୀ ଜଣେ ଶ୍ରୋତା ଭାବରେ ଯାଇଥିଲେ କିନ୍ତୁ ବକ୍ତା ଭାବରେ ଶିଖ୍ ଧର୍ମର ମୌଳିକ ତତ୍ୱ ଓ ସାରମର୍ମ କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲେ।

ସେତେବେଳେ ସାରା ଭାରତରେ ସ୍ୱାଧିନତା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ। ଜ୍ଞାନୀଜୀ ଫରିଦ୍ କୋର୍ଟରେ ଭାରତୀୟ ଜାତୀୟ କଂଗ୍ରେସର ଏକ ଶାଖାଟିଏ ଖୋଲି ବିଭିନ୍ନ ସ୍ଥାନରେ ସଭାସମିତି କରି ଇଂରେଜ ସରକାର ଓ ରାଜାଙ୍କ ବିରୁଦ୍ଧରେ ଭାଷଣ ଦେବାରୁ ଗିରଫ ହେଲେ। ତାଙ୍କ ସହିତ ସର୍ଦ୍ଦାର ଜଙ୍ଗ ସିଂହ, ମଣି ସିଂୱାଲା ଗିରଫ ହୋଇ ଫରିଦ୍‌କୋର୍ଟ କେନ୍ଦ୍ରୀୟ ଜେଲରେ ପାଂଚ ବର୍ଷ ଜେଲଦଣ୍ଡ ସହିତ ୨୫୦ ଟ. ଜୋରିମାନା ଭୋଗିଥିଲେ। ଜେଲରେ ଥାଇ ଜ୍ଞାନୀଜୀ ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ ସହିତ ଜଣେ ସହକାରୀ ଜେଲ ଅଧିକାରୀଙ୍କଠାରୁ ଇଂଗ୍ରାଜୀ ଶିକ୍ଷା କଲେ। ଜେଲରେ ସେ ମାଆଙ୍କ ପାଖକୁ ଖଣ୍ଡେ ଚିଠିଲେଖି ଧରାପଡି ଦଣ୍ଡପାଇଲେ। ମା ପୁଅକୁ ଦେଖା କରିବାକୁ ଯାଇ ଟିକେ ସ୍ନେହରେ କୋଳାଇ ପାରିନଥିଲେ, ଲୁହା ବାଡର ପ୍ରତିବନ୍ଧକ ଯୋଗୁ। ଜେଲରେ ଥିବା ସମୟରେ ସେ ପାଳିତମାଙ୍କୁ ହରାଇଲେ। ଜେଲରୁ ମୁକୁଳାପରେ ଗାଁରେ ରହି ପାରିନଥିଲେ ଗୁଇନ୍ଦାବିଭାଗର କଡା ନଜରରୁ, ଭାଇବନ୍ଧୁଙ୍କୁ ଛାଡି ଲାହୋର ସହରକୁ ଚାଲିଗଲେ। ଅକାଳୀ ଦଳର ମୁଖିଆ ତାରା ସିଂକୁ ଦେଖାକରି ଶିଖ୍ ମିଶିନାରୀ କଲେଜରେ ଯୋଗଦେଇ ମାସିକ ୧୬ ଟଙ୍କା ଭତାରେ ରହିଲେ।କିଛିଦିନ ପରେ ସେ ମାସିକ ୮୧ ଟଙ୍କା ବିନିମୟରେ ଜ୍ଞାନୀଜି ହୋସିଆରପୁର ଶିଖ୍ ସଂଘ ସେବାରେ କାର୍ଯ୍ୟକଲେ। ଏହି ସମୟରେ ପଞ୍ଜାବ ପ୍ରଦେଶରେ ପ୍ରଜାମଣ୍ଡଳ ତରଫରୁ ଲେକପ୍ରିୟ ସରକାର ଗଠନ ପାଇଁ ଆନ୍ଦୋଳନ ଚାଲୁ ଥାଏ। ଜ୍ଞାନୀଜୀ ସେଠାରେ ପହଂଚି ଆନ୍ଦୋଳନ ଚାଲୁ ରଖିଲେ ଓ ପଣ୍ଡିତ ନେହେରୁଙ୍କ ସହିତ ଘନିଷ୍ଠ ସମ୍ପର୍କ ରକ୍ଷା କଲେ।

ଭାରତ ସ୍ୱାଧୀନ ହେଲା ନେହେରୁ ପ୍ରଧାନମନ୍ତ୍ର. ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଗୃହ ମନ୍ତ୍ରୀ । ସର୍ଦ୍ଦାର ପଟେଲ ଜ୍ଞାନୀଜୀଙ୍କୁ ଦିଲ୍ଲୀ ଡକାଇଲେ। ଜ୍ଞାନୀଜୀଙ୍କ ପାଖରେ ପଇସା ନାହିଁ। ତେଣୁ ସେ ବନ୍ଧୁ ରାମନାଥଙ୍କ ସହିତ ଦୁଇ ମାଇଲର ବାଟ ଚାଲିଚାଲି ପାତିଆଲା ଷ୍ଟେସନରୁ ଶହେ ଟଙ୍କା ଧାର କରି ଦିଲ୍ଲୀ ଗଲେ । ସେଠାରେ ୧୦ ମିନିଟ୍ ବିଳମ୍ବ ଯୋଗୁ ଦେଖା କରି ନ ପାରିବାରୁ ଭୋକ ଉପାସରେ ଅପେକ୍ଷାକଲେ। ପଟେଲଙ୍କ ନିର୍ଦ୍ଦେଶରେ ମନ୍ତ୍ରମଣ୍ଡଳ ଗଠନ ହେଲା। ମୁଖ୍ୟମନ୍ତ୍ରୀ ଜ୍ଞାନୀ ସିଂହ ରାରେୱାଲଙ୍କ ମନ୍ତ୍ରୀମଣ୍ଡଳରେ ରାଜସ୍ୱମନ୍ତ୍ରୀ ଭାବେ ଜ୍ଞାନୀଜୀ ଦାୟିତ୍ୱ ଗ୍ରହଣ କଲେ। ପରେ ପରେ ଦୁଇ ବର୍ଷପାଇଁ ପେପସୁ ପ୍ରଦେଶର କଂଗ୍ରେସ କମିଟିର ସଭାପତି ଭାବରେ ଜ୍ଞାନୀଜୀ ନିର୍ବାଚିତ ହେଲେ। ୬ ବର୍ଷ ପାଇଁ ସେ ରାଜ୍ୟସଭାର ସଦସ୍ୟ ଭାବରେ ନିର୍ବାଚିତ ହେଲେ। ରାଜ୍ୟସଭାର ସଭ୍ୟଭାବରେ କାର୍ଯ୍ୟକାଳ ପୂରଣ କରି ସେ ପଞ୍ଜାବ ବିଧାନସଭାରୁ ନିର୍ବାଚିତ ହେଲେ। ୧୯୭୧ ମସିହା ଜୁନ୍ ୯ ତାରିଖରେ ପଞ୍ଜାବରେ ରାଷ୍ଟ୍ରପତି ଶାସନ ଜାରି ହେଲା। ଏହି ସମୟରେ ଭାରତ ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଗଲା। ଯୁଦ୍ଧ ପରେ ପଞ୍ଜାବ ବିଧାନସଭାର ନିର୍ବାଚନ ହେଲା। ଜ୍ଞାନୀଜୀଙ୍କ ନେତୃତ୍ୱରେ କଂଗ୍ରେସଦଳ ମନ୍ତ୍ରୀମଣ୍ଡଳ ଗଠନ କଲେ। ସେ ହେଲେ ମୁଖ୍ୟମନ୍ତ୍ରୀ। ତାଙ୍କର ଶାସନକାଳକୁ ଲୋକମାନେ ମହାରାଜା ରଣଜିତ୍ ସିଂହଙ୍କ କାର୍ଯ୍ୟ ସହିତ ତୁଳନା କଲେ।

ସପ୍ତମ ଲୋକସଭା ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ଜ୍ଞାନୀଜୀ ଘରୋଇ ବିଭାଗର ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କଲେ। ସେ ତାଙ୍କ ରାଜନୈତିକ ଜୀବନ ଆରମ୍ଭରୁ ଏକ 'ଖାଲସ ସେବକ' ନାମରେ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ କରିଥିଲେ। ପରବର୍ତୀ ସମୟରେ ତାହା ଦୈନିକ ସମ୍ବାଦପତ୍ର ଭାବରେ ଆତ୍ମ ପ୍ରକାଶକଲା। ସେ ଗୃହମନ୍ତ୍ରୀ ହିସାବରେ ସମ୍ପାଦକମାନଙ୍କର ଏକ ସମ୍ମିଳନୀ କରାଇ ସାମ୍ବାଦିକମାନଙ୍କର ସୁରକ୍ଷା ଓ ସ୍ୱାଧୀନତା ସରକାର ବହନ କରିବା ପାଇଁ ଆହ୍ୱାନ ଦେଇଥିଲେ। ୧୯୮୨ମସିହା ଜୁଲାଇ ମାସ ୨୪ ତାରିଖରେ ଜ୍ଞାନୀଜୀ ଭାରତର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ। ତାଙ୍କ ନିର୍ଦ୍ଦେଶରେ 'ବ୍ଲୁ ଷ୍ଟାର ଅପରେସନ' କରାଗଲା। ସ୍ୱର୍ଣ୍ଣ ମନ୍ଦିରରେ ସୈନ୍ୟ ବାହିନୀ ପଶି ସନ୍ତ୍ରାସବାଦୀମାନଙ୍କୁ ଧରିଲେ ଓ ଦେଶଟା ବଡ ବିପଦରୁ ରକ୍ଷା ପାଇଗଲା।

୧୯୯୪ ମସିହା ନଭେମ୍ବର ମାସ ୨୯ ତାରିଖରେ ଜ୍ଞାନୀଜୀ ଏକ କାରରେ ଆନନ୍ଦପୁର ସାହିବରୁ ଚଣ୍ଡୀଗଡକୁ ଫେରୁଥିଲେ। ହଠାତ୍ ରୋପଡ୍ ଜିଲ୍ଲାର ବୁଙ୍ଗା ସାହିବ ନିକଟରେ ଗୋଟିଏ ଟ୍ରକ ସହିତ କାରଟି ଧକ୍କା ଲାଗିଲା, ସେ ଗୁରୁତର ଆହତ ହେଲେ। ଦୀର୍ଘ ୨୭ ଦିନ ଧରି ମୃତ୍ୟୁ ସହିତ ସଂଗ୍ରାମ କରି ୧୯୯୪ ମସିହା ଡିସେମ୍ବର ମାସ ୨୫ ତାରିଖ ସକାଳ ସାତଟା ଚାଳିଶ ମିନିଟରେ ୭୮ ବୟସରେ ଶେଷ ନିଶ୍ୱାସ ତ୍ୟାଗକଲେ। ଜଣେ ଦେଶ ସେବକ ରାଜନେତା, କବି, ଲେଖକ ଓ ପୂର୍ବତନ ରାଷ୍ଟ୍ରପତିଙ୍କ ମୃତ୍ୟୁରେ ଦେଶରେ ଶୋକର ଛାୟା ଖେଳିଗଲା। କେନ୍ଦ୍ର ସରକାର ୭ ଦିନ ପାଇଁ ଜାତୀୟ ଶୋକ ପାଳିବାକୁ ଘୋଷଣା କଲେ। ଜାତୀୟ ପତକା ଅର୍ଦ୍ଧ ନିମିତ କରାଗଲା। ଦିଲ୍ଲୀର ବିଜୟଘାଟ ନିକଟରେ ଥିବା ଏକତା ସ୍ଥଳରେ ରାଷ୍ଟ୍ରୀୟ ସମ୍ମାନର ସହିତ ଦାହ କରାଗଲା । ଦେଶର ଚାରିଆଡେ " ଜୈଲ ସିଂହ ଅମର ରହେ" ମୁଖରିତ ହେଲା।

**ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର,**
**ମୋ-୯୯୩୭୬୯୧୪୭୫**

# ମାନବ ଜୀବନର ସାର୍ଥକତା : 'ପରୋକକାରାର୍ଥମ୍ ଇଦମ ଶରୀରଂ'



ବିଜୟଲକ୍ଷ୍ମୀ ଶତପଥୀ

ଜୀବନ ଗତିଶୀଳ, ଏକ ପ୍ରବାହ ମାନ ଧାରା। ଏହି ଧାରାରେ ଧାବିତ ସକଳ ଜୀବ ଜଗତ ମାତ୍ର ଧାବମାନ ଜଗତକୁ ସୁନିୟନ୍ତ୍ରିତ କରିନପାରିଲେ ଜନ୍ମ ନିରର୍ଥକ ହୋଇଯାଏ। ଜୀବନକୁ ସୁନିୟନ୍ତ୍ରିତ କରିବା ଲାଗି ସଦଗୁରୁଙ୍କ ଶରଣାପନ୍ନ ହେବା ଅରିହାର୍ଯ୍ୟ। ସଦଗୁରୁଙ୍କ ନିର୍ଦ୍ଦେଶିତ ପଥରେ ଜୀବନକୁ ଚଳାଇ ପାରିଲେ ହୋଇ ଉଠେ ସମୁନ୍ନତ ସୁମଧୁର। ମାନବଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ଭଗବାନ ଶ୍ରୀ ଶ୍ରୀ ସତ୍ୟସାଇ ବାବା । ମାନବଜାତିର କଲ୍ୟାଣ ପାଇଁ ସେ ବହୁ ଉପଦେଶ ଦେଇଯାଇଛନ୍ତି । ମଣିଷର ଜୀବନ ଈଶ୍ୱର ଓ ଅନ୍ୟମାନଙ୍କ ସେବା ଲାଗି ଉଦ୍ଦିଷ୍ଟ ବୋଲି ସେ କହୁଥିଲେ । ସମାଜ ସେବାରେ ହିଁ ମଣିଷ ଜୀବନର ସାର୍ଥକତା । ବୃକ୍ଷଲତା, ପଶୁପକ୍ଷୀ ଆଦି ସହଜାତ ଭାବେ କେବଳ ନିଜ ପାଇଁ ଜୀବନଧାରଣ କରନ୍ତି । ତଥାପି ମଣିଷ ସେମାନଙ୍କ ଦ୍ୱାରା ଉପକୃତ ହୁଏ । ନିଜ ଅଜାଣତରେ ସେମାନେ ମଣିଷର ଉପକାର କରିଥାଆନ୍ତି । ମଣିଷ ସ୍ଥାନ ସେମାନଙ୍କ ଠାରୁ ଉପରେ । ସେବା ପାଇଁ ମଣିଷର ଜନ୍ମ । ତେବେ ଆଜିର ମଣିଷ ନିଜର କର୍ତବ୍ୟ ଦଗରେ ସଚେତନ ନୁହେଁ। ଅହଂଭାବ, ସ୍ୱାର୍ଥପରତା ଆଦି ଯୋଗୁଁ ଆଜି ଆମେ ବସୁଧୈବ କୁଟୁମ୍ବକମ୍ ଆଦର୍ଶକୁ ଭୁଲିଗଲେଣି । ଆତ୍ମମାନଙ୍କର କର୍ତ୍ତବ୍ୟ କରଣୀୟ ସମ୍ପର୍କରେ ଅନେକ ପ୍ରଶ୍ନ ଉଠାନ୍ତି - ଆପଣମାନେ ସମାଜ ସେବା କ'ଣ କରୁଛନ୍ତି? ସମାଜ ବହୁ ମଣିଷର ସମଷ୍ଟି। ଆମେ ପ୍ରତ୍ୟେକ ସମାଜର ଅଂଶ। ଆମେ ପ୍ରତ୍ୟେକଟି ମଣିଷ ଉନ୍ନତ ହେଲେ ହିଁ ସମାଜ ଉନ୍ନତ ହୋଇଉଠିବ।

ଯୁଗେ ଯୁଗେ ଅବତାର ଅବତରି ଆସନ୍ତି ମାନବ ସମାଜକୁ ଉଦ୍ଧିତ କରିବାକୁ, ଆମ ଭିତରେ ଥିବା ଆଧାତ୍ମିକ ତୃଷ୍ଣା ଦୂରୀଭୂତ କରିବାକୁ। ୨୩ ନଭେମ୍ବର ୧୯୨୬ ମସିହା। ମହା ବିଷ୍ଣୁ ସ୍ୱୟଂ ବୈକୁଣ୍ଠ ଅଧିପତି ନାରାୟଣ ସ୍ୱୟଂ ସତ୍ୟ ନାରାୟଣ ରୂପେ ଜନ୍ମ ଗ୍ରହଣ କଲେ ଆନ୍ଧ୍ରପ୍ରଦେଶର ଏକ ଅଖ୍ୟାତ ପଲ୍ଲୀ ପୁଟ୍ଟପର୍ତ୍ତୀରେ। ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ଥିଲା ଏହି ନିପଟ ମଫସଲ ଗାଆଁଟି ଯାହା ଭାରତୀୟ ମାନଚିତ୍ରରେ ମଧ୍ୟ ନଥିଲା। ସେହି ଅଞ୍ଚଳକୁ ଭଗବାନ ବାବା ଜନ୍ମ ଭୂମି ରୂପେ ଚୟନ କରିଥିଲେ। ସେହି ଅଞ୍ଚଳ ସବୁରେ ପାନୀୟ ଜଳର ଘୋର ଅଭାବ ବାଳକ ସତ୍ୟର ସେହି କୋମଳ କାନ୍ଧଟି ବୁଝି ଯାଇ ତାର ନିରାକରଣର ଭାର ବହନ କରି ସାରିଥିଲା। ଭାଇଙ୍କ ଘରେ ପଢ଼ିବା ବେଳେ ଘର ପାଇଁ ତଥା ପୁରା ଗାଆଁଟିର ଜଳ କଷ୍ଟ ଉପଶମ ପାଇଁ କାନ୍ଧରେ ଭାର ବୋହି ପାଣି ଆଣିବା ଭିତରେ ସେହି କୋମଳ କାନ୍ଧରେ ବିଣ୍ଡି ବସି ଯାଉଥଲା ଯାହା ମାଆଙ୍କୁ ବ୍ୟଥିତ କରିଥିଲା। ପୁଣ୍ୟଗର୍ଭା ମାତା ଈଶ୍ୱରାମ୍ମା ବାଳକ ସତ୍ୟମ୍‌ଙ୍କୁ ତିନୋଟି ଗହଣା ମାଗିଥିଲେ, ଗାଆଁରେ ଗୋଟିଏ ଛୋଟ ବିଦ୍ୟାଳୟ, ବୈଦ୍ୟାଳୟ ଏବଂ ପାନୀୟ ଜଳ ବ୍ୟବସ୍ଥା। ମାଆଙ୍କ ହୃଦୟର ବେଦନାକୁ ବୁଝି ତାଙ୍କ ପ୍ରାର୍ଥନା ରଖିଲେ ଭଗବାନ। ସେହି ନିର୍ମଳ ହୃଦୟର ପ୍ରାର୍ଥନାର ପ୍ରତ୍ୟୁତ୍ତର ସ୍ୱରୂପ ବିଶାଳ ବିଶ୍ୱ ବିଦ୍ୟାଳୟ ଯେଉଁଠି କେଜିରୁ ପିଜି ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା ବ୍ୟବସ୍ଥା ରହିଛି, ସୁବିଶାଳ ଆରୋଗ୍ୟ ମନ୍ଦିର ଯେଉଁଠି ବିଲ ପାଇଁ କୌଣସି ବ୍ୟବସ୍ଥା ହିଁ ନାହିଁ ଏବଂ ସୁବିସ୍ତୃତ ପାନୀୟ ଜଳ ପ୍ରକଳ୍ପ ପ୍ରଭୁ ମାନବ ସମାଜକୁ ଉପହାର ସ୍ୱରୂପ ପ୍ରଦାନ କଲେ।

ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲା ହେଉଛି ଅତ୍ୟଧିକ ଫ୍ଲୋରାଇଡ଼ ପ୍ରବଣ ଜିଲ୍ଲା। ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଭଗବାନ ବାବା ସଂକଳ୍ପ ବଦ୍ଧ ଥିଲେ। ଭଗବାନ କହିଥିଲେ ଯଦି ଆବଶ୍ୟକ ପଡ଼େ ମୁଁ ମୋର ସର୍ବସ୍ୱ ବିକ୍ରି କରିଦେବି, ଆବଶ୍ୟକ ହେଲେ ମୋ ନିଜକୁ ମଧ୍ୟ ବିକ୍ରି କରି ଦେବି ସିନା କିନ୍ତୁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଅବଶ୍ୟ ପ୍ରଦାନ କରିବି। ତାଙ୍କର ଚିନ୍ତନ, ବଚନ ଓ କର୍ମର ସମନ୍ୱିତ ଭାବ ସୁବିସ୍ତୃତ 'ଶ୍ରୀ ସତ୍ୟସାଇ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ'ର ରୂପ ନେଲା। ସେହିଭଳି ଭାବରେ ୧୯୯୫ ମସିହାରେ ଅନନ୍ତପୁର ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ୧୮ ମାସର ରେକର୍ଡ଼ ସମୟ ମଧ୍ୟରେ ୭୦୦ ଗ୍ରାମର ୧୨.୫ ଲକ୍ଷ ଲୋକ, ୨୦୦୧ରେ ମେଡ଼କ ମେହେବୁବ ନଗରର ୧୦ ଲକ୍ଷ ଲୋକ, ୨୦୦୫ରେ ପୂର୍ବ ଓ ପଶ୍ଚିମ ଗୋଦାବରୀର ୫.୯୦ ଲକ୍ଷ ଲୋକ ଏବଂ ୨୦୦୭ ସୁଦ୍ଧା ଚେନ୍ନାଇ ପ୍ରକଳ୍ପ ମାଧ୍ୟମରେ ୬୦ ଲକ୍ଷ ଲୋକଙ୍କ ପାଇଁ ପ୍ରଭୁ ଦିବ୍ୟ କରୁଣାରୁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହୋଇପାରିଛି। ତେବେ କରୁଣାର ଏହି ପ୍ରବହମାନ ଧାରା ଆନ୍ଧ୍ର, ତାମିଲର ସୀମା ଭିତରେ ସୀମାବଦ୍ଧ ନଥିଲା। ପ୍ରଭୁଙ୍କ ଅନାବିଳ ପ୍ରେମର ଜାହ୍ନବୀ ଧାରା ସୀମା ସରହଦ ଡେଇଁ ସାରା ଓଡ଼ିଶାକୁ ପ୍ଲାବିତ କରିଛି 'ଶ୍ରୀସତ୍ୟସାଇ ନିର୍ମଳ ଝର' ପ୍ରକଳ୍ପ ମାଧ୍ୟମରେ। ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା ଜଳସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନେଇ ସେବାର ସୁଯୋଗରେ ବ୍ରତୀ ରହିଛି। ଏହି ସେବା ସାଧାରଣତଃ ତିନି ପ୍ରକାରରେ କରାଯାଉଛି।

ଶ୍ରୀ ସତ୍ୟସାଇ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ : ଜଳରେ ଦ୍ରବୀଭୂତ ହୋଇ ମାତ୍ରାଧିକ ବିଷାକ୍ତ ରସାୟନ ଥିବା ଜିଲ୍ଲା ମାନଙ୍କରେ ଆରଓ ପ୍ଲାଣ୍ଟ ବସାଯାଇ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଉଛି। ୨୦୧୫ ମସିହାରୁ ଅଦ୍ୟାବଧି, ୧୧ଟି ଜିଲ୍ଲାରେ ୩୮ଟି ଗ୍ରାମ ଶ୍ରୀ ସତ୍ୟସାଇ ନିର୍ମଳ ଝର ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା ମାଧ୍ୟମରେ ୬୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଯାଉଛି। ଶ୍ରୀ ସତ୍ୟସାଇ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ : ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନ ଗହଳି ଥିବା ସ୍ଥାନ ମାନଙ୍କରେ ଆବଶ୍ୟକତା ଅନୁସାରେ ମେସିନ ବସାଇ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ସମସ୍ତଙ୍କ ପାଇଁ ଉପଲବ୍ଧ କରାଯାଉଛି। ଏ ପର୍ଯ୍ୟନ୍ତ ୬୦ରୁ ଉର୍ଦ୍ଧ୍ୱ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇ ବର୍ଷ ତମାମ ଲୋକଙ୍କୁ ଥଣ୍ଡା ପାନୀୟ ଜଳ ଉପଲବ୍ଧ କରାଯାଉଛି। ଗ୍ରୀଷ୍ମକାଳୀନ ଜଳ ସେବା : ଖରା ଦିନେ ବାଟୋଇ ମାନଙ୍କ ଯାତ୍ରା ସମୟରେ ଲୋକଙ୍କ ତୃଷ୍ଣା ନିବାରଣରେ ଏହି ସେବା ପ୍ରମୁଖ ଭୂମିକା ନେଉଛି। ସାରା ରାଜ୍ୟରେ ସମସ୍ତ ଜିଲ୍ଲାର ପ୍ରମୁଖ ସ୍ଥାନ ମାନଙ୍କରେ ବିଭିନ୍ନ ମେଳା ମହୋତ୍ସବରେ ଦିନ ରାତି ଲୋକଙ୍କୁ ପାନୀୟ ଜଳ, ସର୍ବତ, ପଣା ଦେଇ ତୃଷିତଙ୍କ ସେବାରେ ସଦା ନିୟୋଜିତ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ଜଳ ସେବା ସାଧନାରେ ବ୍ରତୀ ସାଧକ ସାଧିକା। ଏହା ସହିତ ଘରେ ଘରେ ପଶୁ ପକ୍ଷୀଙ୍କ ପାଇଁ ସମ୍ପୂର୍ଣ୍ଣ ଗ୍ରୀଷ୍ମ ସମୟରେ ବିଶେଷ କରି ଆରାଧନାର ପବିତ୍ର ମାସରେ ବାଳବିକାଶର ଟିକି କଳିକା ମଧ୍ୟ ଜଳ ସେବାର ଆନନ୍ଦ ନେଉଛନ୍ତି।

ଜଳ ହିଁ ଜୀବନ। ଜଳର ସୁରକ୍ଷା ଆମ ସମସ୍ତଙ୍କ ପ୍ରମୁଖ କର୍ତ୍ତବ୍ୟ। ଜଳସେବା ମହୋତ୍ସବରେ ଆସନ୍ତୁ ସମସ୍ତେ ଶପଥ ନେବା। ଘରେ ପାଣି ଟାଙ୍କି ଭର୍ତ୍ତି କରିବା ସମୟରେ ଅଯଥାରେ ଜଳ ନଷ୍ଟ କରିବା ନାହିଁ, ସଠିକ ସମୟରେ ସ୍ୱିଚ ବନ୍ଦ କରିବା। ବ୍ରସ କରିବା ବେଳେ, ମୁହଁ ଧୋଇବା ବେଳେ, କୁଳି କରିବା ବେଳେ ଆବଶ୍ୟକତା ଅନୁସାରେ ହିଁ ଟ୍ୟାପ ଖୋଲି ପାଣିର ବ୍ୟବହାର କରିବା। ଅଯଥା ପାଣିକୁ ବୋହି ଯିବାକୁ ଦେବା ନାହିଁ। ଗାଧୋଇବା ସମୟରେ, ବାସନ ଓ ଲୁଗା ସଫା ସମୟରେ ଜଳ ନଷ୍ଟ କରିବା ନାହିଁ। ଅଳ୍ପ ଲୁଗା ସଫା କରିବାକୁ ଥିଲେ ୱାସିଂ ମେସିନର ବ୍ୟବହାର ନକରି ମଧ୍ୟ ବାଲ୍ଟିରେ କମ ପାଣିରେ ଧୋଇ ପାରିବା। ଗାଡ଼ି ଧୋଇବାରେ ବ୍ୟବହୃତ ହୋଇଥିବା ପାଣି ଅନ୍ୟ କିଛି କାମରେ ବା ଗଛ ପତ୍ରରେ ବ୍ୟବହାର କରି ପାରିବା। ଘରେ ବା ବାହାରେ କୌଣସି ନଳ ଖୋଲା ଦେଖିଲେ ନିଶ୍ଚିତ ବନ୍ଦ ରଖିବା। ଘରେ ପାଣିକୁ ବାହାରକୁ ବୋହି ଯିବାକୁ ନଦେଇ ସଂରକ୍ଷିତ କରି ରଖି ଅନ୍ୟ କାମରେ ଲଗେଇ ପାରିବା। ଗଛରେ ପାଣି ଦେବାବେଳେ ଯେମିତି ଅନ୍ୟତ୍ର ପାଣି ପଡ଼ି ନଷ୍ଟ ନହୁଏ ସେଥିପ୍ରତି ସାବଧାନ ହେବା। ଆବଶ୍ୟକ ଅନୁସାରେ ଗ୍ଲାସରେ ପାଣି ନେଇ ପିଇବା ଅଳ୍ପ ପିଇ ପୁରା ଗ୍ଲାସ ପାଣି ନଷ୍ଟ କରିବା ନାହିଁ କାରଣ ଗୋଟିଏ ଗ୍ଲାସ ବିଶୁଦ୍ଧ ପାଣି ପାଇବାକୁ ମଧ୍ୟ ଅନେକ ଜଳ ଆବଶ୍ୟକ ହୋଇଥାଏ। ଜଳ ଯଦି ସୁରକ୍ଷିତ ତାହା ଆମର ବନ୍ଧୁ, ଜଳ ଯଦି ଅସୁରକ୍ଷିତ ତାହା ଆମର ଶତ୍ରୁ। ଜଳର ସୁରକ୍ଷା ଆମର ଏକମାତ୍ର ଧ୍ୟେୟ ହେଉ।

ସେବା ଆମ ମାନଙ୍କୁ ପୁରସ୍କାର ରୂପେ କେବଳ ଆତ୍ମସନ୍ତୋଷ ପ୍ରଦାନ କରେନାହିଁ, କିନ୍ତୁ ଯାହାର ଯନ୍ତ୍ରଣା ଲାଘବ କରିବାରେ ନିଜକୁ ନିୟୋଜିତ କରୁ ସେ ମଧ୍ୟ ସେତିକି ସନ୍ତୁଷ୍ଟ ଓ ପ୍ରସନ୍ନତା ଅନୁଭବ କରେ। ସେବକ ସବୁବେଳେ ବିନୀୟ ହୋଇଥାଏ। ଆମେ ସେବା ପ୍ରଦାନର ପ୍ରତିଦାନରେ କୌଣସି ଆଶା କରୁନା। ଭଗବାନ ବାବା ସମସ୍ତଙ୍କର ସେବା ମାଧ୍ୟମରେ ଆମ ନିଜ ଭିତରେ ଓ ସମଗ୍ର ସୃଷ୍ଟିରେ ଦୈବତ୍ୱକୁ ଆବିଷ୍କାର କରିବାକୁ ଶିକ୍ଷା ଦେଉଛନ୍ତି। ସମଗ୍ର ମାନବ ଜାତିର ଭାତୃତ୍ୱର ବ୍ୟାଖ୍ୟା ସେବାର୍ପଣ ମାଧ୍ୟମରେ ହିଁ ସମ୍ଭବ। ସେବାକାର୍ଯ୍ୟ କେବଳ ପ୍ରଶାନ୍ତି ନିଳୟମ୍ ଆଶ୍ରମ ଭିତରେ କିମ୍ବା ଡାକ୍ତରଖାନାରେ ସୀମିତ ନୁହେଁ। ସମାଜର ସତ୍ ସ୍ୱଭାବ ସଂପନ୍ନ ଓ ସଚେତନ ବ୍ୟକ୍ତିମାନେ ପ୍ରତ୍ୟେକ ଜୀବଜନ୍ତୁ, ବୃକ୍ଷଲତା ଆବଶ୍ୟକତା ପୂରଣ କରିବାରେ ଚେଷ୍ଟିତ ରହନ୍ତି। ତେଣୁ କୁହାଯାଏ 'ପରୋକକାରାର୍ଥମ୍ ଇଦମ ଶରୀରଂ', ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେଇ ବିଶ୍ୱ ନିୟନ୍ତାଙ୍କର ସନ୍ତାନ ସନ୍ତତି ମଣି କିଛି କିଛି ସ୍ୱାର୍ଥ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ, ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ, ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା।

**ଖରିଆର ରୋଡ଼, ନୂଆପଡ଼ା**

# କାଳରୂପୀ ଭଗବାନ



ନିରୂପମା ଭୂୟାଁ

ପ୍ରାଣୀମାନଙ୍କର ଉତ୍ପତ୍ତି ବିନାଶ ଏବଂ ଉନ୍ନତି ଅବନ୍ନତି ଆଦି ସବୁ କିଛି କାଳରୂପୀ ଭଗବାନଙ୍କ ଉପରେ ନିର୍ଭରଶୀଳ। ଆମର ସମସ୍ତ ଶକ୍ତି କାଳର ଆୟତ୍ତାଧୀନ। କେବଳ କାଳ ସତ୍ୟ ଏବଂ ଅନ୍ୟ ସବୁ ମିଥ୍ୟା। କାଳରୂପୀ ଭଗବାନ ବିଷ୍ଣୁ, ଶ୍ରୀକୃଷ୍ଣ ସାଜି ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ। ତାଙ୍କ ବଳରେ ବଳୀୟାନ ଥିଲେ ଅର୍ଜ୍ଜୁନ। ତେଣୁ ମହାଯୋଦ୍ଧା ଭୀଷ୍ମ, ଦ୍ରୋଣ ଓ କର୍ଣ୍ଣ ଆଦିଙ୍କୁ ପରାଜିତ କରିପାରିଥିଲେ। ଆଉ ଶ୍ରୀକୃଷ୍ଣ ମର୍ତ୍ତ୍ୟଲୋକ ତ୍ୟାଗ କରିବା ସହ ଅର୍ଜ୍ଜୁନଙ୍କ ଶକ୍ତି କ୍ଷୟ ହୋଇଥିଲା। ସତ୍ୟ ବୁଝିପାରି ସେ ଅହଂ ପରିତ୍ୟାଗ କରି ପରମଲୋକକୁ ଗମନ କରିବା ପାଇଁ ବ୍ୟଗ୍ର ହୋଇଉଠିଥିଲେ। ପୁରାଣ ଅନୁଯାୟୀ ଶ୍ରୀକୃଷ୍ଣ ଧରା ଛାଡ଼ିବା ପରେ ସୁଧର୍ମାସଭା ଓ ପାରିଜାତ ବୃକ୍ଷ ସ୍ୱର୍ଗକୁ ଚାଲିଯାଇଥିଲେ। କେବଳ ଶ୍ରୀକୃଷ୍ଣଙ୍କ ନିବାସ ସ୍ଥଳୀକୁ ଛାଡ଼ି ଅବଶିଷ୍ଟ ଦ୍ୱାରକା ନଗରୀ ସମୁଦ୍ର ଗର୍ଭରେ ଲୀନ ହୋଇଥିଲା। ତାହା ପୂର୍ବରୁ ଯଦୁବଂଶ ଧ୍ୱଂସ ହୋଇସାରିଥିଲା। ମହାବଳଶାଳୀ କଳିଯୁଗ ପ୍ରଭାବ ବିସ୍ତାର କରିବାକୁ ଆରମ୍ଭ କରିଥିଲା।

ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଅର୍ଜ୍ଜୁନ ଦ୍ୱାରକାବାସୀଙ୍କୁ ସୁଖ ଶାନ୍ତି ଓ ସହ ଅବସ୍ଥାପିତ କରାଇ ତାଙ୍କର ପତ୍ନୀମାନଙ୍କୁ ଧରି ହସ୍ତିନାପୁର ଫେରିବା ବେଳେ ନିଜର ଶକ୍ତି କ୍ଷୟ ହୋଇଥିବା ସଂକ୍ରାନ୍ତରେ ଅବଗତ ହୋଇଥିଲେ। ପଥ ମଧ୍ୟରେ ଉଚ୍ଛୃଙ୍ଖଳ ଆଭୀର ବା ଗଉଡମାନେ ଅର୍ଜ୍ଜୁନଙ୍କୁ ଆକ୍ରମଣ କରି କୃଷ୍ଣଙ୍କ ପତ୍ନୀମାନଙ୍କୁ ବଳପୂର୍ବକ ଅପହରଣ କରିନେଲେ। ଏକଦା କିଛି ଅପ୍‌ସରା ଅଷ୍ଟାବକ୍ର ମୁନିଙ୍କୁ ପରିହାସ କରି ଧରାପୃଷ୍ଠରେ ଜନ୍ମ ହେବା ପାଇଁ ଶାପ ପାଇଥିଲେ। ଶାପ ଯୋଗୁଁ ହିଁ ସେମାନେ କୃଷ୍ଣଙ୍କୁ ବିବାହ କରିଥିଲେ ଏବଂ ଗଉଡଙ୍କ ଦ୍ୱାରା ଅପହୃତ ହୋଇଥିଲେ। ଅର୍ଜ୍ଜୁନ ଛାର ଗୋପାଳମାନଙ୍କର ପ୍ରତିରୋଧ କରିପାରିଲେ ନାହିଁ। ଲଜ୍ଜା ଅପମାନରେ ସେ ବ୍ୟାସଦେବଙ୍କୁ ଭେଟି ଏହାର କାରଣ ଜାଣିବାକୁ ଇଛା କଲେ। ତହୁଁ ବ୍ୟାସ, କାଳରୂପୀ ଭଗବାନଙ୍କ ସଂପର୍କରେ ତାଙ୍କୁ ବୁଝାଇଲେ। ଧରାପୃଷ୍ଠରେ ପଞ୍ଚ ପାଣ୍ଡବଙ୍କ ସମୟ ମଧ୍ୟ ଶେଷ ହୋଇସାରିଥିଲା। ଅର୍ଜ୍ଜୁନ, ଧର୍ମରାଜ ଯୁଧିଷ୍ଠିରଙ୍କୁ ସେ ସଂପର୍କରେ ଅବଗତ କରାଇବା ପରେ ଅଭିମନ୍ୟୁ ପୁତ୍ର ପରୀକ୍ଷିତଙ୍କୁ ସିଂହାସନରେ ବସାଇ ପଞ୍ଚ ପାଣ୍ଡବ ଓ ଦ୍ରୌପଦୀ ହିମାଳୟଗାମୀହୋଇଥିଲେ।

ଭଗବତ ବିଚ୍ଛେଦ ହିଁ ସକଳ ମାନବୀୟ ଦୁଃଖ ଦୁର୍ଦ୍ଦଶାର ମୂଳ କାରଣ। ଯୋଗ ଦ୍ୱାରା, ଭକ୍ତି ଦ୍ୱାରା, ଜ୍ଞାନ ଦ୍ୱାରା, ବିଚାର ଦ୍ୱାରା, ବିବେକ ଦ୍ୱାରା, ସାଧନା ଦ୍ୱାରା ସେହି ବିଚ୍ଛେଦର ସେହି ତୁଟା ସମ୍ପର୍କର ଅବସାନ ଘଟାନ୍ତୁ। ଭଗବତ ଅନନ୍ୟତାର, ଭଗବତ ସାନିଧ୍ୟର ସେହି ପରମ ସୁଖଦାୟୀ ଅବସ୍ଥାକୁ ସର୍ବଦା ଅତୁଟ କରି ରଖିବାକୁ ନିଷ୍ଠାର ସହିତ ଐକାନ୍ତିକତାର ସହିତ ଉଦ୍ୟମ କରି କରି ସଂସାର ଦୁଃଖକୁ ଅତିକ୍ରମ କରିଯାଆନ୍ତୁ। ଅଜ୍ଞାନ, ଅନ୍ଧକାରକୁ ବିନାଶ କରି ବନ୍ଧନରୁ ମୁକ୍ତ ହୋଇ ପରମ ଦିବ୍ୟ ଜ୍ଞାନର ଅଲୋକ ନିକଟକୁ ଚାଲି ଆସନ୍ତୁ ତାହା ହିଁ ବିଜ୍ଞତା। ଆଜି ଏହି ଶୁଭକ୍ଷଣରୁ ସେହି ବିଜ୍ଞତାର ପଥ ଧରି ନିଅନ୍ତୁ। ଆପଣ ପରମ ଆନନ୍ଦ ପାଇବେ। ଭଗବାନ ଆପଣଙ୍କର ସାଧନାକୁ ସାଫଲ୍ୟ ମଣ୍ଡିତ କରନ୍ତୁ, ଭଗବାନ ଶ୍ରୀ ସତ୍ୟସାଇଙ୍କ ଆଶୀର୍ବାଦରେ ଆପଣଙ୍କ ଅଭିଳାଷ, ଆପଣଙ୍କର ସତକାମନା ପରିପୂର୍ଣ୍ଣ ହେଉ।

**ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,**
**ଦୂରଭାଷ : ୯୯୩୭୪୭୦୯୮୦**

## ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା

# ୱାକଫ ନୂତନ ଆଇନ ଗରିବ ମୁସଲମାନ ଓ ମହିଳାଙ୍କୁ ସେମାନଙ୍କ ହକ୍ ମିଳିବ : ବିଶେଶ୍ୱର ଟୁଡୁ




**ଅନୁଗୁଳ,(ଡିକେ ନ୍ୟୁଜ):** ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ୱାକଫ ସୁଧାର ଜନ ଜାଗରଣ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି କେନ୍ଦ୍ର ଓ ରାଜ୍ୟ ବିଜେପିର ନିଷ୍ପତ୍ତି କ୍ରମେ ସମସ୍ତ ଜିଲ୍ଲାରେ ୱାକଫ ଆଇନ ସଂଶୋଧନ ଉପରେ କର୍ମଶାଳାମାନ କରାଯାଇ ବିଜେପି କାର୍ଯ୍ୟକର୍ତ୍ତା ଓ ବୁଦ୍ଧିଜୀବୀମାନଙ୍କୁ ଉକ୍ତ ନୂତନ ଆଇନ ବିଷୟରେ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଆଜି ରବିବାର ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଯୋଗଦେଇ ବିସ୍ତୃତ ଭାବେ ୱାକଫ ବୋର୍ଡର ପୂର୍ବ ଆଇନ ଓ ବର୍ତ୍ତମାନ କଣ ସବୁ ସଂଶୋଧନ ହୋଇଛି ସେ ବିଷୟରେ ଅବଗତ କରାଇଥିଲେ। ରାଜ୍ୟରେ ୱାକଫ ବୋର୍ଡ ଏବଂ ଦେଶରେ ୱାକଫ କାଉନସିଲ ରହିଥିଲା ୱାକଫ ବୋର୍ଡରେ ମହିଳା ମାନଙ୍କର ଭାଗିଦାରୀ ନଥିଲା ଏବଂ ସରକାର ରହିଁଲେ ତାକୁ ଅଡିଟ କିମ୍ବା କୌଣସି ହସ୍ତକ୍ଷେପ କରି ପାରୁ ନଥିଲେ। ବ୍ରିଟିଶ ସମୟରେ ଏହା ଗଠିତ ହୋଇଥିବା ବେଳେ ତତ୍କାଳୀନ କଂଗ୍ରେସ ସରକାର ୧୯୫୪ ଏବଂ ୧୯୬୪ ରେ ଏହାକୁ ଆଇନରେ ପରିଣତ କରି କିଛି ମୁଷ୍ଟିମେୟ ଲୋକଙ୍କର ହିତ ସାଧନ ଓ ଭୋଟ ବ୍ୟାଙ୍କ ପଲିଟିକ୍ସ ଉଧେଶ୍ୱରେ ଉକ୍ତ କାର୍ଯ୍ୟ କରି ଆସୁଥିଲେ ୱାକଫ ନାମରେ ଦେଶରେ ୯.୫୪ ଲକ୍ଷ ଏକର ଜମି ଥିବା ବେଳେ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ୮୦ ପ୍ରତିଶତ ୱାକଫ ବୋର୍ଡ ଆଜି ଦୁର୍ବଳ ଅବସ୍ଥାରେ ଅଛି। ଯେଉଁ ଉଦ୍ଦେଶ୍ୟରେ ଏହା ଗଠନ କରାଯାଇଥିଲା ତାଠାରୁ ବହୁ ଦୁରରେ ଉକ୍ତ ବୋର୍ଡ କାର୍ଯ୍ୟ କରୁଥିଲା। ଗରିବ ମାନଙ୍କର କୌଣସି କାର୍ଯ୍ୟରେ ନ ଆସି ଦେଶ ବିରୋଧୀ କାର୍ଯ୍ୟରେ ଉକ୍ତ ସମ୍ପତ୍ତିର ଅର୍ଥ ନିୟୋଜିତ ହେଉଥିଲା ବ୍ୟାପକ ଭାବେ ଘୋଟଲା ଯେପରି କର୍ଣ୍ଣାଟକରେ ୱାକଫ ସମ୍ପତ୍ତିରେ ଦୁଇ ଲକ୍ଷ କୋଟିର ଘୋଟଲା ହୋଇଥିବାର ଗଣମାଧ୍ୟମ ପ୍ରକାଶ କରିଥିଲା। ନରେନ୍ଦ୍ର ମୋଦୀ ସରକାର ସବକା ସାଥ, ସବକା ବିଶ୍ୱାସ, ସବକା ବିକାଶ, ସବକା ପ୍ରୟାସକୁ ପାଥେୟ କରି ୱାକଫ ଆଇନରେ ସଂଶୋଧନ କରାଇ ଛନ୍ତି, ଯାହାକି ୱାକଫ ବୋର୍ଡ ରେ ହିସାବ କିତାବ ସଠିକ ଭାବେ ଲିପିବଦ୍ଧ ହେବ ଏବଂ ସରକାରଙ୍କ ନିକଟରେ ସେମାନେ ଉତ୍ତରଦାୟୀ ରହିବେ। ଜିଲ୍ଲାପାଳ ମାନେ ଜିଲ୍ଲା ମଧ୍ୟରେ ଥିବା ୱାକଫ ବୋର୍ଡ କୁ ନୂତନ ନିୟମାନୁଯାୟୀ ତଦାରଖ କରି ପାରିବେ। ବୋର୍ଡରେ ମହିଳାମାନେ ରହି ପାରିବେ ଫଳରେ ମୁସଲମାନ ଗରିବ ଓ ମହିଳାମାନଙ୍କୁ ହକ ମିଳିବ ବୋଲି ଶ୍ରୀଯୁକ୍ତ ଟୁଡୁ ପ୍ରକାଶ କରିଥିଲେ ଉକ୍ତ କର୍ମଶାଳାରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ଜିଲ୍ଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଏସ କେ ମିନାଉଦ୍ଧିନ, ଜିଲ୍ଲା ସାଧାରଣ ସମ୍ପାଦକ ଭବାନୀ ଜ୍ୟୋତିଷ ରାୟ ଓ ପ୍ରକାଶ ମହାରଣା ପ୍ରମୁଖ ୱାକଫ ଆଇନ ଉପରେ ବିଶେଷ ଭାବେ ପ୍ରକାଶ କରିଥିଲେ। ବିଜେପି ଜିଲ୍ଲା ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ଅଧ୍ୟାପକ ବିଶ୍ୱରଂଜନ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ ଗଡ଼ନାୟକ କର୍ମଶାଳାକୁ ସଂଯୋଜନା କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ନେତା ଦିଲ୍ଲୀପ ପ୍ରଧାନ, ଚୌଧୁରୀ ପ୍ରଧାନ, ବିଶ୍ୱଜିତ ମିଶ୍ର, ବିଜୟ ମାଝୀ, ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ବସନ୍ତ ମଞ୍ଜରୀ ପ୍ରଧାନ, ଚିତ୍ତରଞ୍ଜନ ମେହେର, ସିଦ୍ଧାର୍ଥ ରାଉତରାୟ, ସମୀର ପରିଡାଙ୍କ ସମେତ ଜିଲ୍ଲାର ସମସ୍ତ ମଣ୍ଡଳର ସଭାପତି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ, ସମସ୍ତ ମୋର୍ଚ୍ଚାର ପଦାଧିକାରୀ, ବୁଦ୍ଧିଜୀବୀଙ୍କ ସମେତ ଶତାଧିକ ଜନ ସାଧାରଣ ଉପସ୍ଥିତ ଥିଲେ।

## ଟଙ୍କା ଚୋରି ଧରାପଡ଼ିବାରୁ ଶାଶୁଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲା ବୋହୂ

**ମାଲକାନଗିରି,(ହି.ସ.):** ଟଙ୍କା ଚୋରି କରୁଥିଲା ବୋହୂ । ଦେଖି ଦେବାରୁ ଶାଶୂ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲା ବୋହୂ । ମାଲକାନଗିରି ଥାନା ଏମଭି ୧୮ ଗାଁରେ ଘଟିଛି ଏଭଳି କାଣ୍ଡ । ଚୋରି ଧରାପଡ଼ିଯିବାରୁ ରେଣୁକା ବୈଦ୍ୟଙ୍କୁ ପୋଡ଼ି ଦେଇଛନ୍ତି ବୋହୂ ଜୟା । ଖୋଦ୍ ଜୟାଙ୍କ ସ୍ୱାମୀ ଏନେଇ ଅଭିଯୋଗ କରିଛନ୍ତି । ଶୋଇଥିବା ବେଳେ ନିଆଁ ଲଗାଇବା ସହ ବାହାର ପଟୁ କବାଟ କିଳି ଜଗି ରହିଥିଲା ବୋହୂ । ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ପହଂଚି ରେଣୁକାଙ୍କୁ ଉଦ୍ଧାର କରିବା ସହ ମେଡିକାଲ ନେଇଥିଲେ । ରେଣୁକାଙ୍କ ଶରୀରର ୬୫ ପ୍ରତିଶତରୁ ଅଧିକ ଅଂଶ ପୋଡ଼ି ଯାଇଥିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଚିକିତ୍ସା ପାଇଁ ତାଙ୍କୁ ଛତିଶଗଡ ରାୟପୁରର ସ୍ୱତନ୍ତ୍ର ବର୍ଣ୍ଣ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅନ୍ୟପଟେ ଏଭଳି କାଣ୍ଡ ଘଟାଇବା ପରେ ବୋହୂ ଜୟା ନିଜ ୪ ମାସର ପୁଅକୁ ନେଇ ବାପ ଘରକୁ ପଳାଇଛନ୍ତି । ଜୟାଙ୍କ ସ୍ୱାମୀ ଓ ପରିବାର ଲୋକେ ମାଲକାନଗିରି ମଡେଲ ଥାନାରେ ଅଭିଯୋଗ କରିବା ସହ ଅଭିଯୁକ୍ତ ଜୟାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

## ଅଜଣା ଗାଡ଼ି ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**କୋରେଇ,(ହି.ସ.):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ବଡ ତ୍ରିଲୋଚନପୁର (ମକୁନ୍ଦିବିନ୍ଧ) ଗ୍ରାମର ଜଣେ ସାଇକେଲ ଆରୋହୀ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ପ୍ରକାଶଯେ ଗ୍ରାମର ଲକ୍ଷ୍ମୀଧର ମାଝୀ (୫୦) ରବିବାର ଅପରାହ୍ନ ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ମାନେ ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିନ୍ତୁ ସେଠାରେ ତାଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରଜୁ କରିବା ସହିତ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଭୁଲିଗଲେ ପ୍ରଶାସନ ଓ ଠିକାଦାର



**ଅସ୍ତରଙ୍ଗ,(ଡିକେ ନ୍ୟୁଜ):** ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ କୁଣ୍ଡେଶ୍ୱରରେ ରାସ୍ତା ଉପରେ ତିଆରି ହେଉଛି ମାର୍କେଟେ କମ୍ପ୍ଲେସ ଯାହାକୁ ନେଇ ଗ୍ରାମବାସୀଙ୍କ ତରଫରୁ ପ୍ରଶାନ୍ତ ଭୋଇ ହାଇକୋର୍ଟରେ କେଶ ନମ୍ବର ୧୪୯୨/୨୦୨୫ ରେ ମକଦମା କରିଛନ୍ତି। କୋର୍ଟ ୧୭.୫.୨୦୨୫ ପର୍ଯ୍ୟନ୍ତ କାମ ବନ୍ଦ କରି ସତର ତାରିଖରେ ହାଇ କୋର୍ଟରେ ଅସ୍ତରଙ୍ଗ ତହସିଲଦାରକୁ ହାଜର ପାଇଁ ନୋଟିସ ଦେଇଛନ୍ତି। ମାତ୍ର ଏହି ନିୟମଙ୍କୁ ଫୁ କରିଛନ୍ତି ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ରାସ୍ତା ଉପରେ ତିଆରି କରୁଛନ୍ତି ଘର। ଏ ବାବଦରେ ତହସିଲଦାରଙ୍କୁ ପଚାରି ଥିଲେ ଆମପ୍ରତିନିଧି ଉତ୍ତର ମିଳିଲା କି ମୁଁ ସତର ତାରିଖରେ କହିବି। ଆସନ୍ତା ୧୭ ତାରିଖକୁ ଶୁଣାଣି ଥିବା ବେଳେ ଆଜି ଡହଡହ ଖରାରେ ଶ୍ରମିକମାନଙ୍କୁ ନେଇ ଛାତ ପକେଇବାରେ ବ୍ୟସ୍ତ ଠିକାଦାର ବାବୁ। ଏଠି କହି ରଖୁଛୁ କି ରାସ୍ତା ଉପରେ ନିର୍ମାଣ ହେଉଛି ମାର୍କେଟ କମ୍ପ୍ଲେକ୍ସ ପ୍ରଶାସାନ ସବୁ ଜାଣି କି ଚୁପ। ଏଥି ପାଇଁ ଗ୍ରାମବାସୀମାନେ ଏହି କାର୍ଯ୍ୟକୁ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଜିଲ୍ଲା ପ୍ରେସ କ୍ଲବ ନିର୍ବାଚନ : ଶୁଭ୍ରାଂଶୁ ସଭାପତି, ଦିଲ୍ଲୀପ ସମ୍ପାଦକ ଭାବେ ପୁନଃ ନିର୍ବାଚିତ



**ଖୋର୍ଦ୍ଧା,(ଡିକେ ନ୍ୟୁଜ):** ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ର ୨୦୨୫-୨୦୨୬ ବର୍ଷ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପ୍ରେସକ୍ଲବର ବରିଷ୍ଠ ସଦସ୍ୟ ତପନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିର୍ବାଚନ ପରିଚାଳନା ଅଧିକାରୀ ଭାବରେ ଅବ୍ୟକ୍ତ ହରି ହର ଖାଡ଼ଙ୍ଗାଙ୍କୁ ନିଯୁକ୍ତ କରାଯାଇଥିଲା। ପ୍ରେସ କ୍ଲବ ପରିଚାଳନା ପରିଷଦ ସଦସ୍ୟଙ୍କ ମତାମତ ଆଧାରରେ ସର୍ବସମ୍ମତିକ୍ରମେ ପ୍ରେସ କ୍ଲବର କର୍ମକର୍ତ୍ତା ଚୟନ କରାଯାଇଥିଲା। କ୍ଲବର ସଦସ୍ୟ ରଞ୍ଜିତ ସାମନ୍ତରାୟ ସଭାପତି ପ୍ରାର୍ଥୀ ଭାବେ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ନାମ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ଓ କୃଷ୍ଣ ଚନ୍ଦ୍ର ଦାଶ ସମର୍ଥନ କରିଥିଲେ। ଜିତେନ୍ଦ୍ର କୁମାର ଭଞ୍ଜ ସମ୍ପାଦକ ପ୍ରାର୍ଥୀ ଭାବେ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ନାମ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ପ୍ରସନ୍ନ ପାଇକରାୟ ଏବଂ ମହମ୍ମଦ ମୋତାହାର ଯୁସୁଫ ସମର୍ଥନ କରିଥିଲେ। ଉପ-ସଭାପତି ଭାବେ ପ୍ରସନ୍ନ ପାଇକରାୟ ଓ ଲଳିତ ମୋହନ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ରଞ୍ଜିତ କୁମାର ପାଟଶାଣୀ ଓ ଗୋପାଳ କୃଷ୍ଣ ପ୍ରଧାନ, ସହ-ସମ୍ପାଦକ ସୟଦ ଲିୟାକତ ଅଲ୍ଲୀ, କୋଷାଧକ୍ଷ ଶୁଭ୍ରକାନ୍ତ ମହାପାତ୍ର, ଆବାହକ ପ୍ରକାଶ କୁମାର ହାତୀ, ଆଇନ ପରାମର୍ଶଦାତା ଅବ୍ୟକ୍ତ ହରି ହର ଖାଡ଼ଙ୍ଗା ଓ ସଂଗ୍ରାମ କେଶରୀ ହୋତା, ମୁଖ୍ୟ ପରାମର୍ଶଦାତା, ତପନ କୁମାର ନାୟକ, ଗଣମାଧ୍ୟମ ସଂଯୋଜକ ଭାବେ ସନ୍ତୋଷ ଚୌଧୁରୀ ଏବଂ ପରିଚାଳନା ସଦସ୍ୟ ଭାବେ, ଗୋପାଳ କୃଷ୍ଣ ଦାସ, ରାମ ନାରାୟଣ ଦାଶ, ସନ୍ଦୀପ ବର୍ମନ, ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସନ୍ତୋଷ ବାରିକ, ପ୍ରବୀଣ ଭଞ୍ଜ, ପ୍ରକାଶ ପଟ୍ଟନାୟକ ଓ ଜିତେନ୍ଦ୍ର ଭଞ୍ଜ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ଖାଡ଼ଙ୍ଗା ଘୋଷଣା କରିଥିଲେ। ପ୍ରେସ କ୍ଲବ ପକ୍ଷରୁ ନବନିର୍ବାଚିତ ସଦସ୍ୟ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଆଗାମୀ ଦିନରେ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବକୁ ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ରାଜ୍ୟରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବରେ ଗଢି ତୋଳିବାକୁ ତାଙ୍କର ଉଦ୍ୟମ ଜାରି ରହିବ ବୋଲି ନବ ନିର୍ବାଚିତ ସଭାପତି ଶ୍ରୀଯୁକ୍ତ ସାମନ୍ତରାୟ ତାଙ୍କ ବକ୍ତବ୍ୟରେ କହିବା ସହିତ ତାଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରି ସଭାପତି ଭାବରେ ନିର୍ବାଚିତ କରିଥିବାରୁ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବର ସମସ୍ତ ସଦସ୍ୟ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ପୋଖରୀରେ ବୁଡି ନାବାଳକ ମୃତ

**ଘଟଗାଁ,( ହିସ):** ପୋଖରୀରେ ବୁଡି ଜଣ ନାବାଳକର ମୃତ୍ୟୁ ଘଟିଥିବା ଜଣାପଡିଛି ଓ ସୂଚନାରୁ ଜଣାଯାଏ ଘସିପୁରା ଥାନା ଅନ୍ତର୍ଗତ ଖଳି ପାଟିଆ ଗ୍ରାମର ସୁନାରାମ ସୋରେନ ଙ୍କ ପୁଅ ଅଜୟ ସୋରେନ୍ (୭) ଗତକାଲି ପୂର୍ବାହ୍ନରେ ସାଙ୍ଗ ମାନଙ୍କ ସହିତ ଖେଳୁଥିବା ବେଳେ ଗ୍ରାମରେ ଥିବା ଏକ ପୋଖରୀକୁ ଧୋଇ ହେବାକୁ ଯାଇଥିଲା । ହେଲେ ଅସାବଧାନତାରୁ ପୋଖରୀରେ ସେ ବୁଡିଯାଇଥିଲ। କିଛି ସମୟପରେ କେହି ଜଣେ ଲୋକ ପୋଖରୀ ରେ ଭାସୁଥିବା ଦେଖି ଗାଁ ଲୋକ ଙ୍କୁ ଡାକିଥିଲେ ଗ୍ରାମର ଛୁଆ ବୋଲି ଜଣି ବା ପରେ ପରିବାର ଲୋକେ କୁ ଖବର କରିବା ସହିତ ଅଜୟକୁ ଉଦ୍ଧାର କରି ପ୍ରଥମେ କେଶଦୁରାପାଳ ଡାକ୍ତଖାନାକୁ ଆଣିଥିଲେ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ କୁ ଆଣିଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ,ଘସିପୁରା ପୋଲିସ ଶବକୁ ଜବଦ କରିବା ସହିତ ରାତି ହୋଇଯିବାରୁ ଶବ ବ୍ୟବଚ୍ଛେଦ କରି ପାରି ନ ଥିବା ଜଣାପଡିଛି ।

## ପାଲିଗୁଡା ଜଙ୍ଗଲରେ ଅବକାରୀ ଚଢାଉ

**ଜୟପୁର, (ହି.ସ.):** ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଆଜି ଅପରାହ୍ନ ୨ଟାରେ ଚଢାଉ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ପାଲିଗୁଡା ଜଙ୍ଗଲରେ ଅବକାରି ଚଢାଉ ହୋଇଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ଥାନା ବହୁ ମଦ ଭାଟି ଭାଙ୍ଗିବା ସହ ୩୦ ଲିଟର ଦେଶି ମଦ ଓ ୪ ଶହ ଲିଟର ପୋଚ ଜବତ କରି ନଷ୍ଟ କରିଥିଲେ । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ହିରଣ ସୁବ୍ରତ ସୁଚନା ଦେଇଛନ୍ତି।

## ପିଓକେରେ ହାଇ ଆଲର୍ଟ ପରେ ଧାମରା ସ୍ଥଳପଥ ଏବଂ ଜଳପଥରେ ସୁରକ୍ଷା କଡାକଡି

**ଭଦ୍ରକ,(ହି.ସ.):** ପାକିସ୍ଥାନ ଅଧିକୃତ କାଶ୍ମୀରରେ ହାଇ ଆଲର୍ଟ ପରେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ସଂପୂର୍ଣ କଡାକଡି ହୋଇଛି। କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଓଡିଶା ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ହାଇ ଆଲର୍ଟ ଜାରୀ କରାଯାଇଛି। ଧାମରାରୁ ଉତ୍ତରରେ ବାଲେଶ୍ୱର ଏବଂ ଦକ୍ଷିଣରେ ଥିବା କେନ୍ଦ୍ରାପଡା, ପାରାଦ୍ୱୀପ ଜମ୍ବୁ, ଖରନାସୀ ଉପକୂଳ ଅଞ୍ଚଳକୁ ଧାମରା ଜଳପଥ ଦେଇ ବାଂଲାଦେଶୀ ଅନୁପ୍ରବେଶ କାରୀମାନେ ପ୍ରବେଶ କରୁଥିବା ନେଇ ଖବର ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି। ଏହାକୁ ଆଧାର କରି ବାଂଲାଦେଶୀ ଅନୁପ୍ରବେଶ କାରୀଙ୍କୁ କୌଣସି ପରିସ୍ଥିତିରେ ରାଜ୍ୟରେ ପୁରାଇ ଦିଆଯିବ ନାହିଁ ଏଥି ପାଇଁ ଧାମରା ସାମୁଦ୍ରିକ ଥାନା ଏବଂ ରାଜ୍ୟରେ ଥିବା ସମସ୍ତ ଉପକୂଳ ଅଞ୍ଚଳରେ ଥିବା ସାମୁଦ୍ରିକ ଥାନାକୁ ଏହି ନିର୍ଦ୍ଦେଶ ଦିଆଯିବା ସହ ଜଳପଥ ରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କରାଯାଇଛି । ଏହି ପରିପ୍ରେକ୍ଷୀରେ ଧାମରା ସାମୁଦ୍ରିକ ଥାନା ତରଫରୁ ଜଳପଥରେ ସ୍ପିଡ ବୋଟ ରେ ବଙ୍ଗୋପ ସାଗର ଏବଂ ତଟବର୍ତ୍ତୀ ଇଲାକାରେ ମାଛ ମାରୁଥିବା ସମସ୍ତ ବୋଟକୁ କଡାକଡି ଭାବେ ଯାଞ୍ଚ କରାଯିବା ସହ ଏଥିରେ ଥିବା ସମସ୍ତ ଧୀବର ମାନଙ୍କ ଭୋଟ ପରିଚୟପତ୍ର ତଥା ଆଧାର କାର୍ଡ ଏବଂ ମତ୍ସ୍ୟ ବିଭାଗ ତରଫରୁ ଦିଆଯାଇଥିବା କାର୍ଡ ଗୁଡିକ ମଧ୍ୟ ଚିକିନିଖି ଯାଞ୍ଚ କରାଯାଉଛି। ତଟ ସୁରକ୍ଷା ପାଇଁ ଧାମରାରେ ପର୍ଯ୍ୟାପ୍ତ ପରିମାଣରେ ଷ୍ଟାଫ ନଥିବା ବେଳେ ମାତ୍ର କେତେଜଣ ହାତଗଣତି ଷ୍ଟାଫ ମାନଙ୍କୁ ନେଇ ଚାଲିଛି ତଟ ସୁରକ୍ଷା। ଗୋଟିଏ ପଟରେ ତଟ ସୁରକ୍ଷା ପାଇଁ ନିର୍ଦ୍ଦେଶ ଦେଉଥିବା କେନ୍ଦ୍ର/ରାଜ୍ୟ ସରକାରଙ୍କ ପାଖରେ କେଉଁ ସାମୁଦ୍ରିକ ଥାନାରେ କେତେ ପଦ ପଦବୀ ଫାଙ୍କା ପଡିଛି ତାହାର ସମସ୍ତ ତଥ୍ୟ / ହିସାବ ଥିବା ବେଳେ ଏହି ତଟ ସୁରକ୍ଷା ଏକ ପ୍ରହସନ ବୋଲି ମଧ୍ୟ ଚର୍ଚ୍ଚା ଚାଲିଛି। ଅନ୍ୟ ପଟରେ ବିଗତ ଦିନ ମାନଙ୍କରେ ଧାମରାରେ ୩ଟି ସ୍ପିଡ ବୋଟ ତଟ ସୁରକ୍ଷା ପାଇଁ ନିୟୋଜିତ ହେଉଥିବା ବେଳେ ସେହି ବୋଟରୁ ଗୋଟିଏ ବୋଟକୁ ଗୋପାଳ ପୁର କୁ ପଠାଇ ଦିଆ ଯାଇଥିବା ବେଳେ ଆଉ ୨ଟି ବୋଟ ମଧ୍ୟରୁ ଗୋଟିଏ ସଂପୂର୍ଣ୍ଣ ଅକାମୀ ହୋଇ ଯାଇଛି। ବାକି ଥିବା ଗୋଟିଏ ୧୨ଟନ ବିଶିଷ୍ଟ ବୋଟ ର ଇଞ୍ଜିନ କେତେବେଳେ ଅଚଳ ହୋଇ ପଡୁଛିତ ପୁନଶ୍ଚ ବୋଟ ର ବଡି ମଧ୍ୟ ଫୁଟି ଯାଇ ପାଣି ପଶି ଏହାକୁ ସ୍ଥାଣୁ କରି ଦେଉଛି। ଧାମରା ନିକଟରେ ଥିବା ଧାମରା ଆଦାନୀ ବନ୍ଦର ଏବଂ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ବିଭାଗର ଅବଦୁଲ କଲାମ ଘାଟି ପ୍ରତି ଦୃଷ୍ଟି ତଥା ଏହାର ସୁରକ୍ଷା ପାଇଁ ତଟ ସୁରକ୍ଷା ଅତ୍ୟନ୍ତ ଜରୁରୀ ହୋଇପଡିଛି। ତୁରନ୍ତ ଜଳପଥରେ ସୁରକ୍ଷା କଡା କଡି କରିବାକୁ ହେଲେ କେନ୍ଦ୍ର ତଥା ରାଜ୍ୟ ସରକାର ଏଥିପ୍ରତି ସଜାଗ ହେବା ସହ ସାମୁଦ୍ରିକ ଥାନା ମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଷ୍ଟାଫ ନିୟୋଜିତ କରିବା ସହ ଜଳପଥରେ ପଇଁତରା ପାଇଁ ସ୍ପିଡ ବୋଟ ଯୋଗାଇ ଦେବା ମଧ୍ୟ ଜରୁରୀ ହୋଇ ପଡିଛି।

## କୋରାପୁଟ ଜିଲ୍ଲାରେ ମାରାତ୍ମକ ହେବାରେ ଲାଗିଛି ଅନ୍ ଲାଇନ୍ ଜୁଆ

**ଜୟପୁର,(ହି ସ):** କୋରାପୁଟ ଜିଲାରେ ବର୍ତମାନ ଅନ୍ ଲାଇନ୍ ଗେମ୍ ପିଲାଠାରୁ ବୁଢାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାଇଆ କରିଛି । ଅନ୍ ଲାଇନ ଖେଳ ଆକୃଷ୍ଟ କରୁଛି । ମାତ୍ର ପ୍ରତିଦିନ ଖବରକାଗଜରେ ବାହାରୁଛି – ଅନ୍ ଲାଇନ ଖେଳରେ ଏତେ ଟଙ୍କା ହାରିଲେ, ଅନ୍ ଲାଇନ ଗେମ୍ ଖେଳି ଜୀବନ ହାରିଲେ; କିନ୍ତୁ ଏସବୁ କାହାକୁ ପ୍ରଭାବିତ କରୁନି । କଂପ୍ୟୁଟର ବା ମୋବାଇଲରେ ଖେଳାଯାଉଥିବା ଯେ କୌଣସି ଖେଳ ଯେ ଜୁଆଠାରୁ କୌଣସି ଗୁଣରେ କମ୍ ନୁହେଁ ଏକଥା ସମସ୍ତ ଜାଣନ୍ତି; ମାତ୍ର ଖେଳୁଛନ୍ତି । ଏ କଥା ସତ୍ୟ ପ୍ରଯୁକ୍ତିବିଦ୍ୟା ଆମ ଜୀବନକୁ ବହୁତ ସହଜ କରିଦେଇଛି; କିନ୍ତୁ ପ୍ରଯୁକ୍ତିର ସୁଫଳ ତୁଳନାରେ ଏହାର ବିପରୀତ ଫଳ ଆମକୁ ଅଧିକ ବିପଦରେ ପକାଉଛି । ଅନ୍ ଲାଇନ ଗେମ୍ ଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଏମିତି କଳା ଦୁନିଆ ଯାହା ପ୍ରଥମେ ଆମର ଯୁବପିଢିଙ୍କ ଗଳାରେ ଫାଶ ହୋଇଥିଲା, ଏବେ ଏହା ସମାଜର ସବୁବର୍ଗର ଲୋକଙ୍କୁ ନିଜର ଅକ୍ତିଆରକୁ ନେଲାଣି । ପ୍ରାରମ୍ଭରେ ଏହି ଖେଳଗୁଡ଼ିକ କେବଳ ମନୋରଞ୍ଜନ ପାଇଁ ଖେଳାଯାଏ; କିନ୍ତୁ ଏହା ଧୀରେ ଧୀରେ ଏକ ନିଶାରେ ପରିଣତ ହୁଏ । ପିଲା ଏବଂ ଯୁବକମାନେ ଦିନରାତି ମୋବାଇଲ୍ କିମ୍ବା କମ୍ପ୍ୟୁଟରରେ ଖେଳ ଖେଳିବାରେ ବ୍ୟସ୍ତ ରହନ୍ତି । ଏହା କେବଳ ସେମାନଙ୍କ ପାଠପଢ଼ା ଓ ବୃତିକୁ ପ୍ରଭାବିତ କରେନାହିଁ, ବରଂ ସେମାନଙ୍କର ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଖରାପ ହେବାକୁ ଲାଗେ । ଆଜିକାଲି କୋରାପୁଟ ଜିଲାର ଗାଁ ଗହଳି, ସହରବଜାର ଯୁଆଡେ ଗଲେ ଆମେ ଦେଖିବାକୁ ପାଇବା ପିଲାମାନେ ମୁହଁ ତଳକୁ କରି ମୋବାଇଲରେ କ'ଣସବୁ କରୁଛନ୍ତି । ଦଳଦଳ ହୋଇ ପିଲାଏ ବସିଥିବେ ମାତ୍ର କାହାରି କାହା ସହିତ କଥା ନଥିବ, ନିଜ ନିଜ ମୋବାଇଲରେ ମୁଣ୍ଡମାଡି ଦେଇଥିବେ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ ?ଲାଇନ ଗେମ୍ ହିଁ ଖେଳିଥାନ୍ତି । ଆଗରୁ ଅନ୍ ଲାଇନ ଖେଳଗୁଡିକରେ ବିଭିନ୍ନ ଚ୍ୟାଲେଞ୍ଜ ମିଳୁଥିଲା ଯାହାକୁ ଖେଳାଳି ସମ୍ମୁଖୀନ ହୋଇ ନିଶାଗ୍ରସ୍ତ ଭାବେ ଖେଳୁଥିଲା । ଏବେ ଏସବୁରେ ଯୋଡି ହୋଇଯାଇଛି ଟଙ୍କା । ଅଧିକାଂଶ ଖେଳରେ ଟଙ୍କା ବିନିଯୋଗ କରି ଖେଳିବାର ବିକଳ୍ପ ଅଛି । ତେବେ ଟଙ୍କା ବିନିଯୋଗ କରି ଖେଳାଯାଉଥିବା ଖେଳଗୁଡିକ ଜୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏମିତି ଖେଳଗୁଡ଼ିକରେ ଅନେକ ଯୁବକ ହଜାର ହଜାର ଟଙ୍କା ହରାଉଛନ୍ତି ଏବଂ ଅନେକ ସମୟରେ ଋଣରେ ବୁଡ଼ିଯାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି। ଏହି ଖେଳରେ ଜିତି ଲାଭବାନ ହେବା ବ୍ୟକ୍ତିଙ୍କ ପ୍ରତିଶତ ଅତି ନଗଣ୍ୟ ହୋଇଥିବା ବେଳେ ଶହଶହ ଯୁବକ ନିଜର ପୁଞ୍ଜି ହରାଇ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଉଛନ୍ତି। ଏହି ଖେଳଗୁଡ଼ିକ ପିଲାମାନଙ୍କୁ ସାମାଜିକ ଜୀବନରୁ ଦୂରେଇ ନେଉଛି । ଅନ୍ ଲାଇନ ଗେମ୍ ରେ ବୁଡ଼ି ରହୁଥିବା ପିଲାଏ ଘର ପରିବାର ଲୋକଙ୍କ ସହ ମିଶନ୍ତି ନାହିଁ, ସମାଜରେ କ'ଣ ଘଟୁଛି ସେଥିରେ ସେମାନଙ୍କ ରୁଚି ନଥାଏ, ସେମାନେ ଏକାକୀତ୍ୱର ଶିକାର ହୁଅନ୍ତି ଏବଂ ମାନସିକ ଚାପ ମଧ୍ୟରେ ରହିଥାନ୍ତି । ମନସ୍ତତ୍ୱବିତ୍ ମାନଙ୍କ ମତରେ ଅନ୍ ଲାଇନ ଗେମ୍ ଏକ ଅଦୃଶ୍ୟ ନିଶା । ଏହି ନିଶା ଡ୍ରଗ୍ସଠାରୁ ମଧ୍ୟ ମାରାତ୍ମକ । କାରଣ ଏଥିରୁ ବାହାରିବା ସହଜ ନୁହେଁ । ଆଉ ଏକ ଗୁରୁତର ବିଷୟ ହେଲା ଏହି ଗେମ୍ ରେ ପ୍ରାୟତଃ ପିଲାମାନେ ହାରିଥାନ୍ତି ଓ ନିଜର ଅର୍ଥ, ସମୟ ଓ ମାନସିକ ଶାନ୍ତି ହରାଇଥାନ୍ତି । ହେଲେ ଏ କଥା ସେମାନେ କାହା ଆଗରେ କହିନଥାନ୍ତି । ଏହା ଗୁପ୍ତ ରଖିଥାନ୍ତି । ଏମିତିକି ଲକ୍ଷଲକ୍ଷ ଟଙ୍କା ହରାଇଥିଲେ ବି ଏ ଖବର ପୁଲିସ୍ ରେ ଦେବାକୁ ଉଚିତ ମଣିନଥାନ୍ତି । ସେମାନଙ୍କର ଏହି ନୀରବତାର ସୁଯୋଗ ନେଇ ଅନ୍ ଲାଇନରେ ବେଆଇନ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଗେମିଂ ଆପ୍ସ ଚଲାଉଥିବା କମ୍ପାନୀଗୁଡ଼ିକ ପ୍ରଥମେ ଯୁବପିଢ଼ିଙ୍କୁ ଜିତିବାର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରନ୍ତି। କିଛି ମନସ୍ତତ୍ୱବିତ୍ଙ୍କ ମତରେ ଏହି ଖେଳଗୁଡ଼ିକ ଏକ ନିଶା ପରି କାମ କରେ। ଟିକିଏ ଜିତିବା ଦ୍ୱାରା ପ୍ରାରମ୍ଭରେ ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କରେ ଏକ ବିଶେଷ ପ୍ରକାରର ହରମୋନ ସୃଷ୍ଟି ହୁଏ ଯାହା ତାଙ୍କୁ ବାରମ୍ବାର ଖେଳିବାକୁ ପ୍ରେରଣା ଦିଏ ।ପରେ ଏମିତି ଗୋଟେ ଅବସ୍ଥା ଆସେ ଯେତେବେଳେ ପିଲାଟି ଖେଳରୁ କୌଣସି ଆନନ୍ଦ ପାଉନଥିଲେ ବି ନିଶାଗ୍ରସ୍ତ ହୋଇ ଖେଳିଥାଏ । ଜଣେ ବିଶିଷ୍ଟ ମନୋଚିକିତ୍ସକ କହିଛନ୍ତି ଯେ ପ୍ରତିଦିନ ସେ ଦେଖୁଥିବା ପ୍ରାୟ ୫୦ ଜଣ ରୋଗୀଙ୍କ ମଧ୍ୟରୁ ଦୁଇରୁ ତିନି ଜଣ ଅନ୍ ଲାଇନ ଗେମ୍ କିମ୍ବା ଇଣ୍ଟରନେଟ ପ୍ରତି ନିଶାରେ ପୀଡିତ।

## ବନ୍ଦୀଙ୍କର ମୁକ୍ତି ଆଶା: କେନ୍ଦୁଝର ଜେଲ୍‌ରେ ୨୦ଜଣଙ୍କୁ ମିଳିବ ସୁପ୍ରିମକୋର୍ଟରେ ଲଢ଼ିବାର ସୁଯୋଗ

**କେନ୍ଦୁଝର,(ଡିକେ ନ୍ୟୁଜ):** ବେଳେ ବେଳେ ସାମନ୍ୟ ଅପରାଧ କରିଥିବା ବନ୍ଦୀଟିଏ ଜାମିନ୍ ପାଇବା ସତ୍ତ୍ୱେ ଜାମିନ ଅର୍ଥ ଦାଖଲ କରି ନ ପାରି ଜେଲରୁ ମୁକୁଳି ପାରି ନ ଥାନ୍ତି କି ଆଦିବାସୀ ବହୁଳ ଜିଲ୍ଲାରୁ ଅନେକ କଏଦୀ ଉପର କୋର୍ଟରେ ଲଢ଼ିବାର ସୁଯୋଗ ନ ପାଇ ଜୀବନ ସାରା ଜେଲ୍‌ରେ ରହିଥାନ୍ତି। ମାତ୍ର ଗତ କିଛି ବର୍ଷ ତଳେ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିନେଇ ଚିନ୍ତା ପ୍ରକଟ କରିବା ପରେ ଏବେ ଗରିବ ବନ୍ଦୀମାନଙ୍କୁ ସୁପ୍ରିମ କୋର୍ଟରେ ଲଢ଼ିବା ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି ହୋଇଛି। ଏଥିପାଇଁ କେନ୍ଦୁଝର ଜିଲ୍ଲା କାରାଗାରରୁ ୨୦ ଜଣ ବନ୍ଦୀଙ୍କ ମାମଲା ସୁପ୍ରିମକୋର୍ଟ ଯିବ ଏବଂ ସେଠାରେ ସୁପ୍ରିମକୋର୍ଟର ଲିଗାଲ ସର୍ଭିସ ପକ୍ଷରୁ ମାଗଣାରେ ଓକିଲ ନିଯୁକ୍ତି କରାଯାଇ ସେମାନଙ୍କ ମାମଲା ଲଢ଼ାଯିବ ବୋଲି ସୂଚନା ମିଳିଛି। କେନ୍ଦୁଝର ଜିଲ୍ଲାର ଅନେକ ଅଭିଯୁକ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ସେମାନଙ୍କର ପକ୍ଷ ରଖିବା ପାଇଁ ହାଇକୋର୍ଟ ଗଲେ ବି ସେଠାରେ ଉପଯୁକ୍ତ ଓକିଲ ଦେବା ଏବଂ ମାମଲା ପରିଚାଳନା ଗତ ଦକ୍ଷତା ଅଭାବରୁ ପ୍ରାୟତଃ ମାମଲାରେ ହାରି ଯାଉଛନ୍ତି। କିନ୍ତୁ ଏହାପରେ ଏହି ଦୋଷୀମାନଙ୍କର ସୁପ୍ରିମକୋର୍ଟ ଯିବା ପାଇଁ ସୁଯୋଗ ଥିଲେ ବି ଅର୍ଥ ଅଭାବରୁ ସେମାନେ ସୁପ୍ରିମକୋର୍ଟ ଯାଇ ପାରୁ ନାହାନ୍ତି। ଏଥିପାଇଁ କେନ୍ଦୁଝର କୋର୍ଟରେ ସଂଖ୍ୟାଧିକ ବନ୍ଦୀ ରହିଛନ୍ତି। ମାତ୍ର ୨୦ ବର୍ଷରୁ ଅଧିକ କିମ୍ବା ଆଜୀବନ ବନ୍ଦୀ ଜୀବନ ବିତାଉଥିବା ବନ୍ଦୀ ମାନଙ୍କ ପାଇଁ ଏବେ ଯେଉଁ ନୂଆ ସୁଯୋଗ ଆସିଛି। ସେଥିରେ ୨୦ ଜଣ ବନ୍ଦୀଙ୍କୁ ସୁପ୍ରିମକୋର୍ଟରେ ଲଢ଼ିବା ପାଇଁ ସୁଯୋଗ ମିଳିବ। କେନ୍ଦୁଝର ଜିଲ୍ଲା କାରାଗାର ପକ୍ଷରୁ ଏଥିପାଇଁ ୨୦ ଜଣଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଏଥିସହିତ ଏହି ୨୦ ଜଣଙ୍କର ଏଫ୍ଆଇଆର କପି ସହିତ ଅନ୍ୟାନ୍ୟ ଦସ୍ତାବିଜ୍ ପ୍ରସ୍ତୁତ କରାଯାଉଛି। ଏହି ଦସ୍ତାବିଜ୍‌କୁ ଜେଲ୍ ପକ୍ଷରୁ ଜେଲ ଡ଼ିଜିଙ୍କୁ ପଠାଯାଇଛି। ଏହାପରେ ଏହି ୨୦ ଜଣ ବନ୍ଦୀମାନଙ୍କର ଦସ୍ତାବିଜ୍‌କୁ ସୁପ୍ରିମକୋର୍ଟ ଲିଗାଲ ସର୍ଭିସ ବିଭାଗକୁ ପଠାଯିବା ପରେ ସେଠାରେ ଉକ୍ତ ବନ୍ଦୀମାନଙ୍କ ପାଇଁ ମାଗଣାରେ ଓକିଲ ନିଯୁକ୍ତି ହେବେ ଏବଂ ମାମଲା ଆଉଥରେ ସୁପ୍ରିମକୋର୍ଟରେ ବିଚାର ହେବ ବୋଲି ଜଣାଯାଇଛି। ଏହାଦ୍ୱାରା ଯେଉଁ ବନ୍ଦୀମାନଙ୍କର ଆଉ ଜେଲରୁ ମୁକୁଳିବାର ସୁଯୋଗ ନ ଥିଲା, ସେମାନେ ମଧ୍ୟ ଜେଲରୁ ମୁକୁଳିବାର ଆଶା ସଂଚାର ହୋଇଛି। ଖାଲି ସେତିକି ନୁହେଁ, ଏବେ ପୁଣି ଆଉଥରେ ବି ୭୦ ବର୍ଷରୁ ଅଧିକ ବୟସର ବନ୍ଦୀମାନଙ୍କୁ ସୁପ୍ରିମକୋର୍ଟରେ ବିଚାର ପାଇଁ ଦସ୍ତାବିଜ୍ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

# ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ନିମିନା ଗ୍ରାମବାସୀ

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଗାଁ ଅଛି କିନ୍ତୁ ସୁବିଧା ସୁଯୋଗ କିଛି ନାହିଁ। ବାଟ ଚାଲିବାକୁ ରାସ୍ତା ଅଛି ନା ଅଛି ପାଣି ନା ଶିକ୍ଷା କିମ୍ବା ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି। ତଥାପି ଜିଇଁବାକୁ ପଡୁଛି ବୋଲି ନାନା ଅସୁବିଧା ହାହାକାରରେ ଜୀବନ ସହ ଜୁଝି ହେଉଛନ୍ତି ଗଞ୍ଜାମ ଜିଲ୍ଲା ପୋଲିସରା ବ୍ଲକ ନିମିନା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଗାଁ ତାଳବୋରେଇ। ନାହିଁ ନାହିଁର ପଞ୍ଚାୟତ ନିମିନା। ଆଉ ହତଭାଗା ଗାଁ ବିଲେଇ ଝୁରି ଅଧୀନ ରେ ଥିବା ତାଳବୋରେଇ। ଗାଁକୁ ଯିବାକୁ ରାସ୍ତା ଲମ୍ବି ଯାଇଛି। ନିତିଦିନିଆ ଏ ରାସ୍ତା କେବେ କଂକ୍ରିଟ କି ପିଚୁ ହେବ କାହାକୁ ଜଣାନାହିଁ। ଏମିତି ମାଟି ରାସ୍ତାରେ ମାଟିର ମଣିଷଙ୍କୁ ନିଇତି ଯାଆସ କରିବାକୁ ପଡୁଛି। ଖରାଦିନେ କେମିତି କଣ ବର୍ଷା ଦିନେ ରାସ୍ତା ଅବସ୍ଥା ଆଖିରେ ଦେଖି ହେବନି। ରାସ୍ତା ବୋଲି କିଛି ନଥାଏ। କାଦୁଅ ଭର୍ତ୍ତି ହେଲେ ବି ପାଦ ଥାପି ଥାପି ଯିବାକୁ ହୁଏ। ଏଇ ରାସ୍ତା ଦେଇ ଯେବେ ଗାଁକୁ ପ୍ରବେଶ କରିବେ ସେବେ ଆପଣ ଗାଁର ଅସଲ ଚିତ୍ର ଦେଖିବାକୁ ପାଇବେ। ପାହାଡ଼ ପାଦ ଦେଶରେ ଥିବା ଏହି ଗାଁଟି ଆଦିବାସୀ ଅଧ୍ୟୁଷିତ। ତଥାପି ସରକାରଙ୍କ ଆନ୍ତରିକତା ଏମାନଙ୍କ ଉପରେ ନାହିଁ। ଆଜି ବି ଏମାନେ ମୌଳିକ ସମସ୍ୟା ପାଇଁ ଦହଗଞ୍ଜ ହେଉଛନ୍ତି। ବ୍ଲକ ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଅବହେଳିତ ଗାଁ ପାଇଁ କେବଳ ରାସ୍ତା ସମସ୍ୟା କାହିଁକି, ପିଇବା ପାଣିର ସମସ୍ୟା ବି ଅନେକ। ପିଲାଙ୍କ ଶିକ୍ଷା ପାଇଁ ଅଙ୍ଗନବାଡ଼ିର ସୁବିଧା ବି ନାହିଁ। ଗ୍ରାମରେ ୧୫ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁ ଥିବା ବେଳେ ରାସ୍ତା ନ ଥିବାରୁ ରୋଗୀ ଠାରୁ ଆରମ୍ଭ କରି ପ୍ରସବ ମହିଳାଙ୍କୁ ଦୋଳା କରି ମେଡିକାଲ ନେବାକୁ ପଡୁଛି। ଗାଁର ସମସ୍ୟାକୁ ନେଇ ଅନେକବାର ବଡ଼ବାବୁମାନଙ୍କୁ ଗୁହାରୀ କରାଯାଇଛି ହେଲେ ଫଳ ଶୂନ। ଗଲା ସରକାର ଅମଳରେ ଏହି ଆଦିବାସୀଙ୍କ ପାଇଁ ନିକଟ ଗ୍ରାମ ତାଳବେରରେ ରେ ଆବାସ ଘର ନିର୍ମାଣ କରାଯାଇ ଥିଲା ହେଲେ ନିଜ ଭିଟାମାଟି ଛାଡି ନିକଟ ଗ୍ରାମକୁ ତାଳବୋରେଇ ଗାଁ ଲୋକେ ଗାଲେନାହିଁ। ଏକା ଜିଦ ଆମକୁ ରାସ୍ତା ହେଲେ ରହିବୁ ବୋଲି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପ୍ରତିକ୍ରିୟାରେ ଛତ୍ରପୁର ଉପଜିଲ୍ଲାପାଳ କହିଛନ୍ତି ସମସ୍ୟାର ସମାଧାନ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛି। ନୂଆ ସରକାର ଓଡ଼ିଶାରେ ଶାସନ କରୁଛି ଏଣୁ ଗାଁ ଲୋକେ ବି ଏଥର ଆଶା ବାନ୍ଧି ବସିଛନ୍ତି ନାହିଁ ନାହିଁର ଗାଁ ନିମିନା ତାଳବରେଇ ସରକାରୀ ସୁବିଧା ସୁଯୋଗ ପାଇବ।

## ସାପ କାମୁଡ଼ାରେ ଝିଅ ମୃତ : ମା' ପୁଅ ଗୁରୁତର

**କେନ୍ଦୁଝର,(ଡିକେ ନ୍ୟୁଜ):** ସାପ କାମୁଡ଼ାରେ ୧୦ ବର୍ଷର ଝିଅ ମୃତ ସହିତ ମା' ପୁଅ ଗୁରୁତର। ସୂଚନା ଅନୁଯାୟୀ ଶନିବାର ବିଳମ୍ବିତ ରାତିରେ ତେଲକୋଇ ଥାନା ଅନ୍ତର୍ଗତ କୃଷ୍ଣପୁର ଗାଁ ରେ ସାପ କାମୁଡ଼ାରେ ପରିବାରର ଜଣେ ଦୁଇ ବର୍ଷର ଶିଶୁ ସମେତ ଆଉ ଜଣେ ଗୁରୁତର ଓ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀ ମୃତ। ମୃତକ ହେଲେ ସମବାରୀ କୁଆଙ୍ଗ(୧୦) ଏବଂ ଗୁରୁତର ହେଲେ ମା' କଇଁଚା କୁଆଙ୍ଗ(୪୫) ଓ ଶିଶୁ ପୁତ୍ର ପରମେଶ୍ୱର କୁଆଙ୍ଗ। ଶନିବାର ରାତିରେ ଖାଇପିଇ ଘରେ ତଳେ ଶୋଇଥିବା ବେଳେ ବିଷାକ୍ତ ସାପ କାମୁଡ଼ି ଥିଲା। ଆଜି ସକାଳୁ ସ୍ୱାମୀ ଶତ୍ରୁନାଥ କୁଆଙ୍ଗ ସ୍ତ୍ରୀ କଇଁଚାଙ୍କୁ ଉଠାଇବାକୁ ଯାଇଥିବା ବେଳେ ଘରେ ସାପକୁ ଦେଖିଥିଲେ। ସ୍ତ୍ରୀ କଇଁଚା ସହିତ ଦୁଇ ପୁଅଝିଅ ଅଚେତ ଅବସ୍ଥାରେ ପଡ଼ିଥିବାର ଦେଖିଥିଲେ। ସଙ୍ଗେ ସଙ୍ଗେ ସାହି ଲୋକଙ୍କ ସହାୟତାରେ ତିନି ଜଣଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସମବାରୀଙ୍କୁ ମୃତ ଘୋଷଣା କରିଥିଲେ। ମା' ଠାରୁ କ୍ଷୀର ପିଇ ଶିଶୁପୁତ୍ର ପରମେଶ୍ୱର ମଧ୍ୟ ଗୁରୁତର ହୋଇପଡ଼ିଥିବା ଜଣାପଡ଼ିଛି। ଦୁଇ ଜଣଙ୍କ ଚିକିତ୍ସା ଜାରି ରହିଛି।

## କଟକ ଜିଲ୍ଲାର ଜନାର୍ଦ୍ଦନପୁରରେ ପ୍ରସିଦ୍ଧ ଶନିଶ୍ଚର ମହାଯଜ୍ଞ ଓ ଜଳାଭିଷେକ ଯାତ୍ରା



**ସାଲେପୁର,(ଡିକେ ନ୍ୟୁଜ):** କଟକ ସଦର ଅନ୍ତର୍ଗତ ଜନାର୍ଦ୍ଦନ ପୁର ପ୍ରସିଦ୍ଧ ଶନିଶ୍ଚରଙ୍କ ପୀଠରେ ଶନିଶ୍ଚର ମହାଯଜ୍ଞ ଓ ଜଳାଭିଷେକ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଶନିଶ୍ଚର ମହାଯଜ୍ଞ ଓ ଯାତ୍ରା ଭକ୍ତି, ଶ୍ରଦ୍ଧା ଓ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହେଉଥିବାରୁ ଭକ୍ତ ଓ ଆୟୋଜକ ମାନଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ପ୍ରତିବର୍ଷ ଆଜିର ଦିନରେ ଏହି ଶନିଶ୍ଚରଙ୍କ ପୀଠକୁ ଓଡିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ। ଭକ୍ତମାନେ ନିଜର ମନୋବାଞ୍ଛା ପୂରଣ ନିମନ୍ତେ ଚିତ୍ରୋତ୍ପଳା ନଦୀରୁ କଳସରେ ଜଳଆଣି ଶନିଦେବଙ୍କ ମସ୍ତକରେ ଢାଳି ଜଳାଭିଷେକ କରିଥାନ୍ତି। ଏହି ଉପଲକ୍ଷେ ଏଠାରେ ବଡ ଧାରଣର ଯାତ୍ରା ଓ ମେଳା ଅନୁଷ୍ଠିତ ହେଉଅଛି। ବହୁ ସଂଖ୍ୟାରେ ଦୋକାନ ବଜାର ଖୋଲାଯାଇ କିଣାବିକା ଲାଗିଛି। ସହସ୍ରାଧିକ ଭକ୍ତଙ୍କ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଣ୍ଡା ସର୍ବତ ଓ ପଣା ବଣ୍ଟନ କରାଯାଉଛି। ଜନହରି ବନସ୍ତ ଭାସ୍କର ଉଚ୍ଚିତେବୁଲ ଟ୍ରଷ୍ଟ ପକ୍ଷରୁ ପଣା ବଣ୍ଟନ କରାଯାଇଛି। ପୀଠରେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଦ୍ୱାରା ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହେବା ସହ ଏକ ଦିବସ ବ୍ୟାପି ଶନିଶ୍ଚର ମହାଯଜ୍ଞ ଅନୁଷ୍ଠିତ ହୋଇଛି। ବିଭିନ୍ନ ଅପେରା ଦଳ ପକ୍ଷରୁ ଯାତ୍ରା ପରିବେଷଣ ତଥା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅନ୍ୟାନ୍ୟ ପୀଠ ମାନଙ୍କରେ ଜଳାଭିଷେକ ଅନୁଷ୍ଠିତ ହେଉଥିଲେ ହେଁ ଜନାର୍ଦ୍ଦନପୁର ଶନିଶ୍ଚର ପୀଠର ମାହାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଶୃଙ୍ଖଳା ରକ୍ଷା ନିମନ୍ତେ ନେମାଳ ଓ ସାଲେପୁର ପୋଲିସ ନିୟୋଜିତ ହୋଇଛନ୍ତି ।

## ମହାବୀର ସେନା ତରଫରୁ ଜଳଛତ୍ର



**ସାଲେପୁର,(ଡିକେ ନ୍ୟୁଜ):** କଟକସଦର ସ୍ଥିତ ବ୍ରାହ୍ମଣଖଣ୍ଡ ଶନି ମନ୍ଦିରରେ ଜଳାଭିସେକ ଲାଗି ହଜାର ହଜାର ଭକ୍ତଙ୍କ ପାଇଁ ମହାବୀର ସେନା ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଭକ୍ତଙ୍କ ନିମନ୍ତେ ଅଭଡ଼ା ପାଣି ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିରଲୋ ପଞ୍ଚାୟତର ବିଜୟ ଭାସ୍କର ଗୟା, ଚନ୍ଦନ ସେନାପତି, ତପନ ସ୍ୱାଇଁ, କାଶୀନାଥ ସ୍ୱାଇଁ, ବୈଷ୍ଣବ ଗୟା, ଗୋବର୍ଦ୍ଧନ ଖୁଣ୍ଟିଆ ଦୁଲାଲ ଭୋଇ ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସେନାର ପ୍ରତିଷ୍ଠାତା କିରଣ ଚନ୍ଦ୍ର ସାହୁ ସଞ୍ଚାଳନ କରିଥିଲେ। ଏମିତି ସମାଜ ସେବା କାମ କରି ସାରା କଟକ ସଦରରେ ମହାବୀର ସେନାକୁ ଓ ତାର କାମକୁ ଚାରିଆଡ଼େ ପ୍ରଶଂସା ମିଳୁଛି ଓ ଲୋକଙ୍କ ସମର୍ଥନ ମିଳୁଛି।

## ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ପ୍ରତିଷ୍ଠା ଦିବସ




**ତାଳଚେର,(ଡିକେ ନ୍ୟୁଜ):** ଭାରତୀୟ ଜାତୀୟ ମଜଦୂର କଂଗ୍ରେସ ର ପ୍ରତିଷ୍ଠା ଦିବସ ତାଳଚେର ସାଇଥବଲଣ୍ଡା ସ୍ଥିତ ଆଇଏନଟିୟୁସି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ସଭାପତି ଡ଼ ରାମଚନ୍ଦ୍ର ଖୁଣ୍ଟିଆ ଯୋଗ ଦେଇ ପ୍ରଥମେ ପତାକା ଉତ୍ତୋଳନ କରି ଉପସ୍ଥିତ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପରେ ପରେ ବୈଠକ ଆରମ୍ଭ କରାଯାଇ ଥିଲା। ଉକ୍ତ ବୈଠକ ଜିଲ୍ଲା ଆଇଏନଟିୟୁସି ସଭାପତି ଦିଗମ୍ବର ଗଡ଼ନାୟକଙ୍କ ସଭାପତିତ୍ୱରେ ଆରମ୍ଭ କରାଯାଇଥିଲା। ରାଜ୍ୟ ଆଇଏନଟିୟୁସି ଉପସଭାପତି ମଦନମୋହନ ଧଳ ଦେବାଶିଷ ଘୋଷ ସାଧାରଣ ସମ୍ପାଦକ କିଶୋର ଜେନା, ସୌଭାଗ୍ୟ ପ୍ରଧାନ ଯୁଗ୍ମ ସାଧାରଣ ସଂପାଦକ ନିର୍ମଳ ସାମଲ, ସତ୍ୟାନନ୍ଦ ସାହୁ ସତ୍ୟବ୍ରତ ନାୟକ, ବିଭବ ଜେନା, ସୁଶୀଲ ବେହେରା, ତାରିଣୀ ଦଳବେହେରା, ମହିଳା କଂଗ୍ରେସର ପୂର୍ବତନ ରାଜ୍ୟ ସଭାପତି ସସ୍ମିତା ବେହେରା ରାଜ୍ୟ ଯୁବ ଆଇଏନଟିୟୁସି ସଭାପତି ପ୍ରକାଶ ବେହେରା, ଅବନ୍ତି ପ୍ରଧାନ, ସୁଭଦ୍ରା ସାହୁ, ବନିତା ପ୍ରଧାନ, ଇଲାରାଣୀ ପ୍ରଧାନ, ଯଶୋଦା ବେହେରା, ସରିତା ପ୍ରଧାନ, ବଳରାମ ବେହେରା, ରାଜକିଶୋର ସାହୁ, କେଶବ ଭୂତିଆ, ଜଗତା ପ୍ରଧାନ, ରଣଜିତ ପ୍ରଧାନ, ମୁକେଶ ଅଗ୍ରୱାଲ ପ୍ରମୁଖ ନିଜ ନିଜର ମତାମତ ରଖି ଶ୍ରମିକ ମାନଙ୍କ ବହୁବିଧ ସମସ୍ୟା ସମ୍ବନ୍ଧରେ ପ୍ରସ୍ତାବ ମାନ ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ଡ଼ ଖୁଣ୍ଟିଆ ସରକାରଙ୍କ ଶ୍ରମକୋଡକୁ ସମାଲୋଚନା କରିବା ସହ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ମାଗଣା ସ୍ୱାସ୍ଥ୍ୟ ସେବା ସହ ନିମ୍ନତମ ମଜୁରୀ ସ୍ଥିର କରି ସମସ୍ତଙ୍କ ପାଇଁ ଲାଗୁ କରିବା, ସର୍ବାଧିକ ୮ ଘଣ୍ଟା କାମ କରିବା, ଖଣିରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀଙ୍କ ପାଇଁ ଏମପିସି ଦରମା ଲାଗୁ କରିବା ଇତ୍ୟାଦି ଦାବି କରି ସରକାରକୁ ସ୍ମାରକପତ୍ର ଦେଇ ଠିକ୍ ଢ଼ଙ୍ଗରେ ପାଳନ ନହେଲେ ଆଗାମୀ ଦିନରେ ଆନ୍ଦୋଳନର ଚେତାବନୀ ଦେଇଥିଲେ। ବାସହୀନମାନଙ୍କ ପାଇଁ ବାସଗୃହ ଓ ନିର୍ମାଣ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ଦେବାଶିଷ ଘୋଷ ସ୍ଥାନୀୟ ସମସ୍ୟା ଉପରେ ଆଲୋକପାତ କରିଥିଲେ ଓ ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ଥାନା ଅଞ୍ଚଳରେ ପୋଲିସର ସ୍ୱତନ୍ତ୍ର ଡ୍ରାଇଭ : ୧୮ ଗିରଫ, ୧୭ ବନ୍ଧୁକ ଜବତ



**ବ୍ରହ୍ମପୁର,(ଡିକେ ନ୍ୟୁଜ):** କିଛି ଦିନ ହେବ ଗଞ୍ଜାମ ପୋଲିସ ଜିଲ୍ଲାରେ ଅପରାଧୀ ବଢ଼ି ଯାଇଥିବା ବେଳେ ଶେଷରେ ମିଳିଛି ବଡ଼ ସଫଳତା। ଗଞ୍ଜାମ ପୁଲିସ ଜିଲ୍ଲାକୁ ମିଳିଲା ବଡ଼ ସଫଳତା। ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଅପରାଧୀ ମାନେ ସକ୍ରିୟ ହୋଇ ବିଭିନ୍ନ ଅପରାଧିକ କାଣ୍ଡ ଘଟାଉଥିବା ବେଳେ ଗଞ୍ଜାମ ପୋଲିସ ଜିଲ୍ଲା ଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଡ୍ରାଇଭ ହୋଇ ବିଭିନ୍ନ ଆଡ଼୍ଡା ଚଢ଼ାଉ କରି ସେମାନଙ୍କ ଠାରୁ ବିଭିନ୍ନ ମରଣାସ୍ତ୍ର ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି। ଗଞ୍ଜାମ ପୋଲିସ ଜିଲ୍ଲାର ୬ ଟି ଥାନା ଶେରଗଡ, ଚମାଖଣ୍ଡି, ପୋଲସରା, କୋଟିନାଡ଼ା, ଆସ୍କା ଓ ଭଞ୍ଜନଗର ଥାନା ଅଞ୍ଚଳରୁ ବିଭିନ୍ନ ଅପରାଧିକ ମାମଲାରେ ଲିପ୍ତ ଥିବା ୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୭ ଟି ବନ୍ଧୁକ, ୧୬ଟି ମୋବାଇଲ ଫୋନ, ୬୬ ଟି ଗୁଳି ଏବଂ ୪ ଟି ଖୋକାକୁ ମଧ ପୋଲିସ ଜବତ କରିଛି। ଏନେଇ ଆଜି ଗଞ୍ଜାମ ଏସପିଙ୍କ ସମ୍ମିଳନୀ କକ୍ଷରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ରଙ୍କ ସମେତ ସମସ୍ତ ଥାନା ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜବତ ବନ୍ଧୁକ ରାଜ୍ୟ ବାହାରୁ ଆସୁଥିଲା, ଏ ନେଇ ପୋଲିସ ଏକ ସ୍ୱତନ୍ତ୍ର ଟିମ ରାଜ୍ୟ ବାହାରକୁ ଯିବ ଗିରଫ ବ୍ୟକ୍ତିମାନେ ବିଭିନ୍ନ ଅପରାଧୀ ମାମଲାରେ ଜଡିତ ଅଛନ୍ତି ୬ ଟି ଥାନାରେ ୬ ଟି ମାମଲା ରୁଜୁ ହୋଇଛି। ଶେରଗଡ଼ ପୋଲିସ ୬ ଜଣକୁ ଗିରଫ କରିଥିବା ବେଳେ ଆସିକା ୪ ଜଣକୁ, କୋଟିନଡ଼ା ପୋଲିସ ୫ ଜଣକୁ ଏବଂ ପୋଲସରା, ଚମାଖଣ୍ଡି ଓ ଭଞ୍ଜନଗର ପୋଲିସ ଜଣେ ଲେଖାଏ ଗିରଫ କରିବା ସହ ବନ୍ଧୁକ ଜବତ କରିଛନ୍ତି। ଆଗାମୀ ଦିନରେ ମଧ୍ୟ ଏହି ଚଢ଼ାଉ ଜାରି ରହିବ ଗିରଫମାନେ ହେଲେ ପ୍ରଶାନ୍ତ କୁମାର ପ୍ରଧାନ, କୁନା ନାହାକ, ପିଙ୍କୁ ସାହୁ, ଅଜିତ ଗୌଡ଼, ସୁରଜ ନାୟକ, ଶିଶିର ପଣ୍ଡା, ଏ. ଶ୍ରୀକାନ୍ତ, ଶଙ୍କର ଗୌଡ଼, ଶିବ ଗୌଡ଼, ଶିବ ପ୍ରସାଦ ଜେନା, କମଳ ଲୋଚନ ଗୌଡ଼, ଧର୍ମ ରାଜ ଜେନା, ଶୁଭମ ଭୂୟାଁ, ଜଗନ୍ନାଥ ପ୍ରଧାନ, ପବିତ୍ର ପ୍ରଧାନ, ରାକେଶ ଦାସ, ବାଳକୃଷ୍ଣ ଶତପଥୀ, କାହ୍ନୁ ଗୌଡ଼। ଗିରଫ ବ୍ୟକ୍ତିମାନେ ଆଗରୁ ମଧ ବହୁ ଅପରାଧିରେ ଜଡିତ।

## ଖୋର୍ଦ୍ଧା ଡିଷ୍ଟ୍ରିବ୍ୟୁଟରର ଆସୋସିଏସ୍‌ନର ବୈଠକ



**ଖୋର୍ଦ୍ଧା,(ଡିକେ ନ୍ୟୁଜ):** ଡିଷ୍ଟ୍ରିବ୍ୟୁଟରର ଆସୋସିଏସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶଶିକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଗୀତା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡିଷ୍ଟ୍ରିବ୍ୟୁଟର ଆସୋସିଏସନର ସଭାପତି ପରମେଶ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଗୋପାଳ ଅଗ୍ରୱାଲ ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ବୈଠକରେ ଓଡିଶା ବ୍ୟବସାୟୀ ମହାସଂଘର ସମ୍ପାଦକ ସୁଧାକର ପଣ୍ଡା, ଆଇନ ଉପଦେଷ୍ଟା ଶକ୍ତି ଶଙ୍କର ମିଶ୍ର, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ ଯୋଗଦେଇ ବ୍ୟବସାୟୀ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଭ୍ୟ ମାନଙ୍କ ଭିତରେ ଏକତା ଏବଂ ସଚୋଟତା ବିଷୟରେ ଆଲୋଚନା କରିବା ସହ ଆଗାମୀ ଦିନରେ ନୟାଗଡ, ଦଶପଲ୍ଲା, ବେଗୁନିଆ, ଜଟଣୀ, ଟାଙ୍ଗୀ, ବାଲୁଗାଁ ବ୍ୟବସାୟୀମାନଙ୍କୁ ନେଇ ଏକ ବୈଠକ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଥିଲା। ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ ଖାଉଟି ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଶାନ୍ତିକୁଞ୍ଜ ହରିଦ୍ୱାର ଜ୍ୟୋତି କଳସ ରଥର ପାରାଦୀପ ପରିକ୍ରମା




**ପାରାଦୀପ,(ଡିକେ ନ୍ୟୁଜ):** ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଜ୍ୟୋତି କଳସ ରଥ ଆଜି ପାରାଦୀପର ତାରିଣିଗଡା ଗାୟତ୍ରୀ ନଗର, ବାଲିଝରା, ନୂଆବଜ଼ାର, ମଧୁବନ ପରିକ୍ରମା କରିଥିଲା। ବହୁ ସଂଖ୍ୟାକ ଗାୟତ୍ରୀ ପରିବାର ସଦସ୍ୟ ଏଥିରେ ଯୋଡି ହୋଉ ବିପୁଳ ସ୍ୱାଗତ କରିଥିଲେ। ବହୁ ସଂଖ୍ୟାକ ନୂଆ ସଦସ୍ୟ ଗାୟତ୍ରୀ ପରିବାର ସହ ଯୋଡି ହୋଇଥିଲେ। ପାରାଦୀପ ଗାୟତ୍ରୀ ପରିବାରର ମୁଖ୍ୟ ପ୍ରସନ୍ନ ରାଉତରାୟ ସମସ୍ତ ଗାୟତ୍ରୀ ପରିଜନମାନଙ୍କୁ ଉଦ୍‌ବୋଧନ ରେ ଜ୍ୟୋତି କଳସ ଯାତ୍ରାର ଉଦେଶ୍ୟ ସମ୍ପର୍କ ରେ ସୂଚନା ପ୍ରଦାନ କରିଥିଲେ। ପୂଜ୍ୟ ଗୁରୁଦେବଙ୍କ ପ୍ରଜ୍ୱଳିତ ବିଚାରର ଅଖଣ୍ଡ ଜ୍ୟୋତି ଯାହା ତାଙ୍କ ତପ, ସାଧନା ଏବଂ ଆତ୍ମବଳରୁ ପ୍ରଜ୍ୱଳିତ ହୋଇଛି ତାକୁ ଆହୁରି ଅଧିକ ପ୍ରଚଣ୍ଡ, ପ୍ରଭାବଶାଳୀ ଏବଂ ପ୍ରେରକ କରିବା ନିମନ୍ତେ ଏହି ଜ୍ୟୋତି କଳସ ଯାତ୍ରା ଆରମ୍ଭ କରାଯାଇଛି। ଏହି ଯାତ୍ରା କେବଳ ପ୍ରତୀକ ନୁହେଁ ଏହା ସମ୍ବେଦନଶୀଳ ସାଧକମାନଙ୍କର ସଂକଳ୍ପ, ଯେଉଁମାନେ ନିଜ ଜୀବନକୁ ଗୋଟିଏ ଚାଲୁଥିବା ଅଖଣ୍ଡ ଜ୍ୟୋତି କରିଦେବାକୁ ଚାହାଁନ୍ତି। ଏହା ଆହ୍ୱାନ ଯେ ଆମେ ସମସ୍ତେ ମିଶି ଏହି ଜ୍ୟୋତିକୁ ଆହୁରି ବ୍ୟାପକ, ଏବଂ ତେଜସ୍ୱୀ କରିବା ଯାହା ଦ୍ୱାରା ଏହି ତମ ହରଣକାରୀ ଶକ୍ତି ଜନ-ଜନ ପର୍ଯ୍ୟନ୍ତ ପହଞ୍ଚିପାରିବ। ଋଷିଯୁଗ୍ମର ତପ, ତ୍ୟାଗ, ତିତିକ୍ଷାର ସାକ୍ଷୀ ଅଖଣ୍ଡ ଜ୍ୟୋତିର ପ୍ରକାଶକୁ ଜନ-ଜନ ପର୍ଯ୍ୟନ୍ତ, ଘର-ଘର ପର୍ଯ୍ୟନ୍ତ, କେନ୍ଦ୍ର ଏବଂ ସଂସ୍ଥାନ ପର୍ଯ୍ୟନ୍ତ ପହଞ୍ଚାଇବାର ଭାବନାରୁ ପୂଜ୍ୟ ଗୁରୁଦେବ ଏବଂ ପରମ ବନ୍ଦନୀୟା ମାତାଜୀ ଏହି ଯୁଗଋଷି ଯୁଗ୍ମର ତପ, ତ୍ୟାଗ, ଏବଂ ତିତିକ୍ଷାରୁ ଉତ୍ପନ୍ନ ପ୍ରକାଶ ଅଖଣ୍ଡ ଜ୍ୟୋତି କୌଣସି ସାଧାରଣ ପ୍ରକାଶ ନୁହେଁ, ଏହା ଯୁଗ ନିର୍ମାଣର ଦିବ୍ୟ ତେଜ। ଏହି ତେଜକୁ ଧରି, ଏହି ଯାତ୍ରା ବାହାରିଛି ଯାହା ଦ୍ୱାରା ଘର-ଘର, ମନ-ମନ, କେନ୍ଦ୍ର-କେନ୍ଦ୍ର, ସଂସ୍ଥାନ-ସଂସ୍ଥାନ ସବୁଠି ଏହି ଦିବ୍ୟ ପ୍ରକାଶ ପହଞ୍ଚୁ। ଏହା ପ୍ରୟାସ ଯେ ପ୍ରତ୍ୟେକ ହୃଦୟରେ ସେହି ତପସ୍ୱୀ ଭାବ ଜାଗ୍ରତ ହେଉ, ପ୍ରତ୍ୟେକ ପରିବାରରେ ଆଦର୍ଶ ନିର୍ମାଣ ହେଉ ଏବଂ ପ୍ରତ୍ୟେକ ସଂସ୍ଥା ଏହି ଯୁଗ ନିର୍ମାଣ ଯଜ୍ଞର ସକ୍ରିୟ ଏକକ ପାଲଟୁ।

## ଲକ୍ଷ୍ମୀନୃସିଂହ ମହାପ୍ରଭୁଙ୍କ ଚନ୍ଦନ ମହୋତ୍ସବ : ୧୧ରେ ଉଦ୍‌ଯାପନୀ



**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଆଙ୍କୁଲି ୧୬ ଜାତୀୟ ରାଜପଥ କଡରେ ଥିବା ବରାହ ଲକ୍ଷ୍ମୀନୃସିଂହ ମହାପ୍ରଭୁଙ୍କ ଚନ୍ଦନ ମହୋତ୍ସବ ୩୦ ଠାରୁ ଆରମ୍ଭ ହୋଇଛି। ଦୀର୍ଘ ୧୨ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ମହା ଆଡ଼ମ୍ବରରେ ପାଳନ କରାଯାଉଥିବା ବେଳେ ଆସନ୍ତା ୧୧ ତାରିଖ ଦିନ ଉଦ୍ୟାପନୀ ହେବ। ମହୋତ୍ସବର ପ୍ରଥମ ଦିବସରୁ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନିତିକାନ୍ତି ଆୟୋଜିତ ହୋଇଛି। ପ୍ରଥମ ଦିବସରେ ପ୍ରାତଃରେ ଚନ୍ଦନ ଛଡ଼ା କାର୍ଯ୍ୟକ୍ରମ ଓ ଅଭିଷେକ ହୋଇଥିଲା। ଚନ୍ଦନ ଛଡ଼ା ପରେ ମହାପ୍ରଭୁଙ୍କ ନିଜ ରୂପ ଦର୍ଶନ କରିଥିଲେ ଭକ୍ତ। ବିଗତ ଦିନରେ ମହାପ୍ରଭୁଙ୍କ ନିମନ୍ତେ ଘୋରାଯାଇଥିବା ଚନ୍ଦନ ମହାପ୍ରଭୁଙ୍କୁ ପ୍ରଲେପିତ କରଯିବା ପରେ ସ୍ୱର୍ଣ୍ଣ ଅଳଙ୍କାରରେ ଆଭୂଷଣ କରଯାଇଥିଲା। ସକାଳେ ମହାପ୍ରଭୁଙ୍କ ନବରୂପ ଭକ୍ତ ଦର୍ଶନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ବାଳ ରୋଗ ହେବା ପରେ ବିଶେଷ ଅକ୍ଷୟ ହାରତି କାର୍ଯ୍ୟକ୍ରମ ହୋଇଥିଲା। ଗଞ୍ଜାମ ଜିଲ୍ଲାର ଏକମାତ୍ର ମନ୍ଦିର ଯେଉଁ ମନ୍ଦିରରେ ପ୍ରତିଦିନ ମାଗଣାରେ ମଧ୍ୟାହ୍ନରେ ଅନ୍ନ ମହାପ୍ରସାଦ ମହାପ୍ରଭୁ ପାଇଥାନ୍ତି ଭକ୍ତ ଶ୍ରଦ୍ଧାଳୁ। ରାଜଭୋଗ ଏବଂ ଅକ୍ଷୟ ଆରତି କାର୍ଯ୍ୟକ୍ରମ ସହ ପ୍ରସାଦ ସେବନ କରିଥାନ୍ତି ସମସ୍ତେ। ସନ୍ଧ୍ୟାରେ କୀର୍ତ୍ତନ ଓ ରାତ୍ରରେ କାଳା ସେବା ହୋଇଥିଲା। ବହୁ ପୁରାତନ ଐତିହ୍ୟ ଏହି ମନ୍ଦିରକୁ ଆଜି ଫୁଲରେ ଅତି ସୁନ୍ଦର ଭାବେ ସୁସଜ୍ଜିତ କରାଯାଇଥିଲା। ହୋମ ଯଜ୍ଞ, ନାମ ଯଜ୍ଞ, ତୁଳସୀ ଅର୍ପଣ ନିତି ପ୍ରତିଦିନ ଚାଲୁ ରହିଛି। ଏହି ଉତ୍ସବରେ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ବିଶ୍ୱାସ ରହିଛି ମହାପ୍ରଭୁଙ୍କୁ ଜାହା ମାଗିଲେ ମିଳିଥାଏ।

## ପୁରୁଷୋତ୍ତମପୁରରେ ଆୟୁଷ୍ମାନ କାର୍ଡ ବଣ୍ଟନ : ହିତାଧିକାରୀ ପାଇବେ ସ୍ୱାସ୍ଥ୍ୟସେବା

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ରବିବାର ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଛି। ଏଥିରେ ଭାଜପାର ରାଜ୍ୟ ଉପ-ସଭାପତି ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହିକାର୍ଡର ସୁବିଧା ଓ ମହତ୍ତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆସିକା ସାଂସଦ ଅନିତା ଶୁଭଦର୍ଶନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଏନ୍‌ଏସି ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ଜୟନାରାୟଣ ଦାଶ, ବିଧାୟକ ପ୍ରତିନିଧି ସୁଦର୍ଶନ ବେହେରା, କାଉନସିଲର ଭାସ୍କର ବେହେରା, ଯତୀନ୍ଦ୍ର ତ୍ରିପାଠୀ, କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ସ୍ୱାସ୍ଥ୍ୟସେବାରେ କାର୍ଡର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଇଥିଲେ। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଶୁଭାଶିଷ ଗୋସ୍ୱାମୀ, ବିପିଏମ ରାଧାକୃଷ୍ଣ ସାବତ, ରାମେଶ୍ୱରୀ ପାଣିଗ୍ରାହୀ, ବିରଜା ବାଇଗଣ୍ଡ, ମନୋଜ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଠାକୁରଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ଆସନ୍ତା ୧୧ ତାରିଖ ଦିନ ମହାପ୍ରଭୁ ନୃସିଂହଙ୍କ ଜନ୍ମ ଦିବସ ମହାଆଡମ୍ବର ସହ ପାଳନ କରାଯିବ।

## ପାରାଦ୍ୱୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଦୁର୍ଘଟଣା : ଦୁଇ ଆଇପିଟି ଡ୍ରାଇଭରଙ୍କ ମୃତ୍ୟୁ

**ପାରାଦ୍ୱୀପ,(ଡିକେ ନ୍ୟୁଜ):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଦୁର୍ଘଟଣା ଘଟି ଦୁଇ ଆଇପିଟି ବା ଇଣ୍ଟ୍ରା ପୋର୍ଟ ଟ୍ରାନ୍ସପୋର୍ଟର ଡ୍ରାଇଭର ମୃତ। ମୃତକଙ୍କ ପରିଚୟ ହେଉଛି ଜଣକର ନାମ ରତ୍ନାକର ସ୍ୱାଇଁ ଓ ତାଙ୍କ ଘର ଅସ୍ତରଙ୍ଗ ଅଞ୍ଚଳରେ ଡେରୁଣିଆ ହୋଇଥିବା ବେଳେ ଅନ୍ୟ ଜଣକର ନାମ ଚନ୍ଦନ ଜେନା ଓ ତାଙ୍କ ଘର ସ୍ଥାନୀୟ ଷଣ୍ଢ କୁଦ ଅଞ୍ଚଳରେ ବୋଲି ଜଣାପଡିଛି। ତେବେ ଘଟଣାଟି ଜଣାପଡିଛି ଯେ ଗୋଟିଏ ଆଇପିଟି ଗାଡ଼ି ଖରାପ୍ ହେବାରୁ ତାର ଡ୍ରାଇଭର ଜଣକ ଆଉ ଜଣେ ତାର ସହଯୋଗୀ ଡ୍ରାଇଭରକୁ ଡ଼ାକି ଦୁଇଜଣ ଯାକ ସେହି ଗୋଟିଏ ଗାଡ଼ି ଭିତରେ ପଶି ମରାମତି କରୁଥିଲେ ଠିକ୍ ଏହି ସମୟରେ ଆଉ ଗୋଟିଏ ଆଇରନ୍ ଡାଲା ବଡ଼ି ଗାଡ଼ି ଦ୍ରୁତ ଗତିରେ ଆସି ଉକ୍ତ ବ୍ରେକ୍ ଡାଉନ୍ ହୋଇଥିବା ଆଇପିଟି ଡ୍ରମ୍ପରକୁ ଧକ୍କା ଦେଇଥିଲା। ଦୁର୍ଘଟଣାଟି ଏପରି ଘଟିଥିଲା ଯେ ଡାଲା ବଡ଼ି ଗାଡ଼ିଟି ପିଟିହେବା ପରେ ଉକ୍ତ ଆଇପିଟି ଡ୍ରମ୍ପରର କେବିନ୍ ବଡିରୁ ବାହାରି ତଳେ ପଡ଼ିଥିଲା ଯେଉଁଥିରେ କି ମରାମତି କାର୍ଯ୍ୟ କରୁଥିବା ଉକ୍ତ ଦୁଇ ଡ୍ରାଇଭର ସେଥିରେ ଚାପି ହୋଇ ଯାଇଥିଲେ। ତେବେ ଖବର ପାଇ ଅନ୍ୟ ଡ୍ରାଇଭର ସହଯୋଗୀ ମାନେ ଆସି ଉକ୍ତ ଡ୍ରାଇଭରଙ୍କୁ ଉଦ୍ଧାର କରି ସ୍ଥାନୀୟ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ ସୁଦ୍ଧା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଖବର




ପ୍ରଚାରିତ ହେବାପରେ ଆପିଟି ଡ୍ରମ୍ପର୍ ଡ୍ରାଇଭରମାନଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଛି। ଯାହାକୁ ନେଇ ମଧ ରାତ୍ରରୁ କାର୍ଯ୍ୟବନ୍ଦ ହୋଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ବନ୍ଦରର ସମସ୍ତ ଗେଟ୍ ସାମ୍ନାରେ ବସି ରହିଥିଲେ। ତେବେ ଦୀର୍ଘ ଘଣ୍ଟା ପରେ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଓ ପାରାଦ୍ୱୀପ ଅତିରିକ୍ତ ଆରୋକ୍ଷୀ ଅଧୀକ୍ଷକ ସ୍ମୃତି ରଞ୍ଜନ କର ଡମ୍ପର୍ ଆସୋସେସନ୍ ସଭାପତି ବିଜୟ ନାୟକ ଓ ପାରାଦ୍ୱୀପ ବନ୍ଦର ଉଚ୍ଚ ଅଧିକାରୀମାନେ ପହଞ୍ଚି ଘଟଣାର ଅନୁଧାନ କରିବା ପରେ ଦୁଇ ମୃତକଙ୍କ ପରିବାରକୁ ପାରାଦ୍ୱୀପ ବନ୍ଦର ପକ୍ଷରୁ ୧୦ ଲକ୍ଷ, ଷ୍ଟିବିଡୋଟ୍ ସଂଘ ପକ୍ଷରୁ ୫ଲକ୍ଷ ୨୦ହଜାର ଓ ଡମ୍ପର୍ ଓନର୍ସ ଆସୋସେସନ୍ ପକ୍ଷରୁ ୨ ଲକ୍ଷ ୨୦ହଜାର ଟଙ୍କା ବା ୧୭ ଲକ୍ଷ ୪୦ ହଜାର ଟଙ୍କା ଜଣକା ସହାୟତା ଓ ଇନସ୍ୟୁରାନ୍ସ ବାବଦରେ ଯାହା ମିଳିବା କଥା ମିଳିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଦିନ ଦୁଇଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଗଞ୍ଜାମରେ ଏବେ ଅପରାଧୀ ସକ୍ରିୟ କଥା କଥାରେ ବୋମା ଓ ଗୁଳି ଫୁଟୁଛି

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଗଞ୍ଜାମରେ ଏବେ ଅପରାଧୀ ସକ୍ରିୟ। କଥା କଥାରେ ବୋମା ଓ ଗୁଳି ଫୁଟୁଛି। ଅପରାଧୀଙ୍କ ପାଖରେ ରହିଛି ମାରଣାସ୍ତ୍ର ଓ ବନ୍ଧୁକ। ଗଞ୍ଜାମ ଜିଲ୍ଲା ଏବେ ବହୁଳ ପାହାଡ଼ରେ ଠିଆ ହୋଇଥିବା ବେଳେ ପୋଲିସ ଅପରାଧୀଙ୍କୁ ଧରିବାକୁ ଚଢ଼ଉ ଜାରି ରଖିଛି। ଜିଲ୍ଲାରେ ବିଶେଷଭାବେ ଆସିକା, ଭଞ୍ଜନଗର, ପଇକୋଷାୟ ଅଞ୍ଚଳରେ ଅପରାଧୀ ଆତଙ୍କ ଖେଳାଉଥିବା ବେଳେ ସେମାନଙ୍କ ପାଖକୁ ଗଦା ଗଦା ବନ୍ଧୁକ କୋଉଁଠୁ ଆସୁଛି ତାହା ଏବେ ଚିନ୍ତାର କାରଣ ହୋଇଛି। ଆସିକା ପୋଲିସ କବ୍‌ଜାରେ ବଡ଼ ର୍‍ୟାକେଟ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଅପରାଧୀ ବନ୍ଧୁକ ଦେଖାଇ ଆତଙ୍କ ଖେଳାଉଛନ୍ତି। ସେହିପରି ଗଞ୍ଜାମରେ ମଧ କିଛି ଅପରାଧୀ ବନ୍ଧୁକ ରଖିଥିବା ସୁରାକ୍ ପାଇବା ପରେ ଆସିକା ଥାନା ପୋଲିସ ସପ୍ତାହେ ହେଲା ଚଢ଼ଉ ଜାରି ରଖି ବଡ଼ ର୍‍ୟାକେଟକୁ କାବୁ କରିଛି। ସେମାନଙ୍କ ଠାରୁ ବହୁ ସଂଖ୍ୟାରେ



ବନ୍ଧୁକ ଓ ଗୁଳି ମିଳିଥିବା ବେଳେ ସେମାନଙ୍କ ଚେର କେତେଦୂର ଲମ୍ବିଛି ତାହାର ତନାଘନା କରୁଛି ପୋଲିସ। ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଆସିକା ଏସଡିପିଓ ସନ୍ତୋଷ ଜେନା ଓ ଆସିକା ଥାନା ଆଇଆଇସି କୁଳମଣି ସେଠୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ କରଯାଇ ଆସିକା ଅଞ୍ଚଳରେ ବହୁ ଅପରାଧୀଙ୍କ ଘରେ ଚଢ଼ଉ ହୋଇଥିଲା। କିଛି ଦୁର୍ଦ୍ଦାନ୍ତ ଅପରାଧୀ ପୋଲିସ କବ୍‌ଜାରେ ଅଛନ୍ତି ଏବଂ ସେମାନଙ୍କ ଠାରୁ ବିପୁଳ ପରିମାଣର ମାରଣାସ୍ତ୍ର ଜବତ ହୋଇଥିବା ସୁରାକ୍ ମିଳିଛି। ସାଧାରଣ ନିର୍ବାଚନ ପରେ କିଛି ପେସାଦର ଅପରାଧୀ ଗୋଷ୍ଠୀ ହୋଇ ପତିଆରାଜାହିର କରିବାକୁ ଉଦ୍ୟମ ଚଳାଇଥିଲେ। ସେମାନେ ବିଭିନ୍ନ ମାଧ୍ୟମରେ ବାହାର ରାଜ୍ୟରୁ ବନ୍ଧୁକ ଆଣି ଏଠାରେ ଗଚ୍ଛିତ ରଖିଥିବା ପୋଲିସ ସୁରାକ୍ ପାଇବା ପରେ ଚଢ଼ଉ ହୋଇଥିଲା। ଆସିକା ପୋଲିସ ଏବେ ୮ରୁ ଅଧିକ ଅପରାଧୀଙ୍କୁ ଅଟକ ରଖିଥିବା ବେଳେ ସେମାନଙ୍କ ଠାରୁ ବହୁ ସଂଖ୍ୟାରେ ବନ୍ଧୁକ ମିଳିଥିବା ଚର୍ଚ୍ଚା ହେଉଛି। ୨୦୨୦ ନଭେମ୍ବରରେ ତତ୍କାଳୀନ ଥାନା ଆଇଆଇସି ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଅପରାଧ ଓ ଅପରାଧୀ ମୁକ୍ତ ଗଞ୍ଜାମ ଅଭିଯାନ କରିଥିଲେ। ୧୫ଦିନର ଅପରେସନରେ ପୋଲିସ ୮ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରି ସେମାନଙ୍କ ଠାରୁ ୧୦ଟି ମାଉଜର, ୫୩ଟି ଗୁଳି ଓ ୧୨ଟି ବୋମା ଜବତ କରିଥିଲା ପୋଲିସ। ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା ଓ ଆଇଆଇସି କୁଳମଣି ସେଠୀ କାର୍ଯ୍ୟରେ ଯୋଗ ଦେବା ପରଠୁ ବନ୍ଧୁକ ଚାଲାଣ ର୍‍ୟାକେଟକୁ ଧରିବାକୁ ଅପରେସନ୍ ଜାରି ରଖିଥିଲେ। ପୋଲିସକୁ ବଡ଼ ସଫଳତା ମିଳିଥିବା ଜଣାପଡ଼ିଛି। ରବିବାର ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଏ ନେଇ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

# ଫ୍ଲାଏ ଓଭରରୁ ତଳକୁ ଖସିଲା ଟ୍ୟାଙ୍କର



ରାୟଗଡ଼ା, (ଡିକେ ନ୍ୟୁଜ୍): ରାୟଗଡ଼ା ସହର ମଧ ଦେଇ ଯାଇଥିବା ୩୨୬ନଂ ଜାତୀୟ ରାଜପଥରେ ରହିଥିବା ପୁରୁଣା ତଥା ଏକମାତ୍ର ଫ୍ଲାଏ ଓଭର ଉପରେ ଭାରସାମ୍ୟ ହରାଇ ତଳକୁ ଓଲଟି ପଡ଼ିଛି ଏକ ଟ୍ୟାଙ୍କର। ଏହି ଟ୍ୟାଙ୍କର ଓଲୋଟି ପଡ଼ିବାରୁ ଫ୍ଲାଏ ଓଭରର ପାର୍ଶ୍ୱ ପାଚେରି ଭାଙ୍ଗି ଯାଇଛି। ତେବେ ତଳେ ବେଆଇନ ଭାବେ ବସିଥିବା ବଜାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଧନଜୀବନ ସୁରକ୍ଷିତ ରହିଛି। ଟ୍ୟାଙ୍କର ଓଲଟି ପଡ଼ିବା ପରେ ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, କୋରାପୁଟ ରାସ୍ତାରୁ ବ୍ରହ୍ମପୁର ରାସ୍ତାରେ ଫେରୁଥିବା ଏକ ଖାଲି ଟ୍ୟାଙ୍କର ସହରର ଜାତୀୟ ରାଜପଥ କଡ଼ରେ ଥିବା ଫ୍ଲାଏ ଓଭର ଉପର ଦେଇ ଯାଉଥିଲା। ଏହି ସମୟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଟ୍ୟାଙ୍କର ଓଲଟି ତଳେ ସହର ମଝିରେ ପଡ଼ିଯାଇଛି। ଖବର ପାଇ ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିଜେ କହଁର ଦମକଳ ବାହିନୀକୁ ସୂଚନା ଦେବା ସହ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଖବର ପାଇ ରାୟଗଡ଼ା ଏସଡିପିଓ ଗୌରୀ ଶଙ୍କର ସାହୁ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଫ୍ଲାଏ ଓଭରରୁ ଟ୍ୟାଙ୍କର ଓଲଟି ପଡ଼ିବା ସମୟରେ ଏକ ସ୍କୁଟି ନଂ ଓଡ଼ି ୧୮ଏଲ ୦୯୪୭ ମଧ ତା' ସହିତ ତଳକୁ ଟାଣି ହୋଇଯାଇଥିଲା। ତେବେ ସ୍କୁଟି ଚାଳକ ନିଜକୁ ସୁରକ୍ଷିତ ରଖିବା ପାଇଁ ସ୍କୁଟିରୁ ଡେଇଁ ପଡ଼ିଥିଲେ। ତେବେ ଏହି ଘଟଣାରେ କେହି ଆହତ ହୋଇନଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ବରପାଲିର ଶୀତଳ ଷଷ୍ଠୀ ଆୟୋଜନ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



ବରପାଲି, (ଡିକେ ନ୍ୟୁଜ୍): ବରଗଡ ଜିଲ୍ଲା ବରପାଲି ବ୍ଲକ ସଭାଗୃହ ଠାରେ ବରପାଲି ତହସିଲଦାର ରୁକ୍ମଣ ମେହେରଙ୍କ ଅଧ୍ୟକ୍ଷତାରେ ମହାନ ପୌରାଣିକ ୧୪୮ତମ ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବର ଆୟୋଜନ ନିମନ୍ତେ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲୋକ ପ୍ରତିନିଧି ତଥା କମିଟିର ସମସ୍ତ ସଦସ୍ୟଙ୍କ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେପୁର ବିଧାୟକ ସନତ କୁମାର ଗଡତୀୟା, ବରପାଲି ବ୍ଲକ ଚେୟାରମେନ ରୀନା ଥଇତ, ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଏସଡିପି ଓ ପଦାରବିନ୍ଦ ତ୍ରିପାଠୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ଏନଏସି ଅଧ୍ୟକ୍ଷ ଦୀନେଶ ଗହୀର, ସାଂସଦ ପ୍ରତିନିଧି ପଦ୍ମଲୋଚନ ସାହୁ, ବରପାଲି ବ୍ଲକ ବିଡ଼ିଓ ସୁମନ୍ତ କୁମାର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରତ୍ନକୁମାର ଭୋଇ ମଞ୍ଚାସିନ ରହିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ, ଜଳସମ୍ପଦ ବିଭାଗ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ, ପୋଲିସ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ୧୪୮ତମ ବରପାଲି ଶୀତଳ ଷଷ୍ଠୀ ଯାତ୍ରାର ଆୟୋଜନ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ, ବରିଷ୍ଠ ସଭ୍ୟ ପିନାକୀ ଦାଶଙ୍କ ସମେତ ହିମାଦ୍ରୀ ନଗର ପାର୍ବତୀ ବିବାହ ଉତ୍ସବ କମିଟି ସଭାପତି, ବରପାଲିର ବିଭିନ୍ନ ଅନୁଷ୍ଠାନର ସଭାପତି, ସମ୍ପାଦକମାନେ ଉପସ୍ଥିତ ରହି ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବର ସୁପରିଚାଳନା ଓ ବିଭିନ୍ନ ସମସ୍ୟା ଯଥା ଯାତ୍ରା ସମୟରେ ବାଧା ସୃଷ୍ଟି ହେଉଥିବା ରାସ୍ତାର ସଂପ୍ରସାରଣ, ରାସ୍ତା ଓ ନାଳ ନର୍ଦ୍ଦମାର ସଫେଇ, ଜବରଦଖଲ ଥିବା ଉଠା ଦୋକାନ ହଟାଇବା, ଯାତ୍ରା ସମୟରେ ପିଇବା ପାଣି ଓ ବିଦ୍ୟୁତ ସମସ୍ୟା ଭଳି ବିଭିନ୍ନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ପରିଶେଷରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଡହାଣ୍ଡି ଡୋକାରିଚଞ୍ଚରା ସୁରକ୍ଷା ମଞ୍ଚ ପକ୍ଷରୁ ବୈଠକ

ଧର୍ମଗଡ଼, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ଅନନ୍ୟ ପର୍ଯ୍ୟଟନସ୍ଥଳୀ ତଥା ମଧୁ ମାଧବ ତୀର୍ଥକ୍ଷେତ୍ର ପାଇଁ ପ୍ରସିଦ୍ଧ ଗୁଡହାଣ୍ଡି ଡୋକାରିଚଞ୍ଚରାକୁ ନେଇ ବିଗତ ଦିନରେ କମିଟି ସମ୍ପ୍ରସାରଣକୁ ନେଇ ବିବାଦ ଉପୁଜିଥିବା ବେଳେ ଦୀର୍ଘ ବର୍ଷରୁ ଗୁଡହାଣ୍ଡି ଉନ୍ନୟନ କମିଟି ଏହି ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଥିବା ବେଳେ ସ୍ଥାନୀୟ ଡୁଡୁକାଠେଙ୍ଗା ପଞ୍ଚାୟତ ଅଞ୍ଚଳର ଗ୍ରାମବାସୀମାନେ ବିଗତ କିଛିବର୍ଷ ହେବ ଏହି କମିଟିକୁ ବିରୋଧ କରି ସାହାଜଖୋଲ ଜଙ୍ଗଲ ତାଙ୍କ ପଞ୍ଚାୟତ ଅଧୀନରେ ଆସୁଥିବା ନେଇ ଦାବି କରି ବିରୋଧ ଓ ପ୍ରତିବାଦ କରିଥିଲେ। ପରବର୍ତ୍ତୀ ସମୟରେ ଧର୍ମଗଡ଼ ବନାଞ୍ଚଳ ବିଭାଗ ଦ୍ୱାରା ଅନୁମୋଦନ ପ୍ରାପ୍ତ ହୋଇ ଇକୋ ଟୁରିଜମ ଗ୍ରୁପ ଗଠନ କରିଥିଲେ। ତେବେ ପର୍ଯ୍ୟଟନସ୍ଥଳୀ ଓ ଶ୍ରୀରାମ ମନ୍ଦିର ପରିଚାଳନା ନେଇ ଉଭୟ କମିଟି ମଧ୍ୟରେ ବୁଝାମଣା ନହେବାରୁ ମାମଲା ଆମପାଣି ଥାନା ଓ ପରେ ଜିଲ୍ଲା ପ୍ରଶାସନ ନିକଟରେ ପହଞ୍ଚିଥିଲା। ପରେ



ଉଭୟ ପକ୍ଷଙ୍କୁ ଆମପାଣି ଥାନାରେ ସମାଧାନ ଡକାଯାଇଥିଲା, ହେଲେ କୌଣସି ନିଷ୍କର୍ଷ ନ ହେବାରୁ ପାଇଁ ଗତ ଶ୍ରୀରାମ ନବମୀ ମହୋତ୍ସବକୁ ଧର୍ମଗଡ଼ ଉପଖଣ୍ଡ ପ୍ରଶାସନ ପକ୍ଷରୁ ନୂତନ ଇଟିଜି କମିଟିକୁ ସମ୍ପାଦନ କରିବାକୁ ଦାୟିତ୍ୱ ମିଳିଥିଲା। ଏହି ଘଟଣା ପରେ ଗୁଡହାଣ୍ଡି ଡୋକାରିଚଞ୍ଚରା ସୁରକ୍ଷା ମଞ୍ଚ ପକ୍ଷରୁ ଆବାହକ ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ରବିବାର କୋକସରା ବ୍ଲକ ଟେମରା ଗ୍ରାମ ବଜାର ପଡିଆରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ପୂର୍ବତନ ଗୁଡହାଣ୍ଡି ଉନ୍ନୟନ କମିଟିର ସଭାପତି ଭଦରେଶ୍ୱର ପାତ୍ର, ଉପ ସଭାପତି ଘନଶ୍ୟାମ ନାଏକ, ସଦସ୍ୟ ଗୋବିନ୍ଦ ପାଟ୍ଟଯୋଶୀ, ଚକାଡୋଳା ପାତ୍ର, ଘନଶ୍ୟାମ ନାଏକ, ବରିଷ୍ଠ ଶିକ୍ଷାବିଦ ଅଶୋକ କୁମାର ଦାସ, ବିଜେପି ନେତା ସୁଧୀର ପାତ୍ର, ଆମପାଣି ମଣ୍ଡଳ ବିଜେପି ସଭାପତି ମଧୁବନ ପାତ୍ର, ଯୁବନେତା ତ୍ରିଭୁବନ ନାଏକ, ବରିଷ୍ଠ କଂଗ୍ରେସ ନେତା ନିମାଇଁ ଧ.ମାଝୀ ଓ ଅନ୍ୟ ସଚେତନ ନାଗରିକମାନେ ଉପସ୍ଥିତ ରହି ଗୁଡହାଣ୍ଡି ଡୋକାରିଚଞ୍ଚରା ହେଉଛି କଳାହାଣ୍ଡି ତଥା କୋକସରା ବ୍ଲକର ଗର୍ବ ଓ ଗୌରବମୟ ଇତିହାସ ବହନ କରୁଥିବା ସନାତନ ଧର୍ମାବଲମ୍ବୀଙ୍କ ପୀଠ ସହ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମଣ୍ଡିତ ପର୍ଯ୍ୟଟନସ୍ଥଳୀ। ଏହି ବୈଭବମୟ ସ୍ଥାନକୁ ଗୋଟିଏ ପଞ୍ଚାୟତ ମଧ୍ୟରେ ସୀମିତ କରାନଯାଇ ବ୍ଲକର ୨୨ ପଞ୍ଚାୟତର ଜନପ୍ରତିନିଧି, ସଚେତନ ନାଗରିକ ଓ ଉପଖଣ୍ଡ ଓ ବ୍ଲକର ପ୍ରଶାସନିକ ଅଧିକାରୀଙ୍କୁ ଏହି କମିଟିରେ ସ୍ଥାନିତ କରାଯିବା ପାଇଁ ସମସ୍ତେ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ଏହି ପର୍ଯ୍ୟଟନସ୍ଥଳୀର ଭିତିଭୂମିର ବିକାଶ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଦିଗରେ ସହାୟକ ହେବ ବୋଲି ଉପସ୍ଥିତ ଜନପ୍ରତିନିଧି ଓ ସଚେତନ ନାଗରିକ ପ୍ରମୁଖ ମତବ୍ୟକ୍ତ କରିଥିଲେ। ପରିଶେଷରେ ସୁରକ୍ଷା କମିଟି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ପାକିସ୍ତାନ ସହ ବିବାଦ...

ତେବେ ଏହି ରିପୋର୍ଟରେ ଲୋକେସନ୍ ଶ୍ରୀନଗର ବୋଲି କୁହାଯାଇଥିଲା। ଶ୍ରୀନଗର ଆଖପାଖରେ ସୁରକ୍ଷା ବଢାଇ ଦିଆଯାଇଛି, କିନ୍ତୁ ଆତଙ୍କବାଦୀମାନେ ନିଜର ପ୍ଲାନ୍ ବଦଳାଇ ଦେଇଛନ୍ତି ଓ ପହଲଗାମରେ ନିରିହ ପର୍ଯ୍ୟଟକଙ୍କୁ ଟାର୍ଗେଟ କରିଥିଲେ। ଏହାପରେ ଭାରତ ସରକାର ସିନ୍ଧୁ ଜଳ ଚୁକ୍ତିକୁ ରଦ୍ଦ କରିଥିଲେ। ଭାରତର କଡା ଆଭିମୁଖ୍ୟ ପରେ ପାକିସ୍ତାନ ଖୁବ୍ ଭୟଭୀତ ହୋଇଛି। ଭାରତୀୟ ନୌସେନା ଆରବ ସାଗରରେ ସମରାଭ୍ୟାସ୍ କରିଛି। ୩ ମଇରେ ନୌସେନା ଲାଇଭ ଫାଏଲ ଡ୍ରିଲ କରୁଛି। ଏହାର ଅର୍ଥ ବାସ୍ତବିକ ଯୁଦ୍ଧ ଭଳି ସ୍ଥିତି ତିଆରି କରି ସମରାଭ୍ୟାସ କରିବା।

## 'ସ୍ୱଦେଶୀ ଖେଳ କେବଳ...

ସମର୍ଥନ ଆବଶ୍ୟକ ବୋଲି ସେ ଦୃଢ଼ତାର ସହିତ କହିଥିଲେ। ଫ୍ୟାନକୋଡର ପ୍ରତିଷ୍ଠାତା ୟାନିକ୍ କୋଲାକୋ, ପ୍ରଯୁକ୍ତିବିଦ୍ୟାକୁ ଏକ ଖେଳ ପରିବର୍ତ୍ତନକାରୀ ଭାବରେ ଇଙ୍ଗିତ କରିଥିଲେ। ସେ କହିଥିଲେ ଯେ, ପ୍ରବେଶ ଏବଂ ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ। ସଠିକ୍ ପ୍ରଯୁକ୍ତିବିଦ୍ୟା ସହିତ, ଆମେ ପ୍ରଶଂସକଙ୍କ ସହିତ ଅଧିକ ଗଭୀର ସମ୍ପର୍କ ସୃଷ୍ଟି କରିପାରିବା ଏବଂ ଭାରତୀୟ କ୍ରୀଡ଼ାକୁ ବିଶ୍ୱସ୍ତରୀୟ କରିପାରିବା ବୋଲି ସେ ଆହୁରି ମଧ୍ୟ କହିଛନ୍ତି। ଅଧିବେଶନଟି ମନ୍ତ୍ର ମୁମ୍ବଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା, ଯିଏ ବିବିଧ ଅନ୍ତର୍ଦୃଷ୍ଟି ଏବଂ ଭବିଷ୍ୟତ ରଣନୀତିକୁ ଏକତ୍ର କରି ଆଲୋଚନାକୁ ଦକ୍ଷତାର ସହିତ ପରିଚାଳନା କରିଥିଲେ।

## ୧୦୦୮ଟି ସଂସ୍କୃତ ସମ୍ଭାଷଣ...

ସ୍ୱୀକାର କରିଛନ୍ତି। ଏକ ଅଗ୍ରଗାମୀ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ସଂସ୍କୃତର ଅବକ୍ଷୟର ଇତିହାସ ଉପରେ ଧ୍ୟାନ ଦେବା ପରିବର୍ତ୍ତେ, ପ୍ରୟାସ ଏବେ ଏହାର ପୁନରୁଦ୍ଧାନ ଉପରେ ଧ୍ୟାନ ଦେବା ଉଚିତ। ଶ୍ରୀ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ସଂସ୍କୃତକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ ଅଷ୍ଟାଦଶୀ ଯୋଜନା ଅଧୀନରେ ପାଖାପାଖି ୧୮ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ଏବଂ ଭାରତ ସରକାର ଦୁର୍ଲଭ ସଂସ୍କୃତ ଗ୍ରନ୍ଥଗୁଡ଼ିକର ପ୍ରକାଶନ, ବୃହତ କ୍ରୟ ଏବଂ ପୁନଃମୁଦ୍ରଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଅଧିକନ୍ତୁ, ବିଶିଷ୍ଟ ସଂସ୍କୃତ ବିଦ୍ୱାନମାନଙ୍କ ପାଇଁ ପାରିଶ୍ରମିକ ବୃଦ୍ଧି କରାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ମୋଦି ସରକାରଙ୍କ ନୂତନ ଜାତୀୟ ଶିକ୍ଷା ନୀତି (ଏନଇପି) ଭାରତୀୟ ଜ୍ଞାନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛି, ଯାହାର ମୁଖ୍ୟ ସ୍ତମ୍ଭ ହେଉଛି ସଂସ୍କୃତ। ସେ ଉଲ୍ଲେଖ କରିଥିଲେ ଯେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନକୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି। ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସହସ୍ର ଚୂଡ଼ାମଣି ଯୋଜନା ଅଧୀନରେ ସରକାର ଅବସରପ୍ରାପ୍ତ ବିଶିଷ୍ଟ ସଂସ୍କୃତ ବିଦ୍ୱାନମାନଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଶ୍ରୀ ଶାହ ଗୁରୁତ୍ୱାରୋପ କରି କହିଥିଲେ ଯେ ମୋଦି ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଦେଶବ୍ୟାପୀ ଅଭିଯାନ, ଯାହାର ବଜେଟ ପାଖାପାଖି ୫୦୦କୋଟି ଟଙ୍କା, ଯାହାର ଉଦ୍ଦେଶ୍ୟ ହେଉଛି ସଂସ୍କୃତ ଏବଂ ପ୍ରାକୃତ ଭାଷାରେ ବିକ୍ଷିପ୍ତ ପାଣ୍ଡୁଲିପି ସଂଗ୍ରହ କରିବା। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ରେନ୍ଦ୍ର ମୋଦି ପାଣ୍ଡୁଲିପି ସଂରକ୍ଷଣ ପାଇଁ ଉତ୍ସର୍ଗୀକୃତ ୫୦୦କୋଟି ଟଙ୍କାର ମୌଳିକ ପାଣ୍ଠି ସହିତ ଜ୍ଞାନ ଭାରତମ୍ ମିଶନର ଶୁଭାରମ୍ଭ କରିଛନ୍ତି, ଯେଉଁଥିରେ ପ୍ରତ୍ୟେକ ବଜେଟରେ ଯୋଜନାଆବଣ୍ଟନ କରାଯାଇଛି। ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ୫୨ଲକ୍ଷରୁ ଅଧିକ ପାଣ୍ଡୁଲିପି ଡକ୍ୟୁମେଣ୍ଟ ହୋଇସାରିଛି, ପ୍ରାୟ ୩.୫ଲକ୍ଷ ଡିଜିଟାଇଜେସନ୍ ହୋଇଛି ଏବଂ namami.gov.inରେ ଅନଲାଇନ୍ ଉପଲବ୍ଧ କରାଯାଇଛି। ଏହି ବିଶାଳ ପ୍ରୟାସକୁ ସମର୍ଥନ କରିବା ପାଇଁ, ଏହି ବିରଳ ପାଣ୍ଡୁଲିପିର ଅନୁବାଦ ଏବଂ ସଂରକ୍ଷଣ ପାଇଁ ବିଭିନ୍ନ ବିଭାଗ ଏବଂ ଭାଷାର ବିଦ୍ୱାନମାନଙ୍କୁ ନେଇ ଏକ ଦଳ ଗଠନ କରାଯାଇଛି। ଅମିତ ଶାହ କହିଥିଲେ ଯେ ୧୯୮୧ମସିହାରୁ ସଂସ୍କୃତ ଭାରତୀ ଦ୍ୱାରା କରାଯାଇଥିବା କାର୍ଯ୍ୟ ବାସ୍ତବରେ ଅତୁଳନୀୟ। ସଂସ୍କୃତରେ ନିହିତ ଗଭୀର ଜ୍ଞାନର ପୁନରୁଦ୍ଧାର, ପ୍ରଚାର ଏବଂ ସରଳୀକରଣ ମାଧ୍ୟମରେ ବିଶ୍ୱର ଅନେକ ଆହ୍ୱାନର ସମାଧାନ ମିଳିପାରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ସଂସ୍କୃତ ଭାରତୀ ଏହାର ଆରମ୍ଭ ପରଠାରୁ ଏକ କୋଟିରୁ ଅଧିକ ଲୋକଙ୍କୁ କଥିତ ସଂସ୍କୃତ ଭାଷା ସହିତ ପରିଚିତ କରାଇଛି, ଏକ ଲକ୍ଷରୁ ଅଧିକ ସଂସ୍କୃତ ଶିକ୍ଷକଙ୍କୁ ତାଲିମ ଦେଇଛି ଏବଂ ୬୦୦୦ପରିବାରକୁ ପୋଷଣ କରିଛି ଯେଉଁମାନେ କେବଳ ସଂସ୍କୃତରେ କଥାବାର୍ତ୍ତା କରନ୍ତି। ଅଧିକନ୍ତୁ, ବର୍ତ୍ତମାନ ଭାରତରେ ୪୦୦୦ଗ୍ରାମ ଅଛି ଯେଉଁଠାରେ ସମସ୍ତ ଯୋଗାଯୋଗ ସମ୍ପୂର୍ଣ୍ଣ ସଂସ୍କୃତରେ ପରିଚାଳିତ ହୁଏ ଶ୍ରୀ ଶାହ ଉଲ୍ଲେଖ କରିଥିଲେ ଯେ ସଂସ୍କୃତ ଭାରତୀ ୨୬ଟି ଦେଶରେ ୪୫୦୦ଟି କେନ୍ଦ୍ର ପ୍ରତିଷ୍ଠା କରିଛି ଏବଂ ୨୦୧୧ରେ ବିଶ୍ୱର ପ୍ରଥମ ବିଶ୍ୱ ସଂସ୍କୃତ ପୁସ୍ତକ ମେଳାର ଆୟୋଜନ କରିଥିଲା। ଏହା ୨୦୧୩ରେ ଉଜ୍ଜୟନିରେ ସାହିତ୍ୟ ଉତ୍ସବ ମଧ୍ୟ ଆୟୋଜନ କରିଥିଲା। ସେ କହିଥିଲେ ଯେ ଏହି ପ୍ରୟାସ ସଂସ୍କୃତ ପ୍ରତି ଲୋକଙ୍କ ଇଚ୍ଛାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି ଏବଂ ଏହାର ସ୍ୱୀକୃତି ନିରନ୍ତର ଭାବେ ବୃଦ୍ଧି ପାଉଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଦୃଢ଼ତାର ସହ କହିଥିଲେ ଯେ ଯଦିଓ କୌଣସି ଭାଷାକୁ ବିରୋଧ କରାଯାଇନାହିଁ, ତଥାପି କେହି ନିଜ ମାତୃଭାଷାଠାରୁ ଦୂରେଇ ଯାଇପାରିବେ ନାହିଁ-ଏବଂ ସଂସ୍କୃତ ହେଉଛି ପ୍ରାୟ ସମସ୍ତ ଭାରତୀୟ ଭାଷାର ଜନନୀ। ସେ ଏହା କହି ତାଙ୍କର ଅଭିଭାଷଣ ଶେଷ କରିଥିଲେ ଯେ ସଂସ୍କୃତ ଯେତେ ଅଧିକ ସମୃଦ୍ଧ ଏବଂ ଶକ୍ତିଶାଳୀ ହେବ, ଏହା ସମଗ୍ର ଦେଶରେ ପ୍ରତ୍ୟେକ ଭାଷା ଏବଂ ଉପଭାଷାକୁ ସଶକ୍ତ କରିବ।

## ୪ ଦିନ କାଳବୈଶାଖୀ...

ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, କେନ୍ଦୁଝର, ଦେବଗଡ଼, ସୋନପୁର, ବୌଦ୍ଧ, ବଲାଙ୍ଗିର, ନୂଆପଡ଼ା ଜିଲ୍ଲାର ଗୋଟିଏ ଦୁଇଟି ଜାଗାରେ ୩୦-୪୦ କିମି ବେଗରେ ପବନ, ବିଜୁଳି ଘଡ଼ଘଡ଼ି ଆଶଙ୍କା ନେଇ ସତର୍କ କରାଯାଇଛି। ଆସନ୍ତା ୫, ୬, ୭ ତାରିଖରେ ମଧ କାଳବୈଶାଖୀ ପ୍ରକୋପ ରହିବାର ସମ୍ଭାବନା ଅଛି। ୮ ତାରିଖରୁ କାଳବୈଶାଖୀ ପ୍ରକୋପ କମିବ। ତଥାପି ଅଳ୍ପ କିଛି ସ୍ଥାନରେ ବର୍ଷା ହୋଇପାରେ। ଶୁକ୍ରବାର ତୁଳନାରେ ଶନିବାର ରାଜ୍ୟରେ ତାପମାତ୍ରା ସାମାନ୍ୟ ବଢିଥିଲା। ଭଦ୍ରକରେ ପାରଦ ୪୧ ଡିଗ୍ରୀ ସେଲସିୟସ୍ ଛୁଇଁଥିବା ବେଳେ ଝାରସୁଗୁଡ଼ା ୪୦.୬, ସମ୍ବଲପୁର ଓ ସୋନପୁରରେ ମଧ ତାପମାତ୍ରା ୪୦ ଡିଗ୍ରୀରେ ପହଞ୍ଚିଥିଲା। ବଲାଙ୍ଗିର ୩୯.୯, ସୁନ୍ଦରଗଡଡ଼ ୩୯, ଭବାନୀପାଟଣା ୩୯.୫, ଟିଟିଲାଗଡ଼ ୩୯.୫ ଡିଗ୍ରୀ ସେଲସିୟସ୍ ଥିଲା। ଉପକୂଳରେ ଭୁବନେଶ୍ୱର ତାପମାତ୍ରା ୩୬.୬, ଚାନ୍ଦବାଲି ୩୫.୮ ଡିଗ୍ରୀରେ ପହଞ୍ଚିଥିଲା। ପାଣିପାଗ ବିଭାଗର ବିସ୍ତାରିତ ପୂର୍ବାନୁମାନ ଅନୁସାରେ ଆସନ୍ତା ୮ରୁ ୧୪ ତାରିଖ ଭିତରେ ରାଜ୍ୟରେ ତାପମାତ୍ରା ସ୍ୱାଭାବିକଠାରୁ ୧ରୁ ୩ ଡିଗ୍ରୀ ଅଧିକ ରହିପାରେ। ଆଞ୍ଚଳିକ ପାଣିପାଗ କେନ୍ଦ୍ର ଅନୁସାରେ ଆସନ୍ତା ୪ ଦିନ ଯାଏ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ। ତାପରେ ୨ରୁ ୩ ଡିଗ୍ରୀ ବିପାରେ ପାରଦ।

## ସାତ ଦିନରେ ସନ୍ତୋଷଜନକ...

ଦେଇଥିଲେ। ଏପରିକି ବଳକା ରହିଥିବା ଦାରୁ କାଠ ସମୂହରେ ମଧ ଏତେ ବଡ଼ ବିଗ୍ରହ ହୋଇପାରିବ ନାହିଁ ବୋଲି ବିଶ୍ୱକର୍ମା ସେବକମାନେ ସ୍ପଷ୍ଟ କରିଥିଲେ। ଏହି ଘଟଣାରେ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ନାମରେ ନାମରେ ଶ୍ରୀମନ୍ଦିର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା। ଆଇନମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ ଅନୁସାରେ ପୁରା ପ୍ରସଙ୍ଗରେ ରାମକୃଷ୍ଣ ଦାସମହାପାତ୍ରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ନୋଟିସ୍ ଜାରି କରିଥିଲା। ରବିବାର ପୂର୍ବାହ୍ନରେ ତାଙ୍କୁ ପଚରାଉଚରା କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମୟ ଧାର୍ଯ୍ୟ କରିଥିଲେ। ରାମକୃଷ୍ଣଙ୍କ ବିରୋଧରେ ବଡ଼ ଆକ୍ସନ ପାଇଁ ଦାବି ଉଠିଥିବାବେଳେ ଶ୍ରୀମନ୍ଦିର ବାହାରକୁ କେମିତି ଦାରୁ ଗଲା ତାହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଇନ ମନ୍ତ୍ରୀ ପୂର୍ବରୁ କହିଥିଲେ।

## ଘାଟିରୁ ଖସିଲା...

ପରିଣତ ହୋଇଗଲା। ବର୍ତ୍ତମାନ ଶହୀଦ ଯବାନଙ୍କ ମୃତଦେହ ବାହାର କରିବା ପାଇଁ କାମ ଚାଲିଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଭୀର ଖାଲ ମଧ୍ୟକୁ ଖସି ପଡ଼ିଥିଲା। ୩ ଯବାନଙ୍କୁ ସମ୍ମାନ ଜଣାଇବା ପାଇଁ ସେନା ଏକ ଶୋକ ସଭାର ଆୟୋଜନ କରିଥିଲା। ବରିଷ୍ଠ ସେନା ଅଧିକାରୀମାନେ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶହୀଦ ଯବାନଙ୍କ ମଧ୍ୟରେ ଅଛନ୍ତି ଅମିତ କୁମାର, ସୁଜିତ କୁମାର ଏବଂ ମାନ ବାହାଦୁର। ପହଲଗାମ ଆକ୍ରମଣ ପରେ ଜମ୍ମୁ-କଶ୍ମୀରରେ ପ୍ରବଳ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ଏହା ସହିତ, ପୂର୍ବ ଅପେକ୍ଷା ଏହି ସମୟରେ ଅଧିକ ପାଟ୍ରୋଲିଂ କରାଯାଉଛି। ଏହି ପାଟ୍ରୋଲିଂ ସମୟରେ ଏହି ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ୩ ଜଣ ଯବାନ ଶହୀଦ ହୋଇଛନ୍ତି। ପହଲଗାମରେ ଆକ୍ରମଣ ପରଠାରୁ, ସେନା ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରି କାମ କରୁଛି। ଏହି ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା।

# ଅର୍ଜୁନ ହସ କ୍ଲବ ବ୍ରହ୍ମପୁରର ରୌପ୍ୟଜୟନ୍ତୀ ଓ ବିଶ୍ୱହସ ଦିବସ ପାଳିତ

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ସ୍ଥାନୀୟ ସଂସ୍କୃତ ଭବନ, ହିଲପାଟଣା ବ୍ରହ୍ମପୁର ଠାରେ ଅର୍ଜୁନ ହସ କ୍ଲବ ବ୍ରହ୍ମପୁର ପକ୍ଷରୁ ବିଶ୍ୱ ହସ ଦିବସ ତଥା ରୌପ୍ୟ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଆଜିର ଏହି ଉତ୍ସବରେ ଅର୍ଜୁନ ହସ କ୍ଲବର ସଭାପତି ସିମାଂଚଳ ପ୍ରସାଦ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଭୂତି ଭୂଷଣ ଜେନା ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ଭାବରେ ବିଭୂତି ଭୂଷଣ ଜେନା ମନ୍ତ୍ରୀ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଧୂପଦୀପ ପ୍ରଜ୍ଜଳନ ସହ ପୁଷ୍ପମାଲ୍ୟ ପ୍ରଦାନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ସାଂସଦ, ବ୍ରହ୍ମପୁର କେ. ଅନୀଲ କୁମାର ବ୍ରହ୍ମପୁର ବିଧାୟକ ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ କୃଷ୍ଣମୋହନ ପାଠୀ, ଆନ୍ତଜାତୀୟ ଖ୍ୟାତିସମ୍ପନ୍ନ ଅସ୍ଥିଶଲ୍ୟ ବିଶାରଦ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଉତ୍କଳ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଅମର ଆତ୍ମାର ଶାନ୍ତି ଜନନୀ ଗାନ କରାଯାଇଥିଲା। ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଅମର ଆତ୍ମାର ଶାନ୍ତି ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ଡାକ୍ତର ସମରେନ୍ଦ୍ର କୁମାର ସାହୁ ନିଜର ସ୍ୱାଗତ ଅଭିଭାଷଣରେ ଉପସ୍ଥିତ ସମସ୍ତ ଅତିଥି, ସଦସ୍ୟ, କର୍ମକର୍ତ୍ତା ତଥା ପରିବାର ବର୍ଗଙ୍କୁ ସ୍ୱାଗତ କରି ସଂପାଦକୀୟ ବିବରଣୀ ପାଠ କରିଥିଲେ। ସଭାପତି ସୀମାଂଚଳ ପ୍ରସାଦ ବିଷୋୟୀ ନିଜର ସଭାପତି ଅଭିଭାଷଣରେ କ୍ଲବର ଉନ୍ନତି ତଥା ରୌପ୍ୟ ଜୟନ୍ତୀ ଉତ୍ସବକୁ ସଫଳ କରିବାରେ ଉପସ୍ଥିତ ଥିବା ଅତିଥି, ସଦସ୍ୟ, କର୍ମକର୍ତ୍ତା ତଥା ପରିବାର ବର୍ଗମାନଙ୍କୁ ନିଜ ନିଜର ବହୁ ମୂଲ୍ୟବାନ ସମୟ ଦେଇ ଯୋଗ ଦେଇଥିବାର କୃତଜ୍ଞତା ଜ୍ଞାପନ କରିଥିଲେ। ଆଜି ଏହି ସଭାରେ ଉପସ୍ଥିତ ଥିବା ମୁଖ୍ୟଅତିଥି ସମ୍ମାନୀତ ଅତିଥି ଓ ମୁଖ୍ୟବକ୍ତା ନିଜ ନିଜର ବକ୍ତବ୍ୟରେ ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ତଥା ଇଣ୍ଟରନେଟ୍ ଯୁଗରେ ସୁସ୍ଥ ଶରୀର ପାଇଁ ହସ ଓ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ପ୍ରସିଦ୍ଧ ବୈଶାଖମେଳା ପାଇଁ ନିମନ୍ତ୍ରଣ ପ୍ରକ୍ରିୟା ଜାରି



ବରଗଡ, (ଡିକେ ନ୍ୟୁଜ୍): ବରଗଡ ଜିଲ୍ଲାର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ପ୍ରସିଦ୍ଧ ବୈଶାଖ ମେଳା ପାଇଁ ନିମନ୍ତ୍ରଣ ପ୍ରକ୍ରିୟା ଜାରି ରହିଛି। ଆଗାମୀ ୭ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏହି ମହୋତ୍ସବକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯାଇଛି। ବରଗଡ ସାଂସଦ ପ୍ରଦୀପ ପୁରୋହିତଙ୍କ ତତ୍ତ୍ୱାବଧାନରେ ନୃସିଂହନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପଧାନ, ବୈଶାଖ ମେଳା କମିଟି ସଦସ୍ୟ ସଞ୍ଜୀବ ମାଝୀ ପ୍ରମୁଖ ଭୁବନେଶ୍ୱର ଯାଇ କେନ୍ଦ୍ର ହାଉସିଂ ଓ ନଗର ଉନ୍ନୟନ ମନ୍ତ୍ରୀ ଟୋଖନ ସାହୁଙ୍କୁ ସାକ୍ଷାତ କରି ବୈଶାଖ ମେଳାକୁ ନିମନ୍ତ୍ରଣ କରିଥିଲେ। ଏହି ଅବସରରେ ଶ୍ରୀ ନୃସିଂହନାଥ ଓ ବୈଶାଖ ମେଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେହିପରି ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାହାରୀ, ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ରାଜ୍ୟ ଉନ୍ନୟନ ବିଭାଗ କମିଶନର ଅନୁ ଗର୍ଗ, ପୁରୀ ଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ରାଜ୍ୟ ଶ୍ରମ ବିଭାଗ କମିଶନର ଇନ୍ଦ୍ରମଣି ତ୍ରିପାଠି ତଥା ବିଭିନ୍ନ ମନ୍ତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖଙ୍କୁ ବୈଶାଖ ମେଳା ପାଇଁ ଆମନ୍ତ୍ରଣ କରିଥିଲେ। ସୂଚନା ଯୋଗ୍ୟ ଯେ କେଉଁ ଆବହମାନ କାଳରୁ ଅନୁଷ୍ଠିତ ହୋଇ ଆସୁଥିବା ବୈଶାଖ ମେଳାକୁ ପ୍ରତିବର୍ଷ ଶ୍ରଦ୍ଧାଳୁମାନେ ଅପେକ୍ଷା କରି ରହିଥାନ୍ତି। ଏହି ପବିତ୍ର ପୀଠର ମାହାତ୍ମ୍ୟ, ବିଶ୍ୱାସ ଓ ଭକ୍ତି ପାଇଁ ଭକ୍ତଙ୍କୁ ଟାଣି ଆଣି ଥାଏ। ଚଳିତ ବର୍ଷ ମଧ ଓଡ଼ିଶା, ଛତିଶଗଡ଼ ତଥା ବିଭିନ୍ନ ରାଜ୍ୟରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ଏହି ଭାବ ଭକ୍ତି ଭରା ମହୋତ୍ସବକୁ ଆହୁରି ପ୍ରଚାର ପ୍ରସାର କରିବା ପାଇଁ ଚଳିତ ବର୍ଷ ବିଭିନ୍ନ ବର୍ଗର ଲୋକଙ୍କୁ ଆମନ୍ତ୍ରଣ କରାଯାଉଛି। ତେଣୁ ମେଳା କମିଟି ପକ୍ଷରୁ ମଧ ବ୍ୟାପକ ପ୍ରସ୍ତୁତି ଚାଲିଥିବାର ଜଣାଯାଇଛି।

# ପୁଣି ପିଏସ୍ଏଲ ଛାଡ଼ି ଆଇପିଏଲରେ ଯୋଗଦେଲେ ଖେଳାଳି



ନୂଆଦିଲ୍ଲୀ, ୪।୫ (ହି.ସ): ଆଇପିଏଲ ୨୦୨୫ ପାଇଁ ପଞ୍ଜାବ କିଙ୍ଗ୍ସ ଦଳକୁ ବଡ଼ ଝଟକା ଲାଗିଛି। ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ୍ ଆହତ କାରଣରୁ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛନ୍ତି। ତେବେ ଏହି ସ୍ଥାନ ପୂରଣ କରିବା ପାଇଁ ପଞ୍ଜାବ କିଙ୍ଗ୍ସ ନେଇଛି ଏକ ବଡ଼ ନିଷ୍ପତ୍ତି। ଦଳ ମ୍ୟାକ୍ସୱେଲ୍ଙ୍କ ବଦଳରେ ଅଷ୍ଟ୍ରେଲିଆର ବିସ୍ଫୋରକ ଅଲରାଉଣ୍ଡର ମିଚେଲ ଓଭେନଙ୍କୁ ଅଣାଯାଇଛି, ଯିଏ ପାକିସ୍ତାନ ସୁପର ଲିଗ (ପିଏସଏଲ)ରେ ବାବର ଆଜମଙ୍କ ସାଥୀ ଖେଳାଳି ଭାବେ ଚର୍ଚ୍ଚାରେ ରହିଛନ୍ତି। ମିଚେଲ ଓଭେନ ପିଏସଏଲରେ ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଓ ଦକ୍ଷ ବୋଲିଂ ପାଇଁ ଜଣାଶୁଣା। ସେ ବାବର ଆଜମଙ୍କ ସହ ସମାନ ଦଳରେ ଖେଳି ଅନେକ ମ୍ୟାଚରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ଏହି ଅଭିଜ୍ଞତା ଓ ବିସ୍ଫୋରକ ଶୈଳୀ ପଞ୍ଜାବ କିଙ୍ଗ୍ସର ମଧ୍ୟମ କ୍ରମ ଓ ବୋଲିଂ ବିଭାଗକୁ ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି। ପଞ୍ଜାବ କିଙ୍ଗ୍ସ ଏହି ପରିବର୍ତ୍ତନ ସମ୍ପର୍କରେ ସୋସିଆଲ ମିଡିଆ ଜରିଆରେ ସୂଚନା ଦେଇଛି। ଦଳର ଅଧିନାୟକ ଓ କୋଚିଂ ଷ୍ଟାଫ ମିଚେଲଙ୍କୁ ନେଇ ବେଶ ଉତ୍ସାହିତ। ମ୍ୟାକ୍ସୱେଲଙ୍କ ଅନୁପସ୍ଥିତି ନିଶ୍ଚିତ ଭାବେ ଏକ କ୍ଷତି, କିନ୍ତୁ 'ମିଚେଲ ଓଭେନଙ୍କ ଆଗମନ ଦଳକୁ ନୂଆ ଶକ୍ତି ଦେବ' ବୋଲି ଦଳ ପକ୍ଷରୁ କୁହାଯାଇଛି। ଆଇପିଏଲ ୨୦୨୫ରେ ପଞ୍ଜାବ କିଙ୍ଗ୍ସ ଏକ ନୂଆ ରଣନୀତି ସହ ମଇଦାନକୁ ଓହ୍ଲାଇବ। ମିଚେଲ ଓଭେନଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ, କାରଣ ସେ ମ୍ୟାକ୍ସୱେଲଙ୍କ ସ୍ଥାନ ପୂରଣ କରି ଦଳକୁ କେଉଁ ଦିଗରେ ନେଇପାରିବେ, ତାହା ଦେଖିବା ବାକି ରହିଲା।

# ଚେନ୍ନାଇର ନବମ ପରାଜୟ: ପ୍ଲେ ଅଫରେ ଆରସିବି



ବେଙ୍ଗାଲୁରୁ, ୪।୫ (ହି.ସ): ନାଟକୀୟ ତଥା ଶେଷ ବଲ୍ ପର୍ଯ୍ୟନ୍ତ ଉତ୍କଣ୍ଠା ଭରି ରହିଥିବା ଆଇପିଏଲ୍ ମୁକାବିଲାରେ ଚେନ୍ନାଇ ସୁପରକିଙ୍ଗ୍ସକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୨ ରନରେ ପରାସ୍ତ କରିଛି। ତା'ସହିତ ଏକାଦଶ ମ୍ୟାଚରୁ ଅଷ୍ଟମ ବିଜୟ ପାଇ ପ୍ଲେ ଅଫରେ ସ୍ଥାନ ପକ୍କା କରି ନେଇଛି। ଚେନ୍ନାଇ ଶନିବାର ପାରୁ ପର୍ଯ୍ୟନ୍ତ ଲିଥିଲେ ମଧ୍ୟ ଶେଷରେ ଏକାଦଶ ମ୍ୟାଚରୁ ନବମ ପରାଜୟ ବରଣ କରି ସବାଶେଷ ସ୍ଥାନରେ ଅପରିବର୍ତ୍ତିତ ରହିଛି। ୨୧୪ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଚେନ୍ନାଇ ୧୭ ବର୍ଷୀୟ ଆୟୁଷ ମହାତ୍ରେ (୯୪) ଏବଂ ରବୀନ୍ଦ୍ର ଜାଡ଼େଜା (୭୭)ଙ୍କ ଲୁଆ ବ୍ୟାଟିଂ ପାଇଁ ଶେଷ ପର୍ଯ୍ୟନ୍ତ ବିଜୟ ଦୌଡ଼ରେ ରହିଥିଲା। ଶେଷ ଓଭରରୁ ଜିତିବା ପାଇଁ ୧୫ ରନ୍ ଦରକାର ଥିଲା ବେଳେ କିନ୍ତୁ ୨୧୧/୫ରେ ଅଟକି ଯାଇଥିଲା। ୟଶ୍ ଦୟାଲଙ୍କ ଘଟଣା ବହୁଳ ଶେଷ ଓଭରରେ ନୋ'ବଲ୍, ଡିୱାଲ୍ଡ ବ୍ରେଭିସ୍ଙ୍କ ବିଳମ୍ବିତ ଓ ଅସଫଳ ଏଲବିଡବ୍ଲୁ ରିଭ୍ୟୁ, ମହେନ୍ଦ୍ର ସିଂହ ଧୋନିଙ୍କ ବ୍ୟାଟର ମୋଟେଇ ପରୀକ୍ଷା ଏବଂ ଆରସିବି ଖେଳାଳିମାନେ ଅନ୍ୟୁନ ୫ଟି ସହଜ କ୍ୟାଚ୍ ହାତଛଡ଼ା କରିବା ମ୍ୟାଚର ରୋମାଞ୍ଚକୁ ବହୁଗୁଣ ବଢାଇଥିଲା। ୪୦ ଓଭର ହାଇଭୋଲ୍ଟେଜ୍ କ୍ରିକେଟ୍ ପରେ କିନ୍ତୁ ଆରସିବି ବାଜି ମାରି ନେଇଥିଲା। ପୂର୍ବରୁ ଦୁଇଟି ରେକର୍ଡ ଭରା ଅର୍ଦ୍ଧଶତକ ବଳରେ ଆରସିବି ୨୧୩ ରନର ଆହ୍ୱାନଭରା ସ୍କୋର୍ କରିଥିଲା। ପ୍ରଥମରୁ ଦୁଇ ଓପନର ବିରାଟ କୋହଲି (୬୨) ଓ ଜ୍ୟାକବ ବେଥେଲ (୫୫) ୯୭ ରନ୍ ଯୋଡ଼ି ଦୃଢ ମୂଳଦୁଆ ପକାଇଥିଲେ। କୋହଲି (୬୨) ଆଇପିଏଲରେ ସର୍ବାଧିକ ଅର୍ଦ୍ଧଶତକ କରିବାରେ ଡେଭିଡ୍ ୱାର୍ଣ୍ଣରଙ୍କ ସମକକ୍ଷ ହୋଇଥିଲେ। ପୁଣି ଚଳିତ ଆଇପିଏଲର ସର୍ବାଧିକ ରନ୍ ସଂଗ୍ରହକାରୀ (୫୦୫) ହୋଇ ଗୁଜରାଟର ସାଇ ସୁଦର୍ଶନଙ୍କଠାରୁ ନାରଙ୍ଗୀ ଟୋପି ଛଡ଼ାଇ ନେଇଥିଲେ। କୋହଲି ଆଉଟ୍ ହେବା ପରେ ମାତ୍ର ୩୬ ରନରେ ୪ ୱିକେଟ୍ ହରାଇ ଆରସିବି ହଠାତ ଦିଗ ହରାଇଥିଲା। ତେବେ ଶେଷ ୩ ଓଭରରେ ରୋମାରିଓ ସେପାର୍ଡଙ୍କ ଧୂଆଁଧାର ଅର୍ଦ୍ଧଶତକ (୧୪ ବଲରୁ ୫୩ ରନ୍) ବଳରେ ୨୦୦ ଟପି ଯାଇଥିଲା। ରୋମାରିଓ କରିଥିବା ଅର୍ଦ୍ଧଶତକ ଆଇପିଏଲ୍ ଇତିହାସର ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ଥିଲା। ଯଶସ୍ୱୀ ଜୟସ୍ୱାଲ ୨୦୨୩ ମସିହାରେ କେକେଆର୍ ବିପକ୍ଷରେ ୧୩ ବଲରୁ ଅର୍ଦ୍ଧଶତକ ହାସଲ କରି ଏବେବି ଏହିକ୍ରମରେ ଦ୍ରୁତତମ ମୁକୁଟ ନିଜ ପାଖରେ ରଖିଛନ୍ତି। ସେପାର୍ଡଙ୍କ ଆକ୍ରମଣାତ୍ମକ ମୁଦ୍ରା ପାଇଁ ଆରସିବି ଶେଷ ଦୁଇ ଓଭରରେ ଅବିଶ୍ୱସନୀୟ ଭାବେ ୫୪ ରନ୍ ଅମଳ କରି ନେଇଥିଲା। ତୃତୀୟ ତଥା ଶେଷ ପର୍ଯ୍ୟାୟ ସଂପୂର୍ଣ୍ଣ ଭାବେ ସେପାର୍ଡଙ୍କ ନାଁରେ ରହିଥିଲା। ୧୯ତମ ଓଭର ବୋଲିଂ କରିଥିବା ଖଲିଲ୍ ଅହମଦଙ୍କଠାରୁ ସେପାର୍ଡ ୩୩ ରନ୍ (୬, ୬, ୪, ୬, ୭, ୦, ୪) ଆଦାୟ କରିବା ନିର୍ଣ୍ଣାୟକ ହୋଇଥିଲା।

# ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ ନିର୍ବାଚନ

## ବିଜୟ କୁମାର ଜେନା ସଭାପତି, ଧୀରେନ୍ ପଲାଇ ସମ୍ପାଦକ



ଭଦ୍ରକ, ୪।୫ (ଡିକେ ନ୍ୟୁଜ୍): ରବିବାର ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ର ପରିଚାଳନା ସମିତି ପୁନର୍ଗଠିତ ହୋଇଯାଇଛି। ଏଥିପାଇଁ ସାଧାରଣ ସଭାର ଏକ ସ୍ୱତନ୍ତ୍ର ଅଧିବେଶନ ହ୍ୟାପି ହୋମ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ ନିର୍ବାଚନ ଅଧିକାରୀ ରୂପେ ପରିଚାଳନା କରିଥିଲେ। ପର୍ଯ୍ୟବେକ୍ଷକ ରୂପେ ଓଡିଶା କ୍ରିକେଟ୍ ଆସୋସିଏସନ୍ର ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଯୋଗ ଦେଇଥିଲେ। ନିର୍ବାଚନର ଫଳାଫଳ ଔପଚାରିକତା ଥିଲା। ସମିତିର ୧୫ଟି ପଦବୀ ନିମନ୍ତେ ପ୍ରତି ପଦବୀ ପାଇଁ ଗୋଟିଏ ଲେଖାଏଁ ନାମାଙ୍କନ ପତ୍ର ନିର୍ଦ୍ଧାରିତ ସମୟ ସୁଦ୍ଧା ମିଳିଥିବାରୁ ନିର୍ବାଚନ ଅଧିକାରୀ ସାଧାରଣ ସଭାର ଅନୁମୋଦନ କ୍ରମେ ବିଜେତାମାନଙ୍କ ନାମ ଘୋଷଣା କରିଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ଆଇନଜୀବୀ ବିଜୟ କୁମାର ଜେନା ସଭାପତି ରୂପେ ନିର୍ବାଚିତ ହୋଇଥିବା ବେଳେ ଧୀରେନ୍ ପଲାଇ ସାଧାରଣ ସମ୍ପାଦକ ରୂପେ ପୁନଃନିର୍ବାଚିତ ହୋଇଛନ୍ତି। ଦୁଇଟି ଉପସଭାପତି ପଦବୀ ପାଇଁ ଆଇନଜୀବୀ ଯତିକାନ୍ତ ନାୟକ ଓ ବ୍ରଜନାରାୟଣ ଜେନାଙ୍କ ନାମ ଘୋଷଣା କରାଯାଇଛି। ସେହିପରି ବିଜୟ କୁମାର ଲଖାନୀ ଓ ସୁଦାମ କୁମାର ନାୟକ ଯୁଗ୍ମ ସମ୍ପାଦକ ପଦ ପାଇଁ ନିର୍ବାଚିତ ହୋଇଛନ୍ତି। କୋଷାଧ୍ୟକ୍ଷ ରୂପେ ବ୍ୟୋମକେଶ ସେନାପତି ପୁନଃ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ରୂପେ ନିର୍ବାଚିତ ହୋଇଥିବା ୮ ଜଣ ସଦସ୍ୟ ହେଲେ : ପାର୍ଥସାରଥୀ ଗୁହା ଠାକୁରତା ରାୟ, ବେଦପ୍ରକାଶ ଗୁପ୍ତା, ଆଇନଜୀବୀ ପବନ କୁମାର ଶର୍ମା, ଆଇନଜୀବୀ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ସଞ୍ଜୀବ ଦାସ, ସୋମନାଥ ସାହୁ, ଆଇନଜୀବୀ ତୁଷାର କାନ୍ତ ଦାସ ଏବଂ ଓଡିଶାର ବିଶିଷ୍ଟ କ୍ରିକେଟ୍ କୋଚ୍ କେଭି ପ୍ରସାଦ। ଏହି ଅବସରରେ ଓସିଏ ପର୍ଯ୍ୟବେକ୍ଷକ ପ୍ରଭାତ କୁମାର ଭୋଳ ଓ ନିର୍ବାଚନ ଅଧିକାରୀ ଦିବ୍ୟସିଂହ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ବାଚନ ଅଧିକାରୀ ଶ୍ରୀ ନାୟକ ନିଜ ପ୍ରତିକ୍ରିୟାରେ ସଦ୍ୟସମାପ୍ତ ନିର୍ଦ୍ୱନ୍ଦ୍ୱ ନିର୍ବାଚନ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସଦସ୍ୟମାନଙ୍କ ଏକତା ଓ ଉତ୍ତମ ବୁଝାମଣାର ସ୍ପଷ୍ଟ ସଂକେତ ବୋଲି କହିଥିଲେ। ଓସିଏ ପର୍ଯ୍ୟବେକ୍ଷକ ଶ୍ରୀ ଭୋଳ ଓଡିଶାର କ୍ରିକେଟ୍ ମାନଚିତ୍ରରେ ଭଦ୍ରକ ଏକ ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା ସୃଷ୍ଟି କରିଛି ବୋଲି କହିବା ସହ ନବଗଠିତ ପରିଚାଳନା ସମିତି ସେ ସମ୍ମାନର ଧାରା ଅକ୍ଷୁର୍ଣ୍ଣ ରଖିବ ବୋଲି ଆଶା ପ୍ରକାଶ କରିଥିଲେ। ଶେଷରେ ନବନିର୍ବାଚିତ ସଭାପତି ବିଜୟ କୁମାର ଜେନା ପରିଚାଳନା ସମିତି ତରଫରୁ ଏମିତି ଏକ ନିର୍ଦ୍ୱନ୍ଦ୍ୱ ନିଷ୍ପତ୍ତି ନିମନ୍ତେ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସାଧାରଣ ସମ୍ପାଦକ ଧୀରେନ୍ ପଲାଇ ଓ ଆଇନଜୀବୀ ଅତିଶ କୁମାର ବେହେରା ନିର୍ବାଚନ ଅଧିକାରୀ, ଓସିଏ ପର୍ଯ୍ୟବେକ୍ଷକ ତଥା ସାଧାରଣ ସଭାର ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ହ୍ୟାପି ହୋମ୍ ନିର୍ଦ୍ଦେଶିକା ପ୍ରଜ୍ଞା ପରିମିତା ଏହି ସ୍ୱତନ୍ତ୍ର ଅଧିବେଶନକୁ ସଞ୍ଚାଳନ କରିଥିବା ବେଳେ କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ଓଝା ଓ ଅଧୀକ୍ଷକ ରୁଦ୍ର ନାରାୟଣ ବାରିକ ସହଯୋଗ କରିଥିଲେ।

# ଡୋପ୍ ଟେଷ୍ଟର ବିଫଳ ହୋଇ ଅଧାରୁ ଆଇପିଏଲ ଛାଡ଼ିଥିଲେ କାଗିସୋ ରବାଡା



ନୂଆଦିଲ୍ଲୀ, ୪।୫ (ହି.ସ): ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର କାଗିସୋ ରାବାଡା ହଠାତ ଆଇପିଏଲ୍ ଛାଡିବା ନେଇ ନିଜର ନୀରବତା ଭାଙ୍ଗିଛନ୍ତି। ଗୁଜୁରାଟ ଟାଇଟାନ୍ସ ପାଇଁ ଖେଳୁଥିବା ରାବାଡାଙ୍କୁ ଡ୍ରଗ୍ସ ପରୀକ୍ଷାରେ ବିଫଳ ହେବା ପରେ ହଠାତ ଆଇପିଏଲ ଛାଡି ନିଜ ଦେଶ ଦକ୍ଷିଣ ଆଫ୍ରିକା ଫେରିବାକୁ ପଡିଲା ବୋଲି ସେ ସ୍ୱୀକାର କରିଛନ୍ତି। ସେ ନିଜର ଭୁଲ ସ୍ୱୀକାର କରି ଏକ ବିବୃତ୍ତି ଜାରି କରିଛନ୍ତି। ଗୁଜୁରାଟ ଟାଇଟାନ୍ସ ରାବାଡାଙ୍କୁ ୧୦.୭୫ କୋଟି ଟଙ୍କାରେ କିଣିଥିଲା ଏବଂ ସେ ଏହି ସିଜନରେ କେବଳ ୨ଟି ମ୍ୟାଚ୍ ଖେଳିପାରିଥିଲେ। ଏହା ପରେ, ହଠାତ ଏପ୍ରିଲ ୨ ତାରିଖରେ, ରାବାଡା ଆଇପିଏଲ ମଝିରେ ଛାଡି ଦେଶକୁ ଫେରି ଆସିଲେ। ସେତେବେଳେ କୁହାଗଲା ଯେ ସେ ବ୍ୟକ୍ତିଗତ କାରଣରୁ ଫେରି ଯାଇଥିଲେ। ମେ ୨ ତାରିଖରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଗୁଜରାଟ ଟାଇଟାନ୍ସର ବିଜୟର ଗୋଟିଏ ଦିନ ପରେ, ମେ ୩ ଶନିବାର ଦିନ, ରାବାଡା ଦକ୍ଷିଣ ଆଫ୍ରିକା କ୍ରିକେଟର୍ସ ଆସୋସିଏସନ (ଏସଏସିଏ)କୁ ଉଦ୍ଧୃତ କରି ଏକ ବିବୃତ୍ତି ଜାରି କରିଥିଲେ ଏବଂ କହିଥିଲେ ଯେ ତାଙ୍କର ଡ୍ରଗ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବାରୁ ତାଙ୍କୁ ହଠାତ ଆଇପିଏଲରୁ ଫେରିବାକୁ ପଡିଲା। ରାବାଡା ଏହା ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ତାଙ୍କୁ ଅସ୍ଥାୟୀ ଭାବରେ ନିଲମ୍ବିତ କରାଯାଇଛି। ରିପୋର୍ଟ ଅନୁଯାୟୀ, ରାବାଡା ଜାନୁଆରୀ-ଫେବୃଆରୀରେ ଖେଳାଯାଇଥିବା ଏସଏ୨୦ ଲିଗ୍ ସମୟରେ ଏହି ଔଷଧ ବ୍ୟବହାର କରିଥିଲେ, ଯେତେବେଳେ ସେ ଏମଆଇ କେପ୍ ଟାଉନ୍ ପାଇଁ ଖେଳୁଥିଲେ।

# 'ଫୁଲେ'କୁ ସମର୍ଥନ କରି କରମୁକ୍ତ କରିବାକୁ ଦାବି କଲେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ

ମୁମ୍ବାଇ, ୪।୫ (ହି.ସ): ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିବା ଫୁଲେ ଏବଂ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ଜୀବନୀ ଉପରେ ଆଧାରିତ ଚଳଚ୍ଚିତ୍ର 'ଫୁଲେ'କୁ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ ପ୍ରଶଂସା କରିଛନ୍ତି। ମେ' ୧, ୨୦୨୫ରେ ମୁମ୍ବାଇରେ ଆୟୋଜିତ ଏକ ସ୍ୱତନ୍ତ୍ର ସ୍କ୍ରିନିଂରେ, ଅଠାୱଲେ ଚଳଚ୍ଚିତ୍ରଟିକୁ ସାମାଜିକ ଏବଂ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ। ସେ ଏହାକୁ ସମସ୍ତଙ୍କ ପାଇଁ, ବିଶେଷକରି ସାଂସଦ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ନିଶ୍ଚିତ ଭାବରେ ଦେଖିବା ଉଚିତ ବୋଲି କହିଥିଲେ। ଏହି ସିନେମାଟି ୨୫ ଏପ୍ରିଲ ୨୦୨୫ରେ ମୁକ୍ତିଲାଭ କରିଥିଲା। ହେଲେ ଏହାର କାହାଣୀକୁ ନେଇ ବିବାଦ ହେବାରୁ ରିଲିଜ୍ ଘୁଞ୍ଚିଥିଲା। ଏବେ ଫିଲ୍ମ ରିଲିଜ୍ ହେବା ପରେ ଦର୍ଶକଙ୍କୁ ଏହା ବହୁତ ପସନ୍ଦ ଆସୁଥିବା ଜଣାଯାଇଛି। 'ଫୁଲେ' ହେଉଛି ମହାତ୍ମା ଜ୍ୟୋତିବା ଫୁଲେ ଏବଂ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ଜୀବନୀ ଉପରେ ଆଧାରିତ, ଯେଉଁମାନେ ୧୯ଶତାବ୍ଦୀର ଭାରତରେ ଜାତିବାଦ, ନିରକ୍ଷରତା ଏବଂ ଲିଙ୍ଗଗତ ଅସମାନତା ବିରୋଧରେ ଲଢ଼ିଥିଲେ। ଏହି ଚଳଚ୍ଚିତ୍ରଟି ଅନନ୍ତ ମହାଦେବନଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଏଥିରେ ପ୍ରତୀକ ଗାନ୍ଧୀ ଓ ପତ୍ରଲେଖା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହା ବ୍ୟତୀତ ବିନୟ ପାଠକ, ସୁରେଶ ବିଶ୍ୱକର୍ମା ଏବଂ ଦର୍ଶୀଲ ସଫାରୀ ଭଳି କଳାକାର ମଧ୍ୟ ଫିଲ୍ମରେ କାମ କରିଛନ୍ତି।

# 'ସିକନ୍ଦର' ଫ୍ଲପ୍ ହେବାର କାରଣ କହିଲେ ନୱାଜୁଦ୍ଦିନ ସିଦ୍ଦିକି




ମୁମ୍ବାଇ, ୪।୫ (ହି.ସ): ବଲିଉଡ ସୁପରଷ୍ଟାର ସଲମାନ ଖାନଙ୍କ ଫିଲ୍ମ 'ସିକନ୍ଦର' ଏହି ବର୍ଷର ସବୁଠାରୁ ପ୍ରତୀକ୍ଷିତ ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା। କିନ୍ତୁ ଯେତେବେଳେ ଫିଲ୍ମଟି ଥିଏଟରରେ ମୁକ୍ତିଲାଭ କଲା, ଏହା ଦର୍ଶକଙ୍କୁ ପ୍ରଭାବିତ କରିପାରିଲା ନାହିଁ। ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ତେବେ ଏନେଇ ସଲମାନ ଖାନଙ୍କ ସହ-ଅଭିନେତା ନୱାଜୁଦ୍ଦିନ ସିଦ୍ଦିକି ଏବେ ପ୍ରତିକ୍ରିୟା ଦେଇଛନ୍ତି। ଏକ ସାମ୍ପ୍ରତିକ ସାକ୍ଷାତକାରରେ, ନୱାଜୁଦ୍ଦିନ ସିଦ୍ଦିକି ବକ୍ସ ଅଫିସରେ 'ସିକନ୍ଦର'ର ବିଫଳତା ପାଇଁ ନିର୍ମାତାମାନଙ୍କୁ ଦାୟୀ କରିଥିଲେ। ଅଭିନେତା କହିଛନ୍ତି, 'ଏଥିପାଇଁ କେବଳ ଭାଇ (ସଲମାନ ଖାନ) ଉପରେ ଦୋଷ ଢ଼ାଳିଦେବା ଉଚିତ ନୁହେଁ।' ଚଳଚ୍ଚିତ୍ରର କ୍ୱାଲିଟି ପାଇଁ ନିର୍ମାତାମାନଙ୍କୁ କଠିନ ପରିଶ୍ରମ କରିବା ଉଚିତ ଥିଲା। ସେମାନେ ତୁମ ପାଇଁ ସବୁକିଛି କରୁଛନ୍ତି, କିନ୍ତୁ ଯଦି ନିର୍ଦ୍ଦେଶକ ତାଙ୍କ କାମ ଠିକ୍ ଭାବରେ କରନ୍ତି ନାହିଁ, ତେବେ ଆମେ ସମସ୍ତ ଦୋଷ ସୁପରଷ୍ଟାରଙ୍କ ଉପରେ ଲଦିପାରିବୁ ନାହିଁ। ଫିଲ୍ମ ନିର୍ମାଣ ବିଷୟରେ କଥା ହୋଇ ନୱାଜୁଦ୍ଦିନ ସିଦ୍ଦିକି ଆହୁରି କହିଛନ୍ତି, ଜଣେ ସୁପରଷ୍ଟାରଙ୍କ ବିଶେଷତ୍ୱ ହେଉଛି ଯେ ସେ ଏକ ସାଧାରଣ ଫିଲ୍ମକୁ ମଧ୍ୟ ଏକ ବଡ଼ ଆକର୍ଷଣରେ ପରିଣତ କରିପାରିବେ ଯେତେବେଳେ ସଲମାନ ଖାନଙ୍କ ପରି କେହି ଏକ ଫିଲ୍ମ କରିବାକୁ ସାଇନ୍ କରନ୍ତି, ନିର୍ଦ୍ଦେଶକଙ୍କ ଦାୟିତ୍ୱ ବଢ଼ିଯାଏ କାରଣ ସେ ଏତେ ପ୍ରଶଂସକଙ୍କୁ ଆପଣଙ୍କ ପାଖକୁ ଆଣୁଛନ୍ତି। 'ସିକନ୍ଦର' ୩୦ ମାର୍ଚ୍ଚ ୨୦୨୫ରେ ମୁକ୍ତିଲାଭ କରିଥିଲା ଯାହାର ନିର୍ଦ୍ଦେଶନା ଦେଇଥିଲେ ଏଆର ମୁର୍ଗାଦୋସ୍ ଏବଂ ପ୍ରଯୋଜନା କରିଥିଲେ ସାଜିଦ ନାଡିଆଡୱାଲା। ଫିଲ୍ମଟିର ବଜେଟ୍ ୨୦୦ କୋଟି ଟଙ୍କା ଥିଲା ଏବଂ ଏହା ବକ୍ସ ଅଫିସରେ ମାତ୍ର ୧୧୦.୧ କୋଟି ଟଙ୍କା ରୋଜଗାର କରିପାରିଥିଲା ଏବଂ ସଲମାନ ଖାନଙ୍କ ପାଇଁ ଏହା ଏକ ବଡ଼ ଫ୍ଲପ୍ ପ୍ରମାଣିତ ହୋଇଥିଲା।

# ପ୍ରଭାସଙ୍କ ସହ 'ସ୍ପିରିଟ୍' ଫିଲ୍ମରେ ନଜର ଆସିବେ ଦୀପିକା



ନୂଆଦିଲ୍ଲୀ, ୪।୫ (ହି.ସ): ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ମାଆ ହେବା ପରେ ପୁଣି ଥରେ କାମକୁ ଫେରିଛନ୍ତି। ବିରତିରୁ ଫେରିବା ମାତ୍ରେ, ଅଭିନେତ୍ରୀଙ୍କ ପାଖରେ ଗୋଟିଏ ପରେ ଗୋଟିଏ ଫିଲ୍ମର ଅଫର ଅଛି। ୨୦୨୪ ମସିହାରେ ଆସିଥିବା ଫିଲ୍ମ 'କଳ୍କୀ ୨୮୯୮ ଏଡି' ଏବଂ 'କିଙ୍ଗ'ର ସିକ୍ୱେଲ୍ ପରେ, ଦୀପିକାଙ୍କ ହାତରେ ଏବେ ଆଉ ଏକ ବଡ଼ ପ୍ରୋଜେକ୍ଟ ଅଛି। ଏହି ଅଭିନେତ୍ରୀ 'କଳ୍କୀ ୨୮୯୮ ଏଡି' ଅଭିନେତା ପ୍ରଭାସଙ୍କ ସହିତ ଏକ ଫିଲ୍ମ ସାଇନ୍ କରିଛନ୍ତି। ଦୀପିକା ପାଦୁକୋନ ପ୍ରଭାସଙ୍କ ଫିଲ୍ମ 'ସ୍ପିରିଟ୍'ରେ ନଜର ଆସିବେ। ଏହା ଏକ ଆକ୍ସନରେ ପରିପୂର୍ଣ୍ଣ ଫିଲ୍ମ ଯାହାକୁ 'ଆନିମଲ୍' ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗା ନିର୍ଦ୍ଦେଶନା ଦେବେ। ବାସ୍ତବରେ ଦୀପିକା ପୂର୍ବରୁ ୨୦୨୪ ମସିହାରେ ଗର୍ଭବତୀ ଥିବାରୁ ଏହି ଫିଲ୍ମ କରିବାକୁ ମନା କରିଦେଇଥିଲେ। କିନ୍ତୁ ଫିଲ୍ମ ଫୌଜିର ସୁଟିଂ ସମୟରେ ପ୍ରଭାସ ଆହତ ହୋଇଥିଲେ ଏବଂ ତାଙ୍କୁ ଗୁରୁତର ଆଘାତ ଲାଗିଥିଲା, ଯାହା ଫଳରେ ଫିଲ୍ମର ସୁଟିଂ ସ୍ଥଗିତ ରଖିବାକୁ ପଡିଥିଲା। 'ସ୍ପିରିଟ୍'ର ସୁଟିଂ ସ୍ଥଗିତ ରହିବା ଯୋଗୁଁ, ଦୀପିକା ପାଦୁକୋନଙ୍କୁ ପୁଣି ଥରେ ଫିଲ୍ମରେ ସୁଯୋଗ ମିଳିଛି। ଯେତେବେଳେ ସନ୍ଦୀପ ରେଡ୍ଡୀ ଭାଙ୍ଗା ପୁଣି ଥରେ ଦୀପିକାଙ୍କୁ 'ସ୍ପିରିଟ୍'ରେ ଭୂମିକା ପାଇଁ ପ୍ରସ୍ତାବ ଦେଲେ, ଅଭିନେତ୍ରୀ ତୁରନ୍ତ ରାଜି ହୋଇଗଲେ। ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଥିଲା ଯେ ଦୀପିକାଙ୍କୁ ଫିଲ୍ମର ସ୍କ୍ରିପ୍ଟ ଏବଂ ତାଙ୍କ ଭୂମିକା ବହୁତ ପସନ୍ଦ ଆସିଥିଲା। ଦୀପିକା ପାଦୁକୋନ 'ସ୍ପିରିଟ୍' ମାଧ୍ୟମରେ ପ୍ରଥମ ଥର ପାଇଁ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ସହ କାମ କରିବାକୁ ଯାଉଛନ୍ତି, ଯାହା ପାଇଁ ସେ ବହୁତ ଉତ୍ସାହିତ। ଏହି ଫିଲ୍ମରେ ତାଙ୍କ ଭୂମିକା ପାଇଁ ଅଭିନେତ୍ରୀ ଜଣକ ୨୦ କୋଟି ଟଙ୍କା ମଧ୍ୟ ମୋଟା ଅଙ୍କର ଚାର୍ଜ କରିଛନ୍ତି। ପ୍ରଭାସଙ୍କ ଅଭିନୀତ ଏହି ଆକ୍ସନ ଫିଲ୍ମର ନୂତନ ସୁଟିଂ ଅକ୍ଟୋବର ୨୦୨୫ରୁ ଆରମ୍ଭ ହେବ।

# ସିଦ୍ଧାନ୍ତ ଚତୁର୍ବେଦୀଙ୍କୁ ଡେଟ୍ କରୁଛନ୍ତି ସାରା ତେନ୍ଦୁଲକର !

ମୁମ୍ବାଇ, ୪।୫ (ହି.ସ): ଏପର୍ଯ୍ୟନ୍ତ ବଲିଉଡ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ ନାମ ଅମିତାଭ ବଚ୍ଚନଙ୍କ ନାତୁଣୀ ନବ୍ୟା ନନ୍ଦ ନଭେଲିଙ୍କ ସହ ଯୋଡା ହେଉଥିଲା। କିନ୍ତୁ ଏବେ ଖବର ଆସିଛି ଯେ, ସିଦ୍ଧାନ୍ତ ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକରଙ୍କୁ ଡେଟ୍ କରୁଛନ୍ତି। ପୂର୍ବରୁ ସାରା ତେନ୍ଦୁଲକର ଶୁଭମନ ଗିଲଙ୍କ ସହ ସମ୍ପର୍କରେ ଥିବା ଖବର ଆସିଥିଲା। ଫିଲ୍ମଫେୟାରର ଏକ ରିପୋର୍ଟ ଅନୁଯାୟୀ, ସିଦ୍ଧାନ୍ତ ଚତୁର୍ବେଦୀ ଏବଂ ସାରା ତେନ୍ଦୁଲକରଙ୍କୁ ଅନେକ ଥର ଏକାଠି ଦେଖାଯାଇଛି। ଏପରି ପରିସ୍ଥିତିରେ ସେମାନଙ୍କ ଡେଟିଂର ଖବର ଆସିବା ଆରମ୍ଭ ହୋଇଛି। ରିପୋର୍ଟରେ ଲେଖାଯାଇଛି ଯେ, ଉଭୟ ସମ୍ପ୍ରତି ଏକ ସମ୍ପର୍କରେ ଆସିଛନ୍ତି ଏବଂ ସେମାନେ ସେମାନଙ୍କ ସମ୍ପର୍କକୁ ଗୋପନ ରଖିବାକୁ ଚାହୁଁଛନ୍ତି। ପ୍ରକାଶ ଯୋଗ୍ୟ ଯେ, ସାରା ତେନ୍ଦୁଲକରଙ୍କ ନାମ ପୂର୍ବରୁ କ୍ରିକେଟର ଶୁଭମନ ଗିଲଙ୍କ ସହ ଯୋଡା ଯାଇଛି। ତଥାପି, କ୍ରିକେଟର ଜଣକ କିଛି ସମୟ ପୂର୍ବରୁ ସ୍ପଷ୍ଟ କରିଛନ୍ତି ଯେ, ସେ କାହାକୁ ଡେଟ୍ କରୁନାହାଁନ୍ତି। ସିଦ୍ଧାନ୍ତ ଚତୁର୍ବେଦୀ ରଣବୀର ସିଂହଙ୍କ ଫିଲ୍ମ 'ଗଲି ବୟ'ରୁ ବହୁତ ପ୍ରସିଦ୍ଧି ହାସଲ କରିଥିଲେ। ଏହି ଅଭିନେତାଙ୍କୁ ଶେଷ ଥର ପାଇଁ 'ଯୁଦ୍ଧା' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ତାଙ୍କ ସହିତ ମାଳବିକା ମୋହନନ ମଧ୍ୟ ନଜର ଆସିଥିଲେ। ଏହି ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ବର୍ତ୍ତମାନ ସିଦ୍ଧାନ୍ତଙ୍କ ପାଖରେ 'ଧଡକ ୨' ଅଛି ଯେଉଁଥିରେ ତୃପ୍ତି ଡିମ୍ରି ତାଙ୍କୁ ରୋମାନ୍ସ କରୁଥିବା ନଜର ଆସିବେ। ଏହା ବ୍ୟତୀତ ସେ 'ଦିଲ୍ କା ଦରୱାଜା ଖୋଲ୍ ନା ଡାର୍ଲିଂ'ରେ ମଧ୍ୟ ନଜର ଆସିବେ। ଏହି ଫିଲ୍ମରେ ତାଙ୍କ ସହିତ ଜୟା ବଚ୍ଚନ ଏବଂ ୱାମିକା ଗବ୍ବି ମଧ୍ୟ ରହିବେ। ତଥାପି, ଉଭୟ ଫିଲ୍ମର ମୁକ୍ତିଲାଭ ତାରିଖ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।


କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik